R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୨
ତିଥି : ଚତୁର୍ଦ୍ଦଶୀ
୧୮ ମାର୍ଚ୍ଚ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 162
18 March 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### କାବୁଲ ଡାକ୍ତରଖାନା ଉପରେ ପାକ୍ ଆକ୍ରମଣ

# ୪୦୦ ରୋଗୀ ମୃତ, ୨୫୦ ଆହତ

ନୂଆଦିଲ୍ଲୀ, ୧୭ ।୩ : ଆଫଗାନିସ୍ତାନ ଉପରେ ପାକିସ୍ତାନର ବର୍ବରଚିତ ଆକ୍ରମଣକୁ ଭାରତ ନିନ୍ଦା କରିଛି । ପାକିସ୍ତାନ ଆଫଗାନିସ୍ତାନର ଓମିଡି ଡ୍ରଗ୍ସ ଆଡିକ୍ସନ୍ ଟ୍ରିଟ୍‌ମେଣ୍ଟ ହସ୍ପିଟାଲ ଉପରେ ଆକ୍ରମଣ କରିଛି । ଫଳରେ ଏଠାରେ ଚିକିତ୍ସିତ ହେଉଥିବା ୪୦୦ ରୋଗୀଙ୍କର ମୃତ୍ୟୁ ହୋଇଛି ବୋଲି ତାଲିବାନ ପକ୍ଷରୁ କୁହାଯାଇଛି ।

ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି ଯେ ପାକିସ୍ତାନ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ଘୃଣ୍ୟ ଆକ୍ରମର କରିଛି । ଏହି ଆକ୍ରମଣକୁ ଆମେ ନିନ୍ଦା କରୁଛୁ । ଯେଉଁ ହସ୍ପିଟାଲରେ ରୋଗୀମାନେ ଚିକିତ୍ସିତ ହେଉଥିଲେ ତାହା (୯ ପୃଷ୍ଠାରେ)



# ଇରାନ ଉପରେ ଆକ୍ରମଣ ଜାରି ରହିବ : ଇସ୍ରାଏଲ

ନୂଆଦିଲ୍ଲୀ, ୧୭ ।୩ : ଇରାନ ଉପରେ ଇସ୍ରାଏଲ ତା'ର ସାମରିକ ଆକ୍ରମଣ ଜାରି ରଖିବ । ଇସ୍ରାଏଲ ଆକ୍ରମଣ ଯୋଗୁ ଇରାନର ସୁରକ୍ଷା ମୁଖ୍ୟ ଅଲ୍ଲୀ ଲାରିଜାନୀଙ୍କ ସହ ଆଉକିଛି ଅଧିକାରୀଙ୍କ ମୃତ୍ୟୁ ହୋଇଥିବା ଇସ୍ରାଏଲ କହିଛି । ଇରାନ ଉପରେ ଆକ୍ରମଣ ଜାରି ରହିବ ବୋଲି ଭାରତରେ ଥିବା ଇସ୍ରାଏଲ ରାଷ୍ଟ୍ରଦୂତ ରେଉଭେନ୍ ଆଝାର ସୂଚନା ଦେଇଛନ୍ତି ।

ରେଉଭେନ୍ ଆଝାର କହିଛନ୍ତି ଯେ ଇରାନ ସେନାର ବରିଷ୍ଠ କମାଣ୍ଡର ଘୋଲାମରେଜା ସୋଲିମାନୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ଇସ୍ରାଏଲ ଏବେ ଅପରେସନ୍ ଜାରି ରଖିଛି । ଇରାନ ଉପରେ ଆହୁରି ଜବରଦସ୍ତ ଆକ୍ରମଣ କରାଯିବ । ଇରାନର କ୍ଷମତାକୁ ଇସ୍ରାଏଲ ଧ୍ୱଂସ କରିବାରେ ସଫଳ ହୋଇଛି । ଏହି ଅଞ୍ଚଳରେ ତା'ର କ୍ଷମତା ପ୍ରାୟ ୮୦% ହ୍ରାସ ପାଇଛି । ତେହେରାନ ସହ କୂଟନୈତିକ ଆଲୋଚନା



ବିଫଳ ହୋଇଛି । ଇରାନ ଆଣବିକ କାର୍ଯ୍ୟକ୍ରମ ସହ କୌଣସି ବୁଝାମଣା ସହ ମନା କରିଦେଇଥିଲା । ଏହାଛଡା ବାଲାଷ୍ଟିକ୍ ମିସାଇଲର ଉନ୍ନତିକରଣ ଓ ଏହି ଅଞ୍ଚଳରେ ଚାଲୁଥିବା ଛାୟା ଯୁଦ୍ଧକୁ ରୋକିବା ପାଇଁ ମଧ୍ୟ ପଦକ୍ଷେପ ନେଇନଥିଲା । ଇସ୍ରାଏଲ ଓ ଏହାର ସହଯୋଗୀ ଇରାନର ଗୁଇନ୍ଦା ବିଭାଗ ଉପରେ ଗୁରୁତ୍ୱପୂର୍ଣ୍ଣ ମିଶାଇଲ ମାଡକରି ଏହା ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇଛନ୍ତି । ଯୁଦ୍ଧରେ ସାଧାରଣ ଲୋକଙ୍କ ମୃତ୍ୟୁକୁ ନେଇ ହେଉଥିବା ସମାଲୋଚନାର ଜବାବରେ ଆଝାର କହିଛନ୍ତି ଯେ ଇସ୍ରାଏଲ କେବଳ ଇରାନର ସେନା ଭିତ୍ତିଭୂମିକୁ ଟାର୍ଗେଟ କରୁଛି । ସାଧାରଣ ନାଗରିକଙ୍କୁ ଟାର୍ଗେଟ (୯ ପୃଷ୍ଠାରେ)

# ତଦନ୍ତ ରିପୋର୍ଟ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭ ।୩ (ସବ୍ୟୁ): କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳବାର ବିଧାନସଭାରେ

- ଆନ୍ତଃ ବିଭାଗୀୟ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠିତ
- ଅଗ୍ନିକାଣ୍ଡ ଘଟିଥିବା କୋଠାରେ ରାମ୍ପ, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ହାଇଡ୍ରାଣ୍ଟ ଥିଲା

ବିବୃତ୍ତି ରଖିଛନ୍ତି । ସେ କହିଥିଲେ, ତଦନ୍ତ ରିପୋର୍ଟ ଆସିଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆନ୍ତଃବିଭାଗୀୟ ଫାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଗଠନ କରାଯାଇଛି । ଅଗ୍ନିକାଣ୍ଡ ଘଟିଥିବା କୋଠାରେ ରାମ୍ପ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ହାଇଡ୍ରାଣ୍ଟ ଥିଲା । ଗତ ୨୪ ବର୍ଷ ମଧ୍ୟରେ ଅଗ୍ନି ନିରୋଧ ପାଇଁ କୌଣସି ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ନଥିଲା, ଆମ ସରକାର ପ୍ରଥମ ଥର କରିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ ।

ଶୂନ୍ୟକାଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ, ଏହି ଅଗ୍ନି ଦୁର୍ଘଟଣା ଅତି ଦୁଃଖଦାୟକ । ଦୁର୍ଘଟଣା ଘଟିବା ମାତ୍ରେ ଟ୍ରମା କେୟାର ସେଣ୍ଟରର ପ୍ରଥମ ମହଲା ଆଇସିୟୁ ଏବଂ ପାଖାପାଖି ୱାର୍ଡରେ ଥିବା ୨୩ ଜଣ ରୋଗୀଙ୍କୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିଥିଲେ । ସମସ୍ତଙ୍କୁ ଅନ୍ୟ ଆଇସିୟୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା । ଟ୍ରମା କେୟାର ସେଣ୍ଟରରେ ଥିବା ୭ ଜଣ ରୋଗୀଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ୱାର୍ଡ ଓ ଆଇସିୟୁକୁ ସ୍ଥାନାନ୍ତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୫ ଜଣଙ୍କ ଗୁରୁତର ରୋଗୀଙ୍କର ଦେହାନ୍ତ ହୋଇଥିଲା । ଏହି ପରିସ୍ଥିତିର ମୁକାବିଲା କରିବାକୁ ଯାଇ ଦେବଦୂତ ସାଜି ରୋଗୀମାନଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିବା ମେଡିକାଲର କର୍ମଚାରୀମାନଙ୍କ ମଧ୍ୟରୁ ୧୧ ଜଣ ନିଆଁ ପ୍ରଭାବରେ ଆହତ ହୋଇଥିଲେ । ଆହତ କର୍ମଚାରୀମାନଙ୍କର ଚିକିତ୍ସା ଚାଲିଛି ଏବଂ ସେମାନଙ୍କ ଜୀବନ ବିପଦମୁକ୍ତ ଅଛି । (୯ ପୃଷ୍ଠାରେ)

### ବିଧାନସଭାରେ ଏସସିବି ଅଗ୍ନିକାଣ୍ଡ ତାତି

# ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧ ଅଧିବେଶନ ଅଚଳ

ଭୁବନେଶ୍ୱର, ୧୭ ।୩ (ସବ୍ୟୁ): ବିଧାନସଭାରେ ଏସ୍‌ସିବି ମେଡିକାଲ ତାତି । ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟଣାକୁ ବିରୋଧୀ ନିନ୍ଦା କରିବା ସହିତ ପ୍ରବଳ ହଟ୍ଟଗୋଳ କରିଥିଲେ । ବିଜେଡି ସଭ୍ୟମାନେ ଗୃହ ମଧ୍ୟ ଭାଗକୁ ଆସି ଏସସିବିକୁ ମରଣଯନ୍ତା କରୁଛି କିଏ ବିଜେପି ସରକାର ଆଉ କିଏ? ... ନାରା ଦେଇଥିଲେ । ବିଜେଡି ସଭ୍ୟଙ୍କ ସହ ସ୍ୱର ମିଳାଇ କଂଗ୍ରେସ ସଭ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ହୋହାଲ୍ଲା କରିଥିଲେ । ଫଳରେ ପ୍ରଶ୍ନକାଳ ମାତ୍ର ୮ ଚାଲି ପାରିଥିଲା । ପୂର୍ବାହ୍ଣ ୧୦.୩୮ରୁ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ବାଚସ୍ପତି ।



- ମୃତକଙ୍କ ଆତ୍ମୀୟଙ୍କୁ ୫୦ ଲକ୍ଷ ଲେଖାଏଁ ଅନୁକମ୍ପା ସହାୟତା ଦିଅ : ନବୀନ
- ପୋଷ୍ଟର ଧରି ନାରାବାଜି କଲେ ବିଜେଡି ସଭ୍ୟ
- କଂଗ୍ରେସ ସଭ୍ୟ ବି ବିଜେଡି ସହ ସ୍ୱର ମିଳାଇଲେ

୧୨ଟାରୁ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଶୂନ୍ୟକାଳରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ, ଆଜି ମୁଁ ଭାରାକ୍ରାନ୍ତ ହୃଦୟରେ ଏଠାରେ ଠିଆ ହୋଇଛି । ଗତକାଲି ମୁଁ କଟକର ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଥିଲି । ମୁଁ ଯାହା ଦେଖିଲି ତାହା କେବଳ ଏକ ଦୁଃଖଦ ଦୁର୍ଘଟଣାର ଦୃଶ୍ୟ ନୁହେଁ, ବରଂ ଆମ ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଭୁଶୁଡ଼ିପଡୁଥିବା ସୁରକ୍ଷା ବ୍ୟବସ୍ଥା କଥା ମନେ ପକାଇ ଦେଉଛି ।

ସୋମବାର ପ୍ରତ୍ୟୁଷରେ ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଯୋଗୁ ୧୧ (୯ ପୃଷ୍ଠାରେ)

# ୪୫୦୦ କୋଟିର ୨୩ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୧୭ ।୩ (ସବ୍ୟୁ) : ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ) ୨୩ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପରେ ୪୫୧୦.୬୫ କୋଟି ଟଙ୍କା ନିବେଶ ହେବ ଓ ୧୦୧୨୨ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଓଡ଼ିଶା ଏବେ ପୂର୍ବ ଭାରତରେ ଏକ ପ୍ରମୁଖ ଶିଳ୍ପ ନିବେଶର ଲକ୍ଷ୍ୟସ୍ଥଳ ହେବାକୁ ଯାଉଛି ।

ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କାଠ ଭିତ୍ତିକ ଶିଳ୍ପ, ରସାୟନ, ପୋଷାକ, ବୟନ, ଔଷଧ, ମେଡିକାଲ ଯନ୍ତ୍ରାଂଶ, ଉତ୍ପାଦନ, ଆଲୁମିନିୟମ୍ ଆନୁଷଙ୍ଗିକ ଶିଳ୍ପ, ବୈଦ୍ୟୁତିକ ସାମଗ୍ରୀ, ଇସ୍ପାତ ଓ ଧାତବ ଆନୁଷଙ୍ଗିକ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ପ୍ରକ୍ରିୟାକରଣ, ଗହଣା, ଭିତ୍ତିଭୂମି, ପର୍ଯ୍ୟଟନ ଓ ହସ୍ପିଟାଲିଟି କ୍ଷେତ୍ର ରହିଛି । ଏହି ଶିଳ୍ପଗୁଡ଼ିକ ବାଲେଶ୍ୱର, ବଲାଙ୍ଗିର, କଟକ, ଜଗତସିଂହପୁର, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, (୯ ପୃଷ୍ଠାରେ)

# ଅପରେସନ ସାଇବର କବଚ : ୩୭୯ ଗିରଫ, ୭୫୪୯ଙ୍କୁ ନୋଟିସ୍

ଭୁବନେଶ୍ୱର, ୧୭ ।୩ (ସବ୍ୟୁ) : ଅପରେସନ ସାଇବର କବଚରେ ମାସକ ମଧ୍ୟରେ ୩୯,୭୧୪ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯିବା ସହ ୩୭୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏଥିସହ ୭୫୦୦ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ପୋଲିସ ପକ୍ଷରୁ ନୋଟିସ୍ କରାଯାଇଛି ।

ସାଇବର ଅପରାଧ ଓ ଆର୍ଥିକ ଠକେଇ ବିରୋଧରେ ଓଡ଼ିଶା ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ।




ରାଜ୍ୟ ବ୍ୟାପୀ ପୋଲିସ ପକ୍ଷରୁ ଆୟୋଜିତ ହୋଇଥିବା ସ୍ୱତନ୍ତ୍ର ଅଭିଯାନ ଅପରେସନ ସାଇବର କବଚରେ ଉଲ୍ଲେଖନୀୟ ସଫଳତା ମିଳିଥିବା କୁହାଯାଉଛି । ଫେବ୍ରୁଆରୀ ୧୩ ତାରିଖରୁ ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ସାଇବର ଠକେଇର ମୂଳ ଆଧାର ଥିବା ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଓ ନକଲି ସିମ୍ ନେଟ୍‌ୱାର୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପୋଲିସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । (୯ ପୃଷ୍ଠାରେ)

### ୮ ସାଂସଦଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର

ନୂଆଦିଲ୍ଲୀ, ୧୭ ।୩ : ଲୋକସଭାରୁ ନିଲମ୍ବିତ ହୋଇଥିବା ୮ ସାଂସଦଙ୍କର ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନିଆଯାଇଛି । ଏମାନଙ୍କ ମଧ୍ୟରେ ୭ କଂଗ୍ରେସ ସାଂସଦ ଥିବାବେଳେ ଜଣେ ସିପିଏମ୍ ସାଂସଦ ରହିଥିଲେ । ବିଶୃଙ୍ଖଳିତ ଆଚରଣ ଯୋଗୁ ସେମାନଙ୍କୁ ନିଲମ୍ବିତ କରାଯାଇଥିଲା । ମାତ୍ର ଆଜି ଏ ସଂକ୍ରାନ୍ତରେ ଲୋକସଭାରେ ପାରିତ ହେବାପରେ ବାଚସ୍ପତି ଏହି ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି । ବାଚନିକ ଭୋଟ୍‌ରେ ପ୍ରସ୍ତାବକୁ ପାରିତ କରିଦିଆଯାଇଛି । (୯ ପୃଷ୍ଠାରେ)

### ରାଜ୍ୟସଭା କ୍ରସ୍‌ଭୋଟିଂ ନେଇ କାର୍ଯ୍ୟାନୁଷ୍ଠାନ

# ୩ ବିଧାୟକଙ୍କୁ ନିଲମ୍ବନ କଲା କଂଗ୍ରେସ

ଭୁବନେଶ୍ୱର, ୧୭ ।୩ (ସବ୍ୟୁ) : ରାଜ୍ୟସଭା ନିର୍ବାଚନ କ୍ରସ୍ ଭୋଟିଂ କରିଥିବା କଂଗ୍ରେସର ୩ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରାଯାଇଛି । ଏହି ବିଧାୟକମାନେ ଦଳର ନିଷ୍ପତ୍ତିକୁ ଅବମାନନା କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ । ଏହି ବିଧାୟକମାନେ ହେଉଛନ୍ତି ରମେଶ ଜେନା, ଦାଶରଥୀ ଗମାଙ୍ଗୋ ଓ ସୋଫିଆ ଫିର୍ଦ୍ଦୌଶ । ଏମାନଙ୍କ ବିଶୃଙ୍ଖଳିତ ଆଚରଣ ନେଇ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସର ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କୁ ଚିଠି ଲେଖି ଅବଗତ କରାଇଥିଲେ । ଏହାପରେ କେସି ବେଣୁଗୋପାଳ ଏମାନଙ୍କୁ ନିଲମ୍ବିତ କରିବା ପାଇଁ ସବୁଜ ସଙ୍କେତ ଦେଇଥିଲେ । ଏହାପରେ ଏହି ବିଧାୟକମାନଙ୍କୁ ନିଲମ୍ବନ କରାଗଲା



ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ।

ଏହାଛଡା କଟକ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ଦଳ ବିରୋଧୀ ଆଚରଣ ପାଇଁ ପ୍ରାଥମିକ ସଦସ୍ୟତା ପଦରୁ ବହିଷ୍କାର କରାଯାଇଛି । ସେହିଭଳି କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ବାଚସ୍ପତି ସୁରମା ପାଢ଼ୀଙ୍କୁ ଏହି ବିଧାୟକଙ୍କୁ ନିଲମ୍ବନ କରାଯାଇଥିବା ନେଇ ଚିଠି ଲେଖିଛନ୍ତି । କାଡାମ ଉଲ୍ଲେଖ କରିଛନ୍ତି ଯେ କଂଗ୍ରେସ ଏହିମାନଙ୍କୁ ଦଳରୁ ନିଲମ୍ବିତ କରିଛି । ସେମାନେ ଏବେ କଂଗ୍ରେସ ବିଧାୟକ ଦଳ ସହ ନାହାନ୍ତି । ଏମାନଙ୍କ ଆସନକୁ ପୃଥକ୍ କରାଯାଉ । ଏହାଛଡା ଏମାନଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉ । ବାଚସ୍ପତି ଏ ଦିଗରେ ଉଚିତ୍ ପଦକ୍ଷେପ ନେବାକୁ ସେ ଉଲ୍ଲେଖ କରିଛନ୍ତି । ଗଣମାଧ୍ୟମକୁ ସୋସିଆଲ ମିଡିଆ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଥିଲେ ଯେ ବର୍ତ୍ତମାନ ଗ୍ରାମାଞ୍ଚଳଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଜନମାନସରେ କଂଗ୍ରେସ ପ୍ରତି ବିଶ୍ୱାସ ଏବଂ ଆସ୍ଥା ସୃଷ୍ଟି ହୋଇଥିବାବେଳେ କ୍ରସ ଭୋଟିଂ କରିଥିବା ୩ ବିଧାୟକଙ୍କ ଏଭଳି ଆଚରଣ ଅକ୍ଷମଣୀୟ ଅଟେ । କଂଗ୍ରେସର ସଚ୍ଚା ରକ୍ଷକ ଭାବେ ବାହାସ୍ଫୋଟ ମାରୁଥିବା ନେତା କିଭଳି ଗାଇଗୋରୁଙ୍କ ଭଳି (୯ ପୃଷ୍ଠାରେ)

- ବାଚସ୍ପତିଙ୍କୁ ଚିଠି ଲେଖି ଜଣାଇଲେ କାଡାମ

# ବିଜେଡି ମାଗିଲା କାରଣ ଦର୍ଶାଅ ନୋଟିସ୍

### ଚକ୍ରମଣି, ନବ, ସୌଭିକ୍, ସୁବାସିନୀ, ରମାକାନ୍ତ, ଦେବୀରଞ୍ଜନଙ୍କୁ ଜବାବ ମଗାଗଲା

ଭୁବନେଶ୍ୱର, ୧୭ ।୩ (ସବ୍ୟୁ) : ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ବିଜେଡିର ୬ ବିଧାୟକଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏହି ବିଧାୟକମାନେ ହେଉଛନ୍ତି ବାଲିଗୁଡ଼ାର ଚକ୍ରମଣି କହଁର, ଜୟଦେବର ନବ କିଶୋର ମଲ୍ଲିକ, ଚୌଦ୍ୱାର କଟକର ସୌଭିକ୍ ବିଶ୍ୱାଳ, ବସ୍ତାର ସୁଭାସିନି ଜେନା, ତିର୍ତ୍ତୋଲର ରମାକାନ୍ତ ଭୋଇ, ବାଙ୍କୀର ଦେବୀରଞ୍ଜନ ତ୍ରିପାଠୀ ଦଳୀୟ ନିଷ୍ପତ୍ତିକୁ ଉଲ୍ଲଂଘନ କରି ରାଜ୍ୟସଭାରେ ଭୋଟ୍ ଦେଇଥିବାରୁ ବିଜେଡିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ମାର୍ଚ୍ଚ ୨୦ ସନ୍ଧ୍ୟା ୫ଟା ସୁଦ୍ଧା ନୋଟିସ୍‌ର ଜବାବ ଦେବାକୁ କୁହାଯାଉଛି ।

ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ଯେ ବିଜେଡି ଦଳରୁ ଏହି ବିଧାୟକମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ଏବଂ ଦଳରୁ ନିଲମ୍ବିତ କରାନଯିବ ସେହି ଅନୁଯାୟୀ ଜବାବ ରଖିବେ । ଏହାଛଡା ସଠିକ୍ ଆଇନ୍ ଓ ସାମ୍ବିଧାନିକ ପ୍ରକ୍ରିୟା ଏମାନଙ୍କର ସଦସ୍ୟତା ପଦ ରଦ୍ଦ ପାଇଁ ପଦକ୍ଷେପ ନିଆଯିବ ନାହିଁ ସେ ସମ୍ପର୍କରେ ଜବାବ ମଗାଯାଇଛି । ବିଜେଡି ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ଏହି ନୋଟିସ୍ ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ବିଜେଡି ଟିକେଟରେ ଆପଣମାନେ ୨୦୨୬ ବିଧାନସଭା ନିର୍ବାଚନ ଜିତିଥିଲେ । ବିଜେଡି ବିଧାୟକ ଦଳ ବୈଠକରେ ଉପସ୍ଥିତ ରହି ନିଷ୍ପତ୍ତିକୁ ଗତ ୧୫ ତାରିଖରେ ସମର୍ଥନ କରିଥିଲେ । ସୂଚନାଯୋଗ୍ୟ ଗତକାଲି ଅନୁଷ୍ଠିତ ରାଜ୍ୟସଭା ଭୋଟ୍‌ରେ ଏହି ବିଧାୟକମାନେ ଦଳୀୟ ନିଷ୍ପତ୍ତିକୁ ଉଲ୍ଲଂଘନ କରି ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଥିଲେ । ରାଜ୍ୟସଭାରେ ମୁକ୍ତ ଭୋଟ୍ ଥିବାରୁ ଏମାନେ ଭୋଟ୍ ଦେଇଥିବା ଜଣାପଡିଥିଲା । ଆଜି ଏହି ବିଧାୟକଙ୍କ ବିରୋଧରେ କଳୀୟ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ଆରମ୍ଭ ହୋଇଛି ।

- ୨୦ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଉତ୍ତର ରଖିବାକୁ ନିର୍ଦ୍ଦେଶ

# ଭାରତର ସୁଇଜରଲାଣ୍ଡ

ରାଜସ୍ଥାନର ଅଜମେର ଜିଲ୍ଲାସ୍ଥିତ କିଷନଗଡ଼ ନାମକ ଏକ ସ୍ଥାନ ଏବେ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି । ଯାହାକୁ ଅନେକେ 'ମିନି ସ୍ୱିଜରଲ୍ୟାଣ୍ଡ' ବୋଲି କହୁଛନ୍ତି, କିନ୍ତୁ ଏଠାରେ ଦେଖାଯାଉଥିବା ଧଳା ବରଫ ଭଳି ଦୃଶ୍ୟ ପଛରେ ଏକ ଭିନ୍ନ ସତ୍ୟ ଲୁଚି ରହିଛି । ପ୍ରକୃତରେ ଏହା କୌଣସି ପ୍ରାକୃତିକ ବରଫ ନୁହେଁ, ବରଂ ମାର୍ବଲ ଫ୍ୟାକ୍ଟ୍ରିଗୁଡ଼ିକରୁ ବାହାରୁଥିବା ଧଳା ପାଉଡର ଏବଂ ପାଣିର ମିଶ୍ରଣ ଯାହାକୁ 'ମାର୍ବଲ ସ୍ଲରି' କୁହାଯାଏ । ବର୍ଷ ବର୍ଷ ଧରି ଏହି ବର୍ଜ୍ୟବସ୍ତୁ ଏକାଠି ଜମା ହେବା ଫଳରେ ଏହା ଶୁଖିଯାଇ ଏକ ଧଳା ପାହାଡ଼ ଓ ପଡ଼ିଆର ରୂପ ନେଇଛି । ଯାହା ଉପରେ ସୂର୍ଯ୍ୟ କିରଣ ପଡ଼ିଲେ ତାହା ଚକ୍ ଚକ୍ କରେ ଏବଂ ଦୂରରୁ ଦେଖିଲେ ଠିକ୍ କାଶ୍ମୀରର ବରଫପାତ ଭଳି ମନେହୁଏ । ବର୍ତ୍ତମାନ ଏହି ସ୍ଥାନଟି ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହୋଇଛି, ଯେଉଁଠାକୁ ଲୋକମାନେ ପ୍ରି-ୱେଡିଂ ଫୋଟୋସୁଟ୍, ମ୍ୟୁଜିକ୍ ଭିଡିଓ ଏବଂ ସୋସିଆଲ ମିଡିଆ ରିଲ୍ସ ପ୍ରସ୍ତୁତ କରିବା ପାଇଁ ବହୁ ସଂଖ୍ୟାରେ ଆସୁଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ଏହି ସ୍ଥାନର ଅନେକ କ୍ରେଜ ଦେଖିବାକୁ ମିଳିଛି ।



## ସୋସିଆଲ କୋଟ୍ସ



ପ୍ରିୟଦର୍ଶନ ସାରଙ୍କ ସହ କାମ କରିବା ବିଶ୍ୱବିଦ୍ୟାଳୟରେ ମନୋରଞ୍ଜନ ବିଜ୍ଞାନ ପାଠ ପଢିବା ସହିତ ସମାନ । ଏଠାରେ ସମସ୍ତ ଅଭିନେତା ଜଣେ ଜଣେ ଛାତ୍ର ହୋଇଥାଆନ୍ତି ।

**ରାଜପାଲ ଯାଦବ, ଅଭିନେତା**



ଯେତେବେଳେ ବ୍ୟାକ ଟୁ ବ୍ୟାକ୍ ଫିଲ୍ମ ଫ୍ଲପ ହୋଇଥିଲା ସେତେବେଳେ କାନାଡା ଯିବା ପାଇଁ ସ୍ଥିର କରଥିଲି । ସେହିଭଳି ଦେଶଭକ୍ତି ଫିଲ୍ମ ଇମେଜ ପାଇଁ ନୁହେଁ ବରଂ ଏହି କନ୍ସେପ୍ଟ ଭଲ ଲାଗିଥାଏ ତେଣୁ ଏହାକୁ କରିଥାଏ ।

**ଅକ୍ଷୟ କୁମାର, ଅଭିନେତା**



ମୋ ନାମକୁ ସୋସିଆଲ ମିଡିଆରେ ଫ୍ରଡ କରିବା ପାଇଁ ବ୍ୟବହାର କରାଯାଉଛି । ଦୟାକରି କେହି ଏହାକୁ ବିଶ୍ୱାସ କରନ୍ତୁ ନାହିଁ । ମୁଁ କାହା ସହିତ ସୋସିଆଲ ମିଡ଼ିଆରେ ସମ୍ପର୍କ କରିବାକୁ ଚେଷ୍ଟା କରୁନାହିଁ ।

**ଆର ମାଧବନ, ଅଭିନେତା**

## ଗ୍ୟାସ୍ ପାଇଁ ଥାନାରେ

ଉତ୍ତର ପ୍ରଦେଶର ମୈନପୁରୀ ଜିଲ୍ଲାରେ ଗ୍ୟାସ୍ ବ୍ୟବହାରକୁ ନେଇ ଶାଶୁ ଓ ବୋହୂଙ୍କ ମଧ୍ୟରେ ଏକ ଅଜବ ଯୁକ୍ତିତର୍କ ଦେଖିବାକୁ ମିଳିଛି, ଯାହା ଶେଷରେ ପୋଲିସ ଥାନାରେ ପହଞ୍ଚିଛି । ଏଲପିଜି ସିଲିଣ୍ଡରର ଅଭାବ ଦର୍ଶାଇ ଶାଶୁ ଜଣକ ବୋହୂକୁ କିଛି ଦିନ ଚୁଲିରେ ରୋଷେଇ କରିବାକୁ ପରାମର୍ଶ ଦେଇଥିଲେ, କିନ୍ତୁ ଏହି କଥାଟି ବୋହୂକୁ ଆଦୌ ପସନ୍ଦ ଆସିନଥିଲା । ବୋହୂ ଜଣକ ତୁରନ୍ତ ଥାନାରେ ପହଞ୍ଚି ପୋଲିସ ନିକଟରେ ଅଭିଯୋଗ କରିଥିଲେ ଯେ, ଟିଭି ଖବର ଅନୁଯାୟୀ ଦେଶରେ ଗ୍ୟାସ୍‌ର କୌଣସି ଅଭାବ ନାହିଁ । ତେଣୁ ଶାଶୁ ଜାଣିଶୁଣି ମିଛ କହି ତାଙ୍କୁ ହଇରାଣ କରିବା ପାଇଁ ଚୁଲିରେ ରୋଷେଇ କରାଇବାକୁ ଚାହୁଁଛନ୍ତି । ଏହି ପାରିବାରିକ ବିବାଦର ଗମ୍ଭୀରତାକୁ ଦେଖି ପୋଲିସ କୌଣସି ଏଫଆଇଆର ରୁଜୁ ନକରି ଉଭୟଙ୍କୁ ବୁଝାସୁଝା କରିଥିଲେ । ପୋଲିସ ବୋହୂକୁ ପରାମର୍ଶ ଦେଇଥିଲେ ଯେ ଏଭଳି ଛୋଟ ଛୋଟ ଘରୋଇ କଥାକୁ ଘର ମଧ୍ୟରେ ହିଁ ସମାଧାନ କରିବା ଉଚିତ ଏବଂ ପରିବାରରେ ଶାନ୍ତି ରଖିବା ପାଇଁ ଉଭୟ ପକ୍ଷଙ୍କୁ ବୁଝାମଣା କରିବାକୁ କୁହାଯାଇଛି ।



## ହେମାଙ୍କ କ୍ଷୋଭ

ଚଳିତ ବର୍ଷର ପ୍ରତିଷ୍ଠିତ ଓସ୍କାର ଏକାଡେମୀ ଆୱାର୍ଡର 'ଇନ୍ ମେମୋରିୟମ୍' ସେଗମେଣ୍ଟକୁ ନେଇ ସୋସିଆଲ ମିଡିଆରେ ଏକ ବଡ଼ ବିତର୍କ ଆରମ୍ଭ ହୋଇଛି । ଏହି ସମ୍ମାନଜନକ ଶ୍ରଦ୍ଧାଞ୍ଜଳି ସୂଚୀରେ ବଲିଉଡର କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ରଙ୍କ ନାମ ସାମିଲ କରାଯାଇ ନାହିଁ । ପ୍ରାୟ ଛଅ ଦଶନ୍ଧି ଧରି ଭାରତୀୟ ସିନେମାକୁ ସମୃଦ୍ଧ କରିଥିବା ଏହି ମହାନ କଳାକାରଙ୍କୁ ହଲିଉଡର ଏହି ବଡ଼ ମଞ୍ଚରେ ଅଣଦେଖା କରାଯିବାକୁ ନେଇ ତାଙ୍କର କୋଟି କୋଟି ପ୍ରଶଂସକ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ପ୍ରସଙ୍ଗରେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ହେମା ମାଳିନୀ ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଧରମ ଜୀ ନିଜ ଜୀବନରେ ପୁରସ୍କାର ଅପେକ୍ଷା ଦର୍ଶକଙ୍କ ଭଲପାଇବାକୁ ସବୁବେଳେ ଶ୍ରେଷ୍ଠ ସମ୍ମାନ ବୋଲି ମାନୁଥିଲେ । ତେଣୁ ଓସ୍କାର କିମ୍ବା ଅନ୍ୟ କୌଣସି ଆୱାର୍ଡ ପାଇଁ ସେ କେବେ ଚିନ୍ତିତ ନଥିଲେ । ଯଦିଓ ବ୍ରିଟେନର ପ୍ରତିଷ୍ଠିତ ବାଫ୍ଟା ପୁରସ୍କାର ସମାରୋହରେ ତାଙ୍କୁ ସମ୍ମାନର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା, ତଥାପି ଓସ୍କାରର ଏହି ଆଚରଣକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚା ଜାରି ରହିଛି । ହେମାଙ୍କ ମତରେ, ଜଣେ କଳାକାର ପାଇଁ ଲୋକଙ୍କ ହୃଦୟରେ ଥିବା ସ୍ଥାନ ହିଁ ପ୍ରକୃତ ସଫଳତା ଏବଂ ଧର୍ମେନ୍ଦ୍ର ଆଜି ମଧ୍ୟ ନିଜର ଆକ୍ସନ, ରୋମାନ୍ସ ଓ କମେଡି ଭଳି ବହୁମୁଖୀ ପ୍ରତିଭା ପାଇଁ ବିଶ୍ୱବ୍ୟାପୀ ଦର୍ଶକଙ୍କ ସ୍ନେହର ପାତ୍ର ହୋଇ ରହିଛନ୍ତି ।



## ନିଆରା ଖାଦ୍ୟ ପରମ୍ପରା



ଇରାନର ହୋର୍ମୁଜ ଆଇଲାଣ୍ଡରେ ଏକ ଅତି ନିଆରା ଖାଦ୍ୟ ପରମ୍ପରା ରହିଛି, ଯେଉଁଠାରେ ଲୋକମାନେ ମାଛ ସହିତ ପାହାଡ଼ର ନାଲି ବାଲି ମିଶାଇ ଏକ ସ୍ୱତନ୍ତ୍ର ଚଟଣି ପ୍ରସ୍ତୁତ କରି ଖାଇଥାନ୍ତି । ଏହି ନାଲି ମାଟିକୁ ସ୍ଥାନୀୟ ଭାଷାରେ 'ଗେଲକ' କୁହାଯାଏ, ଯେଉଁଥିରେ ପ୍ରଚୁର ପରିମାଣର ଆଇରନ୍ ଏବଂ ଆଣ୍ଟିମାଇକ୍ରୋବିଆଲ୍ ଗୁଣ ରହିଥିବା ବିଶ୍ୱାସ କରାଯାଏ । ଯାହା ଖାଦ୍ୟକୁ ଗରମରେ ଖରାପ ହେବାରୁ ରକ୍ଷା କରିଥାଏ । ଏହି ଚଟଣି ପ୍ରସ୍ତୁତ କରିବା ପାଇଁ ପ୍ରଥମେ ସାର୍ଡିନ ମାଛକୁ ଲୁଣ ସହିତ ମାଟି ପାତ୍ରରେ ଦୁଇ ସପ୍ତାହ ପର୍ଯ୍ୟନ୍ତ ଖରାରେ ରଖାଯାଏ ଏବଂ ପରେ ସେଥିରେ ନାଲି ମାଟିର ପ୍ରଲେପ ସହ କମଳା ଚୋପା ଓ ଲେମ୍ବୁ ପତ୍ର ମିଶାଯାଇ ପୁଣି କିଛି ଦିନ ଖରାରେ ରଖାଯାଏ । ପ୍ରସ୍ତୁତ ହେବା ପରେ ଏହି ରାଗ ଓ ଖଟା ସ୍ୱାଦର ଚଟଣିକୁ ସ୍ଥାନୀୟ 'ଟମଶୀ' ନାମକ ପତଳା ରୁଟି ସହିତ ଜଳଖିଆ ଭାବେ ବହୁତ ଆଗ୍ରହର ସହ ଖିଆଯାଇଥାଏ ।

## ଶୌଚାଳୟକୁ କରାଯାଇଥାଏ ପୂଜା

ଚୀନର ଅନେକ ଗ୍ରାମାଞ୍ଚଳରେ ଆଜି ବି ଶୌଚାଳୟକୁ ପୂଜା କରିବାର ଏକ ଅନନ୍ୟ ପରମ୍ପରା ପ୍ରଚଳିତ ଅଛି । ଯେଉଁଠାରେ ମହିଳାମାନେ ଶୌଚାଳୟର ଦେବୀ 'ଜିଗୁ' ବା 'ପର୍ପଲ ଲେଡି'ଙ୍କୁ ନିଜର ରକ୍ଷକ ମାନି ଆରାଧନା କରିଥାନ୍ତି । ପୌରାଣିକ ମାନ୍ୟତା ଅନୁଯାୟୀ, ପ୍ରାଚୀନ କାଳରେ ଜଣେ ମହିଳାଙ୍କୁ ଈର୍ଷା କାରଣରୁ ଶୌଚାଳୟ ମଧ୍ୟରେ ହତ୍ୟା କରାଯାଇଥିଲା, ଯାହାଙ୍କୁ ପରବର୍ତ୍ତୀ ସମୟରେ ଏହି ଦେବୀଙ୍କ ମାନ୍ୟତା ଦିଆଗଲା । ଏହି ପୂଜା ମୁଖ୍ୟତଃ ଚାଇନିଜ୍ ନିୟୁ ଇୟର ଅବସରରେ 'ଲ୍ୟାଣ୍ଟର୍ଣ୍ଣ ଫେଷ୍ଟିଭାଲ' ରାତିରେ ଅନୁଷ୍ଠିତ ହୁଏ । ଯେଉଁଥିରେ ମହିଳାମାନେ ପ୍ରଥମେ ବାଥରୁମ୍ ସଫା କରି କପଡ଼ା କିମ୍ବା କାଗଜରେ ଦେବୀଙ୍କର ଏକ ପୁତଳା ତିଆରି କରନ୍ତି । ଏହାପରେ ଶୌଚାଳୟ କିମ୍ବା ରୋଷେଇ ଘର ପାଖରେ ସେହି ପୁତଳାକୁ ରଖି ଅଗରବତୀ ଜଳାଇ ଆଗାମୀ ବର୍ଷର ଭବିଷ୍ୟତ, ପରିବାରର ସୁଖ-ସମୃଦ୍ଧି ଏବଂ ଚାଷକାର୍ଯ୍ୟ କିପରି ଭଲ ହେବ, ସେ ବିଷୟରେ ଦେବୀଙ୍କୁ ପ୍ରଶ୍ନ ପଚାରିଥାନ୍ତି । ବିଶ୍ୱାସ କରାଯାଏ ଯେ ଦେବୀ ପୁତଳାର ହଲଚଲ ମାଧ୍ୟମରେ ନିଜର ଉତ୍ତର ପ୍ରଦାନ କରନ୍ତି, ଯାହା ଏହି ପରମ୍ପରାକୁ ଅଧିକ ରହସ୍ୟମୟ କରିଥାଏ ।



## ଗିନିଜ ରେକର୍ଡରେ ଗଧ



ଅନେକ ସମୟରେ ବିଭିନ୍ନ ପଶୁମାନେ ନିଜ ନିଜର ଅଙ୍ଗ ପାଇଁ ଗିନିଜ ରେକର୍ଡରେ ନିଜ ନାଁକୁ ସାମିଲ କରନ୍ତି । ସେହି ତାଲିକାରେ ଏକ ଗଧ ସାମିଲ ହୋଇଛି । ଆମେରିକାର ଜର୍ଜିଆରେ ରହୁଥିବା 'ହୋପ୍' ନାମକ ଏକ ଗଧ ନିଜର ଅସାଧାରଣ ଲମ୍ବା କାନ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ କରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ହୋପ୍‌ର କାନର ଲମ୍ବ ପ୍ରାୟ ୪୦.୨୦ ସେଣ୍ଟିମିଟର ବା ୧ ଫୁଟ୍ ୩ ଇଞ୍ଚ । ପୂର୍ବରୁ ବ୍ରିଟେନର 'ବାମ୍ବୁ' ନାମକ ଗଧ ନାମରେ ଥିବା ରେକର୍ଡକୁ ହୋପ ଭାଙ୍ଗିଛି । ଏହି ବିଶ୍ୱ ରେକର୍ଡ ପଛରେ ଏକ ଭାବପୂର୍ଣ୍ଣ କାହାଣୀ ରହିଛି; କିଛି ବର୍ଷ ପୂର୍ବେ ହୋପ୍‌କୁ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଉଦ୍ଧାର କରାଯାଇଥିଲା ଏବଂ ତା'ର ମାଲିକାଣୀ ହନ୍ନା ଫ୍ରଷ୍ଟ ତା'ର ଯତ୍ନ ନେଇଥିଲେ । ପରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଡାକ୍ତର ତା'ର ଲମ୍ବା କାନ ଉପରେ ଧ୍ୟାନ ଦେଇଥିଲେ, ଯାହା ପରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ଆବେଦନ କରାଯାଇଥିଲା । ବିଶେଷଜ୍ଞମାନେ ମାପ ନେବା ପରେ ଏହାକୁ ବିଶ୍ୱର ସବୁଠାରୁ ଲମ୍ବା କାନ ଥିବା ଗଧ ଭାବେ ଘୋଷଣା କରିଥିଲେ ।

## ଇତିହାସ

୧୯୧୦- ଅନିବାର୍ଯ୍ୟ ଓ ମୁକ୍ତ ପ୍ରାଥମିକ ଶିକ୍ଷା ଲାଗି ବ୍ରିଟିଶ ବିଧାନ ପରିଷଦ ନିକଟରେ ଗୋପାଳକୃଷ୍ଣ ଗୋଖଲେ ନିଜର ପ୍ରସ୍ତାବ ରଖିଥିଲେ ।

୧୯୨୨- ରାଜଦ୍ରୋହ ମାମଲାରେ ବ୍ରିଟେନ୍ ଅଦାଲତ ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ୬ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ ।

୧୯୩୮- ହିନ୍ଦୀ ସିନେ ଜଗତର ପ୍ରସିଦ୍ଧ ଅଭିନେତା ଶଶି କପୁର ଜନ୍ମଲାଭ କରିଥିଲେ ।

୧୯୪୪- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ ହିନ୍ଦ୍ ଫୌଜ ବର୍ମା ସୀମା ପାର କରିଥିଲେ ।

୧୯୬୫- ସୋଭିଏତ ସଂଘର ବାୟୁସେନା ପାଇଲଟ୍ ଆଲେକ୍ସି ଲିଓନୋଭ ପ୍ରଥମ ବ୍ୟକ୍ତି ରୂପେ ମହାକାଶରେ ଚାଲିଥିଲେ ।

୨୦୦୬- ଜାତିସଂଘ ମାନବାଧିକାର ପରିଷଦ ଗଠନ କରିବାର ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା ।



**ମେଷ:** ନୂତନ ଆୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭସମାଚାର, ମାନସିକ ଅବସାଦ, ଦେବକାର୍ଯ୍ୟରେ ଆଗ୍ରହ, ସନ୍ତାନ ସମସ୍ୟା, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟ ସୁଖ, ଅନୁଷ୍ଠାନରୁ ଲାଭ, ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ବୃଷ:** ବ୍ୟୟବୃଦ୍ଧି, ଲୋକସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁଲାଭ, ଉତ୍ସବ ପ୍ରତି ଆଗ୍ରହ, ଶରୀର ସୁସ୍ଥ, କିଛି କାର୍ଯ୍ୟରେ ଅସନ୍ତୁଷ୍ଟ, ସନ୍ତାନ ସମସ୍ୟା, ସମ୍ପତ୍ତିଲାଭ, ବ୍ୟକ୍ତି ସହାୟତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନଲାଭ, ଗୃହେ ଉତ୍ସବ, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ଶୁଭଖବର, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, କର୍ମକ୍ଷେତ୍ରେ ସମ୍ମାନିତ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ମାନସିକ ଶାନ୍ତି, ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୨, ଆରାଧନା- ଶ୍ରୀଗଣେଶ ।

**କର୍କଟ:** କର୍ମରେ ଖୁସି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ମାନସିକ ଶାନ୍ତି, ଅର୍ଥ ସମସ୍ୟା, ପାରିବାରିକ ସହଯୋଗ, ନୂତନ କର୍ମାରମ୍ଭ, ସମ୍ପତ୍ତିବିବାଦ, ବ୍ୟବସାୟରେ ଖୁସି, ପରିଭ୍ରମଣ ସୁଖ, ବନ୍ଧୁଦର୍ଶନ, ଶରୀର ସୁସ୍ଥ, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୮, ଆରାଧନା- ମା ଭଗବତୀ ।

**ସିଂହ:** ଶରୀର ସୁସ୍ଥ, ମାନସିକ ଶାନ୍ତି, ଗୃହେ ଉତ୍ସବ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଅର୍ଥପ୍ରାପ୍ତି, ସୁମିଷ୍ଟ ଭୋଜନପ୍ରାପ୍ତି, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ହଠାତ୍ ଦୂରଯାତ୍ରା, ପୂର୍ବଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ଲକ୍ଷ୍ମୀନାରାୟଣ ।

**କନ୍ୟା:** ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ବିବାଦ ସମାଧାନ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ଦାମ୍ପତ୍ୟ କଳହ, ସନ୍ତାନ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ବ୍ୟବସାୟରେ ସ୍ୱଳ୍ପ ଲାଭ,ଶତ୍ରୁ ପରାଜିତ, ପରିବହନ କ୍ଷେତ୍ରେ ସମସ୍ୟା, ଆୟଭଲ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୬, ଆରାଧନା- ମା କୋଟିଲାଇ ।

**ତୁଳା:** ଆର୍ଥିକ ସୁଖ, ଶୁଭଖବର, ପାରିବାରିକ ଖୁସି, ସନ୍ତାନ ସମସ୍ୟା, ଉଚ୍ଚଆଶାରେ ଲାଭ, ମାନସିକ ଅବସାଦ, ସ୍ୱାସ୍ଥ୍ୟସମସ୍ୟା, ବ୍ୟବସାୟିକ ଖୁସି, ଦୂରଯାତ୍ରା, ଗୃହେ ଉତ୍ସବ, ପିତାମାତାଙ୍କ ଚିନ୍ତା, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ଦ୍ରବ୍ୟଲାଭ, ଆତ୍ମସନ୍ତୋଷ, ଶୁଭକାର୍ଯ୍ୟରେ ଯୋଗଦାନ, ଶତ୍ରୁ ସମସ୍ୟା, ଗାଡ଼ିଚାଳନାରେ ସତର୍କ, ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଅବସାଦ, ଈଶ୍ୱର ବିଶ୍ୱାସ, ସନ୍ତାନ ଖୁସି, ଅର୍ଥପ୍ରାପ୍ତି, ସମ୍ପତ୍ତିକନ୍ଦଳ, ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ ।

**ଧନୁ:** ପିଲାଙ୍କ କଷ୍ଟ, ଲୋକସମ୍ପର୍କ ହାନି, ଶରୀର ସୁସ୍ଥ, ଅର୍ଥ ସମସ୍ୟା, ଜମିଜମା ଗଣ୍ଡଗୋଳ, ଦୂରଯାତ୍ରା, ବ୍ୟବସାୟରେ କଷ୍ଟ, ଲୋକସମ୍ପର୍କ ହାନି, ଶରୀର ସୁସ୍ଥ, ମାନସିକ ଅବସାଦ, ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ପିତାମାତାଙ୍କ ସେବା ।

**ମକର:** କଳହଯୋଗ, ସନ୍ତାନଖୁସି, ପାରିବାରିକ ବିବାଦ, ବ୍ୟବସାୟରେ ଲାଭ କମ୍ ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ଦ୍ରବ୍ୟ ନଷ୍ଟ, ବିଦେଶ ଭ୍ରମଣ, ଶରୀର ସୁସ୍ଥ, କଚେରୀ ମାମଲା, ଆୟ କମ୍ ରହିବ, ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ ସଂଖ୍ୟା-୫, ଆରାଧନା- ଗ୍ରାମଦେବତୀ ।

**କୁମ୍ଭ:** କର୍ମେ ଖୁସି, ମାନସିକ ଅବସାଦ, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ,ବନ୍ଧୁସାହାଯ୍ୟ, ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ସନ୍ତାନ ସମସ୍ୟା, ବିଦ୍ୟାରେ ସଫଳତା, ନୂତନ କାର୍ଯ୍ୟ ଆରମ୍ଭ, ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୬, ଆରାଧନା- ଗାଇମାନଙ୍କୁ ଖାଇବାକୁ ଦିଅନ୍ତୁ ।

**ମୀନ:** ଅଯଥା କଷ୍ଟ, ନୂତନ ଆଶା ପୂର୍ଣ୍ଣ, ସମ୍ପତ୍ତି ଲାଭ, ଭ୍ରାତୃ କଳହ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ବ୍ୟବସାୟ ଆରମ୍ଭ, ପରିବହନ କ୍ଷେତ୍ରେ ସମସ୍ୟା, ଅର୍ଥ ସମସ୍ୟା, ଶତ୍ରୁ ସମସ୍ୟା, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା ଦକ୍ଷିଣକାଳୀ ।

ଚୈତ୍ରମାସ କୃଷ୍ଣପକ୍ଷ, ଚତୁର୍ଦ୍ଦଶୀ

୧୮.୩.୨୦୨୬ ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

# ଡାକ୍ତର ପ୍ରଧାନ ଭାରତୀୟ ରାଜନୀତିର ଏକ ମୂଳାଧାର ସ୍ତମ୍ଭ : ରାଜନାଥ ସିଂହ

ଭୁବନେଶ୍ୱର(ସବ୍ୟୁ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ସ୍ଥାନୀୟ କୃଷି ଶିକ୍ଷା ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସଭା କାର୍ଯ୍ୟକ୍ରମରେ କେନ୍ଦ୍ର ରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ଡାକ୍ତର ପ୍ରଧାନଙ୍କୁ ଭାରତୀୟ ରାଜନୀତିର ଏକ ଦୀପ୍ତିମନ୍ତ ମୂଳାଧାର ସ୍ତମ୍ଭ ବୋଲି ରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଥିବା ବେଳେ ତାଙ୍କୁ ଓଡ଼ିଶାର ଜଣେ ସ୍ଥିତପ୍ରଜ୍ଞ ରାଜନେତା ଭାବେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ବର୍ଣ୍ଣନା କରିଥିଲେ ।



ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଥିଲେ, ସହଜତା, ସରଳତା ଓ ସଠିକ୍ ଭାବ ଡାକ୍ତର ପ୍ରଧାନଙ୍କ କାର୍ଯ୍ୟରେ ପରିଲକ୍ଷିତ ହେଉଥିଲା । ଖୁବ୍ କମ୍ ସମୟ ପାଇଁ ହେଉ ମଧ୍ୟ ତାଙ୍କ ସହିତ ଉଦ୍ବୁଦ୍ଧ ଭାବେ କାମ କରିବାର ସୁଯୋଗ ପାଇଛି ଆଉ ଏହା ମଧ୍ୟ ଜାଣିଛି ଯେ, କହିବା ଏବଂ କରିବା ଏହି ଦୁଇଟି କାର୍ଯ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖୁଥିବା ମଣିଷ ଥିଲେ ଡାକ୍ତର ପ୍ରଧାନ । ସ୍ୱର୍ଗତ ପ୍ରଧାନ ଜଣେ ଅକ୍ଳାନ୍ତ ପରିଶ୍ରମୀ କର୍ମୀ ଥିଲେ । ଓଡ଼ିଶା ବିଜେପିର ଜଣେ ପ୍ରକୃତ ମାର୍ଗଦର୍ଶକ ଥିଲେ । ଜଣେ ଶୃଙ୍ଖଳିତ, ତୃଣମୂଳସ୍ତରର ବିକାଶ ପାଇଁ ପ୍ରତିବଦ୍ଧ ଥିଲେ । ଦଳୀୟ ଆଦର୍ଶ ପ୍ରତି ନିଷ୍ଠାବାନ ଓ ଯୁବପିଢ଼ିଙ୍କ ପାଇଁ ଜଣେ ପଥପ୍ରଦର୍ଶକ ହୋଇଛନ୍ତି । ରାଜ୍ୟରେ ଦଳର ସଂଗଠନକୁ ମଜବୁତ କରିବା ସହ ଚାଷୀଙ୍କ ପାଇଁ ଏମ୍ଏସପି ସୁନିଶ୍ଚିତ କରିବାର ତାଙ୍କର ଭୂମିକା ରହିଥିଲା । ରାଜ୍ୟରେ ଜାତୀୟ ରାଜପଥର ବିକାଶରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । କୃଷି ବିଜ୍ଞାନ କ୍ଷେତ୍ରରୁ ଆରମ୍ଭ କରି ବନ୍ଦରକୁ ଶିଳ୍ପ ସହ ଯୋଡ଼ିବାର ତାଙ୍କର ଭୂମିକା ଥିଲା । ଉଦ୍ୟୋଗୀ ସୃଷ୍ଟି କରିବା, ପେଟ୍ରୋଲିୟମ, ଶକ୍ତି, ରାସ୍ତାଘାଟର ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଓଡ଼ିଶା ସରକାର ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ରଖିଛନ୍ତି । ଏହାକୁ ଲକ୍ଷ୍ୟ ରଖି ଓଡ଼ିଶା ଦ୍ରୁତ ବିକାଶ ଦିଗରେ ଅଗ୍ରସର ହେଉଛି । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସବୁ କାର୍ଯ୍ୟରେ ଦକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । କେନ୍ଦ୍ର ମନ୍ତ୍ରୀ ଭାବେ ତାଙ୍କର ନିଷ୍ଠବାନ କାର୍ଯ୍ୟ ପାଇଁ ସମସ୍ତଙ୍କ ପ୍ରିୟର ପାତ୍ର ହୋଇଛନ୍ତି ।

## ଓଡ଼ିଶାର ସ୍ଥିତପ୍ରଜ୍ଞ ରାଜନେତା ଥିଲେ ଡାକ୍ତର ପ୍ରଧାନ : ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ବିନମ୍ରତା ଓ ଆତ୍ମୀୟଭାବ ଥିଲା ଡାକ୍ତର ପ୍ରଧାନଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ଆକର୍ଷଣ । ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶ ପ୍ରତି ସେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ ଏବଂ ଆଚରଣ ତଥା ଉଚ୍ଚାରଣରେ ଏହା ତାଙ୍କ ଠାରେ ସର୍ବଦା ପ୍ରତିଫଳିତ ହେଉଥିଲା । କେବଳ ଜଣେ ରାଜନେତା ନୁହେଁ, ଜଣେ ଉତ୍ତମ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ହିଁ ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ସଂଗଠନକୁ ମଜବୁତ କରିବାରେ ମୁଖ୍ୟ ସୂତ୍ରଧର ସାଜିଥିଲା । ସେ ଥିଲେ ଆମ ସମସ୍ତଙ୍କ ପାଇଁ ଏକ ଅଫୁରନ୍ତ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ । ଏହି ଅବସରରେ ଲେଖକ କାଳିନ୍ଦି ସାମଲଙ୍କ ଦ୍ୱାରା ରଚିତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ "ଡାକ୍ତର ବାବୁ'କୁ କେନ୍ଦ୍ର ରକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ତଥା ଦେଶର ଅନେକ ପ୍ରମୁଖ ନେତୃବୃନ୍ଦ ଡାକ୍ତର ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ । ବିଜେପି ବରିଷ୍ଠ ନେତା ତଥା ସ୍ମୃତିସଭାର ସଭାପତି ସୀମର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଓଡ଼ିଶାର ବରିଷ୍ଠ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ୨୦ ଗ୍ରାମ ବ୍ରାଉନସୁଗର ଜବତ : ଦୁଇ ନିଶା ବେପାରୀ

ଜଟଣୀ: (ସବ୍ୟୁ) : ଜଟଣୀ ପୋଲିସ ଖବର ପାଇଥିଲେ ଯେ ଦୁଇଜଣ ଯୁବକ ଏକ ମୋଟରସାଇକେଲରେ ଖୋର୍ଦ୍ଧାରୁ ଜଟଣୀ ଅଭିମୁଖେ ବ୍ରାଉନସୁଗାର ନେଇ ଆସୁଛନ୍ତି । ଏହା ପରେ ପୋଲିସ ଦଳ ପଦନପୁର ଛକ ନିକଟରେ ନଜର ରଖିଥିବା ବେଳେ ସନ୍ଧ୍ୟା ପ୍ରାୟ ୦୬:୪୦ ସମୟରେ ଏକ ୟାମାହା ମୋଟରସାଇକେଲରେ ଆସୁଥିବା ଦୁଇଜଣଙ୍କୁ ଅଟକାଯାଇଥିଲା । ଯାଞ୍ଚରୁ ସେମାନେ ରଥିପୁରର ଆସିଫ ଖାନ (୨୯) ଏବଂ ରାମଚନ୍ଦ୍ରପୁର ବଜାରର ଲିପୁନ ଦାସ(୨୫) ବୋଲି ଜଣାପଡିଥିଲା । ଉଭୟଙ୍କ ବ୍ୟକ୍ତିଗତ ତଲାସି ବେଳେ ପ୍ରତ୍ୟେକଙ୍କ ହେପାଜତରୁ ବ୍ରାଉନସୁଗାର ଥିବା ପଲିଥିନ୍ ପ୍ୟାକେଟ ଜବତ କରାଯାଇଥିଲା । ଓଜନ କରିବା ପରେ ପ୍ରତ୍ୟେକଙ୍କଠାରୁ ୧୦ ଗ୍ରାମ କରି ମୋଟ ୨୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା ।

# ଭାରତୀୟ ଜନଗଣନା-୨୦୨୭ ପ୍ରସ୍ତୁତି, ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା

ଭୁବନେଶ୍ୱର:(ସବ୍ୟୁ): ରାଜ୍ୟ ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ଆନୁକୂଲ୍ୟରେ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟରେ ଭାରତୀୟଜନଗଣନା-୨୦୨୭ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ମହାନଗର ନିଗମଗୁଡ଼ିକର ଆୟୁକ୍ତ ତଥା ପ୍ରମୁଖ ଜନଗଣନା ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ମୁଖ୍ୟ ଶାସନ ସଚିବ ଜନଗଣନା ଭଳି ଜାତୀୟ ମହାନ କାର୍ଯ୍ୟରେ ସକ୍ରିୟ ଭାବରେ ସାମିଲ ହୋଇ ନ୍ୟସ୍ତ ଥିବା କାର୍ଯ୍ୟଗୁଡ଼ିକୁ ସମୟାନୁସାରେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ ଶ୍ରୀ ନିଖିଳ ପବନ କଲ୍ୟାଣ, ଭାରତୀୟ ଜନଗଣନା ୨୦୨୭ ର ପ୍ରଥମ ପର୍ଯ୍ୟାୟର ଗୃହଗଣନା ଓ ଗୃହତାଲିକା ପ୍ରସ୍ତୁତିର ବିବରଣୀ ଉପସ୍ଥାପନ କରିଥିଲେ । ଓଡ଼ିଶାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଓ ଗୃହତାଲିକା କାର୍ଯ୍ୟକ୍ରମ ଅପ୍ରେଲ ୧୬ ରୁ ଆରମ୍ଭ ହୋଇ ମଇ ୧୫ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ଅପ୍ରେଲ ୧ ରୁ ଅପ୍ରେଲ ୧୫ ମଧ୍ୟରାତ୍ର ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି । ଏହି ଅବସରରେ ଶ୍ରୀ କଲ୍ୟାଣ ଜିଲ୍ଲାମାନଙ୍କରେ ବର୍ତ୍ତମାନର କାର୍ଯ୍ୟର ସ୍ଥିତି ବିଷୟରେ ଆଲୋକପାତ କରିଥିଲେ । ଏହି ସମ୍ମିଳନୀରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ଦେଓ ରଞ୍ଜନ କୁମାର ସିଂ ଅଂଶ ଗ୍ରହଣ କରି ଜନଗଣନା ତଥ୍ୟର ବହୁମୂଲ୍ୟ ଉପଯୋଗିତା ବିଷୟରେ ଅବଗତ କରାଇଥିଲେ ।

# ପରିବହନ, ଇସ୍ପାତ ଓ ଖଣି ବିଭାଗର ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର, (ସବ୍ୟୁ): ୨୦୨୬-୨୭ ଆର୍ଥିକ ବର୍ଷ ପରିବହନ ବିଭାଗର ୪୦୭୯.୮୧୩୦ କୋଟି ଏବଂ ଇସ୍ପାତ ଓ ଖଣି ବିଭାଗର ୩୬୫.୧୧ କୋଟି ଟଙ୍କାର ଖର୍ଚ୍ଚଦାବି ପାରିତ ହୋଇଛି । ଖର୍ଚ୍ଚଦାବି ଆଲୋଚନାରେ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଲେ ଯେ ଆମ ସରକାର 'ଲାଷ୍ଟ ମାଇଲ୍ କନେକଟିଭିଟି' କୁ ଅଧିକ ସୁଦୃଢ଼ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । 'ଅଟଳ ବସ୍ ଷ୍ଟାଣ୍ଡ' ଯୋଜନା ମାଧ୍ୟମରେ ଅନ୍ତଃରାଜ୍ୟ ଏବଂ ଆନ୍ତଃରାଜ୍ୟ ପରିବହନ କ୍ଷେତ୍ରରେ ଏକ ନିରାପଦ, ଭରସାଯୋଗ୍ୟ ଏବଂ ଆଧୁନିକ ଗମନାଗମନ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ବିଭାଗ ସଙ୍କଳ୍ପବଦ୍ଧ । ଏଥିସହ ପରିବେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ଆମେ ସମଗ୍ର ରାଜ୍ୟରେ ବୈଦ୍ୟୁତିକ ଯାନର ବ୍ୟବହାରକୁ ପ୍ରୋତ୍ସାହିତ କରୁଛୁ । ଏକ ପ୍ରଦୂଷଣମୁକ୍ତ, ନିରାପଦ ଏବଂ ଆଧୁନିକ ପରିବହନ ବ୍ୟବସ୍ଥା ହିଁ 'ବିକଶିତ ଓଡ଼ିଶା'ର ମୂଳଦୁଆ ହେବ । ବିଗତ ୨୦୨୫-୨୬ ଆର୍ଥିକ ବର୍ଷ ରେ ପରିବହନ ବିଭାଗ ର ମୋଟ ସଂଶୋଧିତ ଆକଳନ ୩୮୦୫.୮୨୭୯ କୋଟି ଥିବା ସ୍ଥଳେ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ଏହାକୁ ୪୦୭୯.୮୧୩୦ କୋଟିକୁ ବୃଦ୍ଧି କରାଯାଇଛି । ଏହି ବ୍ୟୟବରାଦ ମଧ୍ୟରେ ଯୋଜନା, ଭିତ୍ତିଭୂମି ବୃଦ୍ଧି ଇତ୍ୟାଦି ବାବଦକୁ ୩୮୪୬.୦୦୦୨ କୋଟି ଏବଂ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୨୩୩. ୮୧୨୮ କୋଟି ର ବ୍ୟୟବରାଦ କରାଯାଇଛି ।

୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ପରିବହନ ବିଭାଗକୁ ଆବଣ୍ଟିତ ହୋଇଥିବା ବଜେଟ୍, ରାଜ୍ୟର ପରିବହନ ଭିତ୍ତିଭୂମି କୁ ଆହୁରି ସୁଦୃଢ଼ କରିବା ସହିତ ରାଜ୍ୟବାସୀଙ୍କୁ ଉଚ୍ଚ ମାନର ପରିବହନ ସେବା ଯୋଗାଇବାରେ ସହାୟକ ହେବ ।

ଦୁର୍ଘଟଣା ସଂଖ୍ୟା ହ୍ରାସ ଓ ବେପରୁଆ ଗାଡ଼ି ଚାଳକଙ୍କ ଉପରେ ନିୟନ୍ତ୍ରଣ ଲକ୍ଷ୍ୟରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରି ରାଜ୍ୟର ପ୍ରମୁଖ ରାଜପଥ ଗୁଡିକରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ବା ଦିଶା ପ୍ରକଳ୍ପ କାର୍ଯ୍ୟକାରିତା କରାଯାଇଛି । ପ୍ରାଥମିକ ପର୍ଯ୍ୟାୟ ରେ ଏହା ୬ ଟି ମାର୍ଗ ରେ କାର୍ଯ୍ୟକାରୀ ହୋଇଅଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୭ ଟି ସ୍ଥାନରେ କାର୍ଯ୍ୟକ୍ରମ ହୋଇଛି ଏବଂ ପର୍ଯ୍ୟାୟ କ୍ରମେ ସମସ୍ତ ପ୍ରମୁଖ ରାସ୍ତା ଗୁଡିକରେ, ଏହା କାର୍ଯ୍ୟକ୍ଷମ ହେବ । ସଡ଼କ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପାଇଁ ସୋଲାସିୟମ ପାଣ୍ଠି ଜରିଆରେ ଅଜ୍ଞାତ ମୋଟର ଯାନ ଧକ୍କାରେ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଗୁରୁତରଙ୍କ ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ, ୬.୧୨ କୋଟି ଟଙ୍କା କ୍ଷତିପୂରଣ ସ୍ୱରୂପ ପ୍ରଦାନ କରାଯାଇଛି । ଚଳିତ ବର୍ଷ ବଜେଟ ରେ ଏହା ୧୦ କୋଟି ଟଙ୍କା ରଖିବାକୁ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ପରିବହନ ବିଭାଗର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୪୦୭୯.୮୧୩୦ କୋଟି ଟଙ୍କାର ବଜେଟ ପ୍ରସ୍ତାବକୁ ଗୃହରେ ଆଗତ କରି, ସମସ୍ତ ସଦସ୍ୟ ଓ ସଦସ୍ୟାମାନଙ୍କର ପୂର୍ଣ୍ଣ ସମର୍ଥନ ଓ ସହଯୋଗ କାମନା କରିବା ସହିତ ଏହାକୁ ଅନୁମୋଦନ କରିବା ନିମନ୍ତେ ନିବେଦନ କରିଥିଲେ ।

ସେହିପରି ଇସ୍ପାତ ଓ ଖଣି ବିଭାଗର ଆଗତ ଖର୍ଚ୍ଚ ଦାବି ଉପସ୍ଥାପନ ହୋଇଥିଲା । ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉତ୍ତର ରଖିଥିଲେ । ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ରାଜ୍ୟ ବଜେଟରେ ଇସ୍ପାତ ଓ ଖଣି ବିଭାଗ ପାଇଁ ମୋଟ ୩୬୫.୧୧ କୋଟି ଟଙ୍କା(୩୬୫ କୋଟି ୧୧ ଲକ୍ଷ ୪୪ ହଜାର ଟଙ୍କା) ର ବ୍ୟୟ ବରାଦ କରାଯାଇଛି । ସେଥି ମଧ୍ୟରୁ ଯୋଜନା ବ୍ୟୟ ବରାଦ ବାବଦରେ ୨୫୮ କୋଟି ୭୫ ଲକ୍ଷ ୭୧ ହଜାର ଟଙ୍କା ରଖାଯାଇଥିବା ବେଳେ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟୟ ବରାଦ ବାବଦକୁ ୧୦୬ କୋଟି ୩୫ ଲକ୍ଷ ୭୩ ହଜାର ଟଙ୍କା ରଖାଯାଇଛି । ଏହି ବଜେଟରେ ନୂତନ ଖଣି ଅନୁସନ୍ଧାନ ଓ ନିଲାମ, ସମନ୍ୱିତ ଖଣିଜ ଦ୍ରବ୍ୟ ଓ ପରିଚାଳନା ପଦ୍ଧତ ଓ ଲଘୁ ଖଣିଜ ପରିଚାଳନା ପଦ୍ଧତିର ସୁଦୃଢ଼, ଲଘୁ ଖଣିଜ ନିର୍ଦ୍ଦେଶାଳୟ ଏବଂ ବିଭାଗୀୟ ଗୃହ ନିର୍ମାଣ ସାଙ୍ଗକୁ ରାଜ୍ୟର ଖଣି ଅଞ୍ଚଳର ଅଧିବାସୀମାନଙ୍କ ଜୀବନଧାରଣରେ ଉନ୍ନତି ଆଣିବା ପାଇଁ ଆମେ ସଂକଳ୍ପବଦ୍ଧ, ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସିଏମ୍-ସମ୍ପଦ ଫ୍ଲାଗସିପ୍ ଯୋଜନା କାର୍ଯ୍ୟକାରୀ କରାଯିବ ।

ଭାରତବର୍ଷର ଖଣିଜ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦଖଲ କରିଥିବା ଓଡିଶା ସମଗ୍ର ଦେଶର ୩୩% ଲୌହପଥର, ୪୧% ବକ୍ସାଇଟ, ୯୫% କ୍ରୋମାଇଟ, ୨୪% କୋଇଲା, ୪୩% ମାଙ୍ଗାନିଜ ଉପଲବ୍ଧ ଥିବା ବେଳେ ୨୨ ଗୋଟି ଗୁରୁ ଖଣିଜ, ୩୩ ଗୋଟି ବିର୍ନିଦ୍ଧିଷ୍ଟ ଲଘୁଖଣିଜ, ୧୦ ଗୋଟି ଦୁଷ୍ପ୍ରାପ୍ୟ ଖଣିଜ ଏବଂ ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ମିଳୁଅଛି । ଆମରାଜ୍ୟ କ୍ରୋମାଇଟ, ବକ୍ସାଇଟ, ଲୌହପଥର ଉତ୍ପାଦନରେ ଦେଶରେ ପ୍ରଥମ, କୋଇଲା ଉତ୍ପାଦନରେ ଦ୍ୱିତୀୟ, ମାଙ୍ଗାନିଜ ଉତ୍ପାଦନରେ ତୃତୀୟ ସ୍ଥାନ ଦଖଲ କରିଅଛି । ରାଜ୍ୟରେ ଇସ୍ପାତ ଓ ଖଣି ବିଭାଗ ଖଣିଜ କ୍ଷେତ୍ରରେ ବିକାଶ ତଥା ଶିଳ୍ପ ଦିଗରେ ରାଜ୍ୟକୁ ସମୃଦ୍ଧ କରି ରାଜ୍ୟବାସୀଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥାର ଉନ୍ନତି ଆଣିବାରେ ରାଜ୍ୟ ସରକାର ସଂକଳ୍ପ ବଦ୍ଧ । ଏହି ଆଲୋଚନାରେ ଶାସକ ବିଜେପି ଦଳର ସଦସ୍ୟ ଈରାଶିଷ ଆଚାର୍ଯ୍ୟ ଭାଗନେଇ ଉପସ୍ଥାପିତ ବଜେଟ ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ସେହିପରି ସଦସ୍ୟ ସରୋଜ ଖଟୁଆ ମଧ୍ୟ ଖଣି ବିଭାଗ , ପରିବହନ ବିଭାଗର ଉପସ୍ଥାପିତ ବଜେଟର ଆଭିମୁଖ୍ୟ ଉପରେ ମତ ରଖିଥିଲେ । ଶେଷରେ ଉଭୟ ବିଭାଗର ଖର୍ଚ୍ଚ ଦାବିକୁ ବାଚସ୍ପତି ପାରିତ କରିଥିଲେ ।



## ମୟୁରଭଞ୍ଜ ଜିଲ୍ଲା ଘୂର୍ଣ୍ଣିଝଡ଼ ପରିସ୍ଥିତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

# ତ୍ୱରିତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ମୟୁରଭଞ୍ଜ ଜିଲ୍ଲାର ଘୂର୍ଣ୍ଣିଝଡ଼ ପରିସ୍ଥିତି ଏବଂ କ୍ଷୟକ୍ଷତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି କ୍ଷ ଗତ ୧୫ ମାର୍ଚ୍ଚ ୨୦୨୬ ତାରିଖରେ ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକରେ ଘୂର୍ଣ୍ଣିବାତ୍ୟା ଯୋଗୁଁ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି। ନିଜର ଅସୁସ୍ଥତା ସତ୍ତ୍ୱେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସାଧାରଣଜନତାଙ୍କ ସେବାକୁ ପ୍ରାଥମିକତା ଦେଇ ବୈଠକରେ ଉପସ୍ଥିତ ରହି ରାଜ୍ୟ ସରକାର ପ୍ରଭାବିତ ସାଧାରଣଲୋକଙ୍କ ସୁରକ୍ଷା ନିମନ୍ତେ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଥିବା ସହ ଏପ୍ରକାର ବିପର୍ଯ୍ୟୟ ପରିସ୍ଥିତିକୁ ଗୁରୁତ୍ୱର ସହ ବିଚାର କରି ସମସ୍ତ ତ୍ୱରିତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିଲିଫ ସେଣ୍ଟର ଗୁଡିକର ସୁପରିଚାଳନା ନିଶ୍ଚିତ କରିବା ସହ ବିପର୍ଯ୍ୟୟରେ ପ୍ରଭାବିତ ନଅଗୋଟି ଗ୍ରାମକୁ ନଅଜଣ ଅଧିକାରୀଙ୍କୁ ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦେଇ ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ




ସହ କ୍ଷତିପୂରଣ ପ୍ରଦାନ ସାରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପରିଚାଳନା କାର୍ଯ୍ୟ ଜାରି ରହିଛି । ସାଧାରଣଲୋକଙ୍କୁ କୌଣସି ପ୍ରକାର ଅସୁବିଧା ନ ହେବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସେବା ଯୋଗାଇଦିଆଯିବ ବୋଲି ରାଜସ୍ୱ ବିଭାଗ ନିଶ୍ଚିତ କରିଛନ୍ତି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ରିପୋର୍ଟ୍ ଅନୁଯାୟୀ, କରଞ୍ଜିଆ ବ୍ଲକ୍ ଅଧୀନରେ ୫ଟି ଗ୍ରାମ ପଞ୍ଚାୟତ ଓ ୯ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୩,୨୧୭ ଜଣ ଲୋକ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ ପ୍ରଭାବିତ ହୋଇଛନ୍ତି। ତେବେ, ପ୍ରଶାସନ ପକ୍ଷରୁ ତୁରନ୍ତ ଗ୍ରହଣ କରାଯାଇଥିବା ପଦକ୍ଷେପ ସ୍ୱରୁପ ୨୨୦୦ ଜଣଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି । ୬ଟି ରିଲିଫ୍ ସେଣ୍ଟର ଖୋଲାଯାଇ କାର୍ଯ୍ୟକ୍ଷମ କରାଯାଇ ସଭିଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି କ୍ଷ କ୍ଷତିର ବିବରଣୀ ଅନୁଯାୟୀ ପ୍ରାୟ ୫୧୨ଟି ଘର କ୍ଷତିଗ୍ରସ୍ତ ହୋଇଛି କ୍ଷ ତେବେ ରିଲିଫ୍ କାର୍ଯ୍ୟରେ ଆବଶ୍ୟକ ଅନୁଯାୟୀ ପଲିଥିନ୍ ସିଟ୍ ବଣ୍ଟନ କରାଯାଇଥିଲା ବେଳେ ପ୍ରଭାବିତ ଅଞ୍ଚଳରେ ୨ଟି ଡାକ୍ତରୀ ଟିମ୍ ନିଯୁକ୍ତ ହୋଇଛନ୍ତି । ୪ଟି ଅଗ୍ନିଶମ ଦଳ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି କ୍ଷ ପାଣି ଟ୍ୟାଙ୍କର ଓ ବୋତଲ ମାଧ୍ୟମରେ ପାନୀୟ ଜଳ ଯୋଗାଣ ଅବ୍ୟାହତ ରହିଛି । ୧୫ ମାର୍ଚ୍ଚ ରାତିରୁ ପ୍ରଭାବିତ ଲୋକଙ୍କୁ ନିରନ୍ତର ଭାବେ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି ଏବଂ ବର୍ତ୍ତମାନ କ୍ଷୟକ୍ଷତିର ମୂଲ୍ୟାୟନ କାର୍ଯ୍ୟ ଜାରି ଚାଲିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ମାଧ୍ୟମରେ ପ୍ରାୟ ୫କୋଟି ୭୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି ; ଯାହା ପ୍ରଭାବିତ ଅଞ୍ଚଳରେ ଗୃହ ନିର୍ମାଣ, ବସ୍ତ୍ର ଓ ବାସନକୁସନ ଯୋଗାଣ ଏବଂ ରିଲିଫ୍ କ୍ୟାମ୍ପ ପରିଚାଳନା କାର୍ଯ୍ୟରେ ବିନିଯୋଗ କରାଯାଉଛି । ଏହି ସମୀକ୍ଷା ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ । ଗଣେଶରାମ ସିଂ ଖୁଣ୍ଟିଆ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସ୍ୱତନ୍ତ୍ର ରିଲିଫ୍ କମିଶନର୍ । ରାଜେଶ ପ୍ରଭାକର ପାଟିଲ୍, ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର୍, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲା ବେଳେ କେନ୍ଦ୍ରାଂଚଳ ଆର୍-ଡିସି, ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ଏବଂ ତାଙ୍କ ଟିମ୍ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ ।

## ଡିଏଭି ୟୁନିଟ-୮ରେ ଶିଶୁପ୍ରତିଭା ଗ୍ରାଜୁଏସନ ସମାରୋହ




ଭୁବନେଶ୍ୱର, (ସବ୍ୟୁ): ଚାରିବର୍ଷ ଭିତ୍ତିଭୂମି ଶିକ୍ଷାବର୍ଷ ସମାପ୍ତି ସହ ଆଗାମୀ ସୋପାନ ପାଇଁ ସେମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ବିଦ୍ୟାଳୟ ପରିସରରେ ଶିଶୁପ୍ରତିଭା ଗ୍ରାଜୁଏସନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ନୃତ୍ୟ, ସଂଗୀତ, ଅଭିନୟ ଜରିଆରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଉପାଧି ପୋଷାକ ପରିଧାନ କରି ସେମାନଙ୍କର ଅଭିବୃଦ୍ଧି ଏବଂ ସଫଳତା ଉପରେ ଆଧାରିତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିମନ୍ତ୍ରିତ ଅତିଥିମାନେ କୁନି ପ୍ରତିଭାମାନଙ୍କୁ ଫାଉଣ୍ଡେସନ ଷ୍ଟେଜ୍ ଗ୍ରାଜୁଏସନ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନୂତନ ଆଶା, ପ୍ରେରଣା ଓ ଅଭିବୃଦ୍ଧିର ଆବେଗ ଆଣି ଦେବା ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟର ଅଧ୍ୟକ୍ଷା ଈପ୍ସିତା ଦାସ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ ଓ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେଶବ ଚନ୍ଦ୍ର ଶତପଥି ଛାତ୍ରଛାତ୍ରୀମାନଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ପିଲାମାନଙ୍କର ଅଭିଭାବକ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ତତ୍ତ୍ୱାବଧାରିକା ରୀତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଜିଏମ୍ଏସ୍ ବାର୍ଷିକ ଖଣି ସୁରକ୍ଷା ପକ୍ଷରେ

# ବେଦାନ୍ତ ଆଲୁମିନିୟମ ଜାମଖାନି କୋଇଲା ଖଣିର ରେକର୍ଡ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସମ୍ବଲପୁରରେ ଆୟୋଜିତ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍ଏସ୍ଏଫ୍) ପୁରସ୍କାର ସମାରୋହରେ ନିଜର ସୁରକ୍ଷା ନେତୃତ୍ୱକୁ ପ୍ରଦର୍ଶିତ କରିଛି। ଜାମଖାନି କୋଇଲା ଖଣି ସାମଗ୍ରିକ ଭାବେ ଶ୍ରେଷ୍ଠ ଖଣି ପୁରସ୍କାର ହାସଲ କରିଥିଲା ଏବଂ ଠିକାଦାର (ଏମଡିଓ) ବର୍ଗରେ ପ୍ରଥମ ପୁରସ୍କାର ମଧ୍ୟ ଜିତିଥିଲା। ଏହାବ୍ୟତୀତ ସୁରକ୍ଷା ପରିଚାଳନା ଯୋଜନା ଏବଂ ଖଣି ଆଲୋକୀକରଣ ବର୍ଗରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୁରସ୍କାର ସମଗ୍ର ଅଞ୍ଚଳରେ ଖଣି ସୁରକ୍ଷାର ସର୍ବୋଚ୍ଚ ଉତ୍କର୍ଷତା ଏବଂ ପ୍ରତିବଦ୍ଧତାର ମାନକକୁ ସ୍ୱୀକୃତି ଦେଇଥାଏ। ବେଦାନ୍ତ ଆଲୁମିନିୟମର ଜାମଖାନି କୋଇଲା ଖଣିର ମୁଖ୍ୟ ପରିଚାଳନା ଅଧିକାରୀ ବିବେକ ଉପଲନଚିୱାର, ଟିମ୍ ଜାମଖାନି ଏବଂ ଏମଡିଓ ଅଂଶୀଦାରଙ୍କ ସହ ଏହି ପୁରସ୍କାର ଗ୍ରହଣ କରିଥିଲେ।



ଏହି ସଫଳତା ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବାର୍ଷିକ ଖଣି ସୁରକ୍ଷା ପକ୍ଷ ଉତ୍ସବରେ ଏହି ସମ୍ମାନଜନକ ମାନ୍ୟତା ହାସଲ କରିଥିବାରୁ ମୁଁ ଜାମଖାନି କୋଇଲା ଖଣି ଟିମ୍ ଏବଂ ଏମ୍. ଡି. ଓ. ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଉଛି। ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ହେଉଛି ମୁଖ୍ୟ ଏବଂ ଆମର ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ହେଉଛି ଆଚରଣଗତ ପରିବର୍ତ୍ତନ ଆଣିବା ଏବଂ ସୁରକ୍ଷାକୁ ଏକ ବ୍ୟକ୍ତିଗତ ଦାୟିତ୍ୱରେ ପରିଣତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବା। ଏହି ପୁରସ୍କାରଗୁଡ଼ିକ ଶୃଙ୍ଖଳିତ ପରିଚାଳନା, ସକ୍ରିୟ ସୁରକ୍ଷା ଅଭ୍ୟାସ ଏବଂ ନିରନ୍ତର ଉନ୍ନତି ପ୍ରତି ଦଳର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ଓଡ଼ିଶାର ଜାମଖାନି କୋଇଲା ଖଣିରେ ଡିସେମ୍ବର ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଖଣି ସୁରକ୍ଷା ପକ୍ଷ ଅନୁଷ୍ଠିତ ହୋଇଥିଲା।

## ମନେରଗା ଅଡିଟ୍ ସାର୍ବଜନୀନ ଶୁଣାଣି

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା ର ସୋସିଆଲ୍ ଅଡିଟ୍ ଉପରେ ଏକ ସାର୍ବଜନୀନ ଶୁଣାଣି ଅତିରିକ୍ତ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ, ମହାତ୍ମା ଗାନ୍ଧୀ ସଂଯୋଜିକା ଜ୍ୟୋତ୍ସ୍ନା ମୟୀ ରାଉତ, ଜିଲ୍ଲା ସାମାଜିକ ସମୀକ୍ଷକ ପ୍ରଦୋଷ ମହାରଣା, ବ୍ଲକସ୍ତରର କର୍ମଚାରୀ, ପଂଚାୟତ ପ୍ରତିନିଧିମାନେ ଓ ସାଧାରଣ ଜନସାଧାରଣ ଉପସ୍ଥିତ ଥିଲେ। ସୋସିଆଲ୍ ଅଡିଟ୍ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରାଯାଇଥିବା ସହିତ ଲାଭାନ୍ୱିତ ଓ ଅନ୍ୟ ଅଂଶଗ୍ରାହୀମାନଙ୍କ ଅଭିଯୋଗ ଓ ପ୍ରସ୍ତାବଗୁଡ଼ିକୁ ଶୁଣି ତାହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଏମନରେଗା ଯୋଜନାର କାର୍ଯ୍ୟାନ୍ୱୟନରେ ପାରଦର୍ଶିତା, ଦାୟିତ୍ୱବୋଧ ଓ ଲୋକସହଭାଗିତାର ଗୁରୁତ୍ୱ ଉଲ୍ଲେଖ କରିଥିଲେ।

## ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କଲେ

# ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଫର୍ ଗ୍ଲୋବାଲ୍ ଚେଞ୍ଜ (ଟିବିଆଇ)ର ବିଶ୍ୱ ଶକ୍ତି ଦଳ

ଭୁବନେଶ୍ୱର, (ସବ୍ୟୁ): ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ (ଟିବିଆଇ)ର ବିଶ୍ୱ ଶକ୍ତି ଦଳ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କୁ ସାକ୍ଷାତ କରିଛନ୍ତି। ବୈଠକରେ ଓଡ଼ିଶାର ଶକ୍ତି କ୍ଷେତ୍ରରେ ପ୍ରାଥମିକତା ଓ ସମ୍ଭାବନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିବେକ ଅଗ୍ରୱାଲଙ୍କ ନେତୃତ୍ୱରେ ଟିବିଆଇ ଦଳ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ସୁଗମ ସମନ୍ୱୟକୁ ଅଗ୍ରାଧିକାର ଦେବ। ଭିଜନ ୨୦୩୬ ଏବଂ ୨୦୪୭ରେ ସ୍ଥିର କରାଯାଇଥିବା ନବୀକରଣୀୟ ଶକ୍ତି ପରିବର୍ତ୍ତନ ଲକ୍ଷ୍ୟ ସହିତ ସମନ୍ୱୟ ରଖି ଏକ ଶକ୍ତି ରଣନୀତି ବିକଶିତ କରିବା ପାଇଁ ଓଡ଼ିଶାର ଶକ୍ତି ବିଭାଗ, ସହିତ ମିଶି ଟିବିଆଇ କାର୍ଯ୍ୟ କରୁଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଥିଲେ ଯେ ପମ୍ପଡ୍ ଷ୍ଟୋରେଜ୍ ନୀତି, ନବୀକରଣ ଶକ୍ତି ନୀତି, ସବୁଜ ହାଇଡ୍ରୋଜେନ୍ ପ୍ରକଳ୍ପ ଭଳି ଶକ୍ତି କ୍ଷେତ୍ରରେ ଓଡ଼ିଶା ସରକାର ବହୁ ପ୍ରଗତିଶୀଳ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱଚ୍ଛ ଶକ୍ତି ବ୍ୟବହାର, ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ବ୍ୟବହାରକାରୀଙ୍କ ମଧ୍ୟରେ ବିଦ୍ୟୁତ୍ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବାକୁ ମଧ୍ୟ ଦଳକୁ ନିର୍ଦ୍ଦେଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ। ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବରେ



ଓଡ଼ିଶାର ସ୍ଥିତିକୁ ଆହୁରି ମଜବୁତ କରିବାକୁ ପଡିବ ଏବଂ ଏହାକୁ ପରମାଣୁ ଓ ଗ୍ରୀନ ହାଇଡ୍ରୋଜେନ ଭଳି ଉଦୀୟମାନ ଉପାଦାନ ଗୁଡ଼ିକ ବାବଦରେ ବିଚାରକୁ ନେବାକୁ ପଡିବ।

ବୈଠକରେ ଅଂଶଗ୍ରହଣ କରିଥିବା ସଦସ୍ୟ ମଧ୍ୟରେ ଟିବିଆଇ ପକ୍ଷରୁ ଭାରତ ପାଇଁ ରାଷ୍ଟ୍ର ନିର୍ଦ୍ଦେଶକ ବିବେକ ଅଗ୍ରୱାଲ, ଶକ୍ତି ଏବଂ ଜଳବାୟୁର ଗ୍ଲୋବାଲ ଡାଇରେକ୍ଟର ଗାରେଥ ୱାଲ୍ସ, ଏସିଆର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଏରେ ନୋଏଲ ଏବଂ ଟୋନି ବ୍ଲେୟାର ପ୍ରତିଷ୍ଠାନର ରଣନୈତିକ ଯୋଗାଯୋଗ ପରାମର୍ଶଦାତା ଅମର ଜ୍ୟୋତି ମହାପାତ୍ର ଉପସ୍ଥିତ ଥିଲେ। ଶକ୍ତି ବିଭାଗର ବିତ୍ତ ପରାମର୍ଶଦାତା -ତଥା-ସ୍ୱତନ୍ତ୍ର ଶାସନ ସଚିବ ଡକ୍ଟର ଦେବୀ ଦତ୍ତ ତ୍ରିପାଠି ସୂଚନା ଦେଇଥିଲେ ଯେ ରାଜ୍ୟ ଏକ ସମନ୍ୱିତ ଏବଂ ବ୍ୟାପକ ଶକ୍ତି ରଣନୀତିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଟିବିଆଇ ସହ ଅନ୍ୟ ଏନର୍ଜି ପାର୍ଟନର ମାନଙ୍କର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇସାରିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପୁରୁଷ ଏକଦିବସୀୟ କ୍ରିକେଟ ସମ୍ବନ୍ଧୀୟ ପୁସ୍ତକ ପ୍ରତିନିଧି ଦଳଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

## ଏସ୍ସିବିର ରୋଗୀ ତାଲିକାକୁ ନେଇ ଦ୍ୱନ୍ଦ

### ପ୍ରଥମ ତାଲିକାରେ ଚିକିତ୍ସିତ ବ୍ୟକ୍ତିର ନା ଦ୍ୱିତୀୟ ତାଲିକାରୁ ଗାଏବକୁ ନେଇ ସନ୍ଦେହ

କଟକ,(ସବ୍ୟୁ): ଏସ୍ସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ମୃତକଙ୍କ ସଂଖ୍ୟା ୧୨ ବୋଲି ପ୍ରଶାସନିକ ସ୍ତରରେ ମଙ୍ଗଳବାର ଦର୍ଶାଯାଇଛି । ପ୍ରତ୍ୟେକ ମୃତକଙ୍କୁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ । ଏହି ମୃତ୍ୟୁ ତାଲିକାରେ ୧୧ବର୍ଷର ବାଳିକା କଲ୍ୟାଣୀ ମଲ୍ଲିକଙ୍କ ନାଁ ନାହିଁ । ଅଗ୍ନିକାଣ୍ଡ ଘଟିବାର କିଛି ସମୟ ପରେ କଲ୍ୟାଣୀ ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉଥିଲେ ବୋଲି ଏସ୍ସିବି ପ୍ରଶାସନ ପ୍ରଥମେ ଦର୍ଶାଇଥିଲା । ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରକାଶ କରାଯାଇଥିବା ରୋଗୀ ତାଲିକାରୁ ତାଙ୍କ ନାମ ହଟାଇ ଦିଆଯାଇଥିଲା । ମୃତ କଲ୍ୟାଣୀଙ୍କ ପରିବାର ଲୋକେ ମଙ୍ଗଳବାର ଶବ ରଖି ଧାରଣା ଦେବା ପରେ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ ପହଁଚି ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କାର ସହାୟତା ଦେଇଥିଲେ । ମୃତ ଶିଶୁକନ୍ୟାକୁ ଧରି ଗରିବ ପରିବାର ଭଦ୍ରକ ହରିପୁରକୁ ଫେରିଛନ୍ତି । କଲ୍ୟାଣୀଙ୍କୁ ନ୍ୟାୟ ମିଳିଲା ନା କେବଳ ଭଣ୍ଡେଇ ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଅଗ୍ନିକାଣ୍ଡ ପରେ ଏସ୍ସିବି ପ୍ରଶାସନ ପ୍ରଥମେ ଏକ ରୋଗୀ ତାଲିକା ପ୍ରକାଶ କରିଥିଲା । ଯେଉଁଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, କୃପାସିନ୍ଧୁ ମଲ୍ଲିକଙ୍କ ଝିଅ କଲ୍ୟାଣୀ ଥାଲାସେମିଆ ରୋଗରେ ପୀଡ଼ିତ ଥିଲା । ଓପିଡି ପଞ୍ଜୀକରଣ ନଂ(୨୧୧୦୨୨୬୦୧୮୪୨୨୫୪)ରେ ସେ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଆଇପିଡି ପଞ୍ଜୀକରଣ ନଂ(୨୧୧୦୨୨୦୨୬୦୨୮୧୫୭) ରେ ତାଙ୍କୁ ଆଡମିଶନ ମିଳିଥିଲା । ୧୫ ତାରିଖ ଦିନ ଅପରାହ୍ନ ୩ଟା ୨୨ରେ ତାଙ୍କୁ ଟ୍ରମା ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା । ଏସ୍ସିବି ପ୍ରଶାସନର ପ୍ରଥମ ରିପୋର୍ଟରେ କଲ୍ୟାଣୀ ଅଗ୍ନିକାଣ୍ଡ ପୂର୍ବରୁ ଆଇସିୟୁରେ ଥିଲେ ବୋଲି ସ୍ପଷ୍ଟ ଭାବେ କୁହାଯାଇଥିଲା । ଏପରିକି ଅଗ୍ନିକାଣ୍ଡ ପରେ ତାଙ୍କୁ ଭେଷଜ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିବା ଉଲ୍ଲେଖ ହୋଇଥିଲା । ଏବେ ଘଟଣାର ମୋଡ ବଦଳିଛି । କଲ୍ୟାଣୀ ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉନଥିଲେ ବୋଲି ମେଡିକାଲ ପ୍ରଶାସନ ପକ୍ଷରୁ କୁହାଯାଉଛି । କଲ୍ୟାଣୀଙ୍କ ମା', ସୁମତି ଅଭିଯୋଗରେ କହିଛନ୍ତି ଯେ, କଲ୍ୟାଣୀର ଛାତିରେ ଯନ୍ତ୍ରଣା ହେଉଥିବାରୁ ତାଙ୍କୁ ବଡ ମେଡିକାଲ ଆଣିଥିଲେ । ନିଆଁ ଲାଗିବା ବେଳେ ଝିଅ ସେଠାରେ ଥିଲା । ଅନ୍ୟ ମାନଙ୍କୁ ଉଦ୍ଧାର କରାଯିବା ବେଳେ କଲ୍ୟାଣୀଙ୍କୁ କଢ଼ା ଯିବା ବେଳକୁ ଭୋର ୪ଟା ହୋଇଯାଇଥିଲା । ନିଆଁ, ଧୂଆଁ ଭିତରେ ଅଣନିଶ୍ୱାସୀ ହୋଇ କଲ୍ୟାଣୀ ମରିଛି ବୋଲି ମା ସୁମତି ଅଭିଯୋଗରେ କହିଛନ୍ତି । ଏପରିକି ସେ ନ୍ୟାୟ ଭିକ୍ଷା କରିଛନ୍ତି । ଅନ୍ୟପକ୍ଷରେ ତହସିଲଦାରଙ୍କ ପକ୍ଷରୁ ୨୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି

# ରାଷ୍ଟ୍ରପତିଙ୍କ ଦ୍ୱାରା ଅକ୍ଷୟପାତ୍ର ଫାଉଣ୍ଡେସନର ୫୦୦ କୋଟିତମ ଭୋଜନ ପରିବେଷଣ

ନୂଆଦିଲ୍ଲୀ (ସବ୍ୟୁ); ଅକ୍ଷୟପାତ୍ର ଫାଉଣ୍ଡେସନ, ତାର ୫୦୦ କୋଟିତମ ଭୋଜନ ଥାଳି ପରିବେଷଣ ଏବଂ ମାନବ ସେବାର ୨୫ ବର୍ଷ ପୂରଣର ମାଇଲଖୁଣ୍ଟକୁ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ପାଳନ କରିଛି । ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଅକ୍ଷୟପାତ୍ରର ଫାଉଣ୍ଡେସନର ପ୍ରତିଷ୍ଠାତା ଓ ବିଶ୍ୱ ହରେ କୃଷ୍ଣ ମୁଭମେଣ୍ଟର ଅଧ୍ୟକ୍ଷ ତଥା ସଭାପତି ମଧୁ ପଣ୍ଡିତ ଦାସ ଏବଂ ଉକ୍ତ ସଂଗଠନମାନଙ୍କର ବରିଷ୍ଠ ଉପାଧ୍ୟକ୍ଷ ଚଞ୍ଚଳପତି ଦାସଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ବିକଶିତ ଭାରତ ପାଇଁ ସୁପୋଷିତ ଏବଂ ସୁଶିକ୍ଷିତ ଭାରତ" - ଏକ ବିକଶିତ ଭାରତ ପାଇଁ ଶିଶୁ ପୁଷ୍ଟି ଏବଂ ଶିକ୍ଷା ପ୍ରତି ସାମୂହିକ ପ୍ରୟାସକୁ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅକ୍ଷୟ ପାତ୍ରର ଟ୍ରଷ୍ଟି ବୋର୍ଡ, ବରିଷ୍ଠ ସରକାରୀ ଅଧିକାରୀ, ବିଶିଷ୍ଟ ନେତା, ପବ୍ଲିକ ପଲିସୀ ଥିଙ୍କ ଟ୍ୟାଙ୍କ, ବଦାନ୍ୟ ବ୍ୟକ୍ତି, ଅଂଶୀଦାର, ସମର୍ଥକ ଏବଂ ପ୍ରମୁଖ ସହଭାଗୀମାନେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ "ପ୍ରଧାନମନ୍ତ୍ରୀ ପୋଷଣ" ଯୋଜନାର ଏକ ପ୍ରମୁଖ କାର୍ଯ୍ୟକାରୀ ଅଂଶୀଦାର ଭାବରେ, ଅକ୍ଷୟପାତ୍ର ଫାଉଂଡେସନ ସାରା ଭାରତରେ ସରକାରୀ ଏବଂ ଅନୁଦାନ ପ୍ରାପ୍ତ ବେସରକାରୀ ସ୍କୁଲରେ ପଢୁଥିବା ଲକ୍ଷ ଲକ୍ଷ ପିଲାଙ୍କୁ ତାଜା, ପୁଷ୍ଟିକର ଖାଦ୍ୟ ପରିବେଷଣ କରିଆସୁଛି। ଫାଉଣ୍ଡେସନ ବର୍ତ୍ତମାନ ଭାରତର ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳର ୭୮ଟି ସ୍ଥାନରେ ଏହାର ଅତ୍ୟାଧୁନିକ ରୋଷେଇ ଘର ମାଧ୍ୟମରେ ୨୩.୫ ଲକ୍ଷ ପିଲାଙ୍କୁ ଖାଦ୍ୟ ଯୋଗାଇ ଆସୁଛି ଏବଂ ୨୦୩୦ ସୁଦ୍ଧା ପ୍ରତିଦିନ ୩୦ ଲକ୍ଷ ପିଲାଙ୍କୁ ଖାଦ୍ୟ ଦେବାକୁ ଲକ୍ଷ୍ୟ ରଖୁଛି ।

ଏହି ଅବସରରେ ଭାରତର ରାଷ୍ଟ୍ରପତି କହିଛନ୍ତି, "ଆଜି, ଆମେ ଏକ ପ୍ଲେଟ ମିଲର ଆଶୀର୍ବାଦ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଅକ୍ଷୟ ପାତ୍ର ଫାଉଣ୍ଡେସନର ଉତ୍କୃଷ୍ଟ ଭୂମିକାକୁ ପାଳନ କରିବାକୁ ଏଠାରେ ଏକତ୍ରିତ ଅଛୁ। ଅକ୍ଷୟପାତ୍ର କରୁଣା ଉପରେ ଆଧାରିତ ସାମାଜିକ ନବସୃଜନର ଏକ ଉଦାହରଣ ଭାବରେ ଠିଆ ହୋଇଛି। ଏହା ପ୍ରଶଂସନୀୟ ଯେ ଅକ୍ଷୟପାତ୍ର ବିଗତ ୨୫ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସ୍କୁଲ ମାନଙ୍କରେ ମଧ୍ୟାହ୍ନ ଭୋଜନ ପରିବେଷଣ କରିଆସୁଛି । ମୁଁ ଇସ୍କନର ପ୍ରତିଷ୍ଠାତା-ଆଚାର୍ଯ୍ୟ ଶ୍ରୀଲ ପ୍ରଭୁପାଦଜୀଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି, ଯିଏ କୌଣସି ବ୍ୟକ୍ତି ଭୋକରେ ରହିବେ ନାହିଁ ବୋଲି କଳ୍ପନା କରିଥିଲେ - ବିଶେଷକରି ଛୋଟ ପିଲାମାନେ ଏବଂ ସାରା ବିଶ୍ୱରେ ଅନ୍ନଦାନର ମହାନ ଭାରତୀୟ ସଂସ୍କୃତିକୁ ପରିଚିତ କରାଇଥିଲେ। ପିଲାମାନେ କେବଳ ମାଗଣା ସ୍କୁଲ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର




ଲାଭାର୍ଥୀ ନୁହଁନ୍ତି, ସେମାନେ ୨୦୪୭ସୁଦ୍ଧା $୩୧ ଟ୍ରିଲିୟନ ଅର୍ଥନୀତି ସୁନିଶ୍ଚିତ କରିବା ପାଇଁ ଏକ ଉତ୍ପାଦନକ୍ଷମ, ପ୍ରତିଯୋଗିତାମୂଳକ ଭବିଷ୍ୟତ କର୍ମଶକ୍ତିର ବାହକ ମୁଁ ଖୁସି ଯେ ଅକ୍ଷୟ ପାତ୍ରର କିଛି ପୂର୍ବତନ ହିତାକାରୀ ଆଜି ଆମ ସହିତ ଅଛନ୍ତି । ଏହି ଯୁବକମାନେ ସ୍କୁଲ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଯୋଗୁଁ ସେମାନଙ୍କର ମହରାକାଂକ୍ଷାକୁ ଆଗକୁ ବଢାଇପାରୁଛନ୍ତି, ଏହା ଦେଖି ମୋର ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇଯାଏ । ସେମାନେ ବିକଶିତ ଭାରତ ପାଇଁ ସୁପୋଷିତ ଏବଂ ସୁଶିକ୍ଷିତ ଭାରତ ଚିନ୍ତାଧାରାର ପ୍ରମାଣ । ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, "ମୁଁ ଶ୍ରୀଲ ପ୍ରଭୁପାଦଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି, ଯାହାଙ୍କ ପ୍ରେରଣାରୁ ହିଁ ଏହି ନିସ୍ୱାର୍ଥପର ଖାଦ୍ୟ ବଣ୍ଟନ ପଦକ୍ଷେପ ଜନ୍ମ ଦେଇଥିଲା, ଯାହା ବର୍ତ୍ତମାନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଛି।

ମୁଁ ମଧୁ ପଣ୍ଡିତ ଦାସ ଜୀ ଏବଂ ଚଞ୍ଚଳପତି ଦାସ ଜୀଙ୍କୁ ମୋର ହୃଦୟର ସହିତ କୃତଜ୍ଞତା ଜଣାଉଛି, ଯାହାଙ୍କ ଦୂରଦୃଷ୍ଟି ଅକ୍ଷୟପାତ୍ର ଆନ୍ଦୋଳନର ମୂଳଦୁଆ ପକାଇଥିଲା। ୨୫ ବର୍ଷର ଯାତ୍ରା ନିଶ୍ଚୟ ସହଜ ନଥିଲା, ତଥାପି ଆପଣଙ୍କର ସଂକଳ୍ପ ଅଟଳ ରହିଛି। ଆଜି, ଏହି ଜନ ଆନ୍ଦୋଳନର ସବୁଠାରୁ ବଡ଼ ଲାଭାର୍ଥୀ ହେଉଛି ଭାରତର ଶିକ୍ଷା କ୍ଷେତ୍ର। ୧୬ ଟି ରାଜ୍ୟ ଏବଂ ୨୫,୦୦୦ ରୁ ଅଧିକ ସ୍କୁଲରେ, ଆପଣ ପ୍ରତିଦିନ ୨୩.୫ ଲକ୍ଷ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି। ଏଥିପାଇଁ, ମୁଁ ମୋର ଗଭୀର କୃତଜ୍ଞତା ପ୍ରକାଶ କରୁଛି। ଯେପର୍ଯ୍ୟନ୍ତ ଆମର ପିଲା ଏବଂ ଯୁବକମାନେ ଭଲ ଭାବରେ ପୁଷ୍ଟିଯୁକ୍ତ ନ ହୁଅନ୍ତି, ଭାରତ ଏହାର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବରେ ଅନୁଭବ କରିପାରିବ ନାହିଁ । ଶ୍ରୀ ମଧୁ ପଣ୍ଡିତ ଦାସ କହିଛନ୍ତି, "ଆଜିର କାର୍ଯ୍ୟକ୍ରମକୁ ସଦୟ ଭାବରେ ଆଶୀର୍ବାଦ କରିବା ପାଇଁ ମୁଁ ରାଷ୍ଟ୍ରପତିଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ପ୍ରକାଶ କରୁଛି । ଆମେ ଅକ୍ଷୟ ପାତ୍ରଙ୍କ ମାନବତା ପ୍ରତି ୨୫ ବର୍ଷର ସେବା ଏବଂ ୫୦୦ କୋଟିତମ ଖାଦ୍ୟ ପରିବେଷଣ କରିବାର ମାଇଲଖୁଣ୍ଟକୁ ମନେ ପକାଇବା ସହିତ, ଆମେ ଶ୍ରୀଇ ପ୍ରଭୁପାଦଙ୍କ ମହାନ ଦୃଷ୍ଟିକୋଣ ପାଇଁ କାମ କରିବାକୁ ଆମର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଉଛୁ ଯେ କେହି କେବେ ଭୋକିଲା ରହିବେ ନାହିଁ । ଏହି କାର୍ଯ୍ୟକ୍ରମ ଅକ୍ଷୟ ପାତ୍ରର ସମସ୍ତଙ୍କୁ ଆହୁରି ଉତ୍ସାହର ସହିତ ପିଲାମାନଙ୍କ ପ୍ରତି ଆମର ସେବା ଜାରି ରଖିବାକୁ ଉତ୍ସାହିତ କରିଛି। ଚଞ୍ଚଳପତି ଦାସ କହିଛନ୍ତି, "ଆମର ୨୫ ବର୍ଷର ଯାତ୍ରାରେ ୫୦୦ କୋଟି ତମ ଖାଦ୍ୟ ପରିବେଷଣ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟରେ ପହଞ୍ଚିଥିବାରୁ ଏହା ଅକ୍ଷୟପାତ୍ର ପାଇଁ ଏକ ଆନନ୍ଦଦାୟକ ଅବସର ସେମାନଙ୍କ କାର୍ଯ୍ୟସୂଚୀରୁ ସମୟ ବାହାର କରି ଆଜିର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାରୁ ଆମର ସମସ୍ତ ଅତିଥିଙ୍କୁ ଆମେ ଧନ୍ୟବାଦ ଦେଉଛୁ। ଅକ୍ଷୟପାତ୍ର ମାତ୍ର ୧୨ ବର୍ଷ ମଧ୍ୟରେ କ୍ରମାଗତ ଭାବରେ ୧୦୦ କୋଟି ଖାଦ୍ୟ ପରିବେଷଣ କରିବାର ପ୍ରଥମ ମାଇଲଖୁଣ୍ଟ ହାସଲ କରିଥିଲା ଯାହାର ସ୍ମୃତିଚାରଣ ଏହି ଅବସରରେ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କ ଦ୍ୱାରା ୫୦୦ କୋଟିତମ ଖାଦ୍ୟ ପରିବେଷଣ କରାଯାଇଥିଲା।

# ଅନଧିକୃତ ଓ ବେଆଇନ୍ ବିଦ୍ୟୁତ ପୁନଃ ସଂଯୋଗ ବିରୋଧରେ ଟିପିଏସ୍ଓଡିଏଲର ଦୃଢ଼ କାର୍ଯ୍ୟାନୁଷ୍ଠାନ



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସ୍ଓଡିଏଲ୍), ଟାଟା ପାଓ୍ବାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନଧିକୃତ ଏବଂ ବେଆଇନ ବିଦ୍ୟୁତ ଯୋଗାଣ ଠାବ କରିଛି । ଏ ସଂକ୍ରାନ୍ତରେ କମ୍ପାନୀ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ପୁଲିସକୁ ଏ ବାବଦରେ ଜଣାଇଛି । ଏଥିସହିତ ଟିପିଏସ୍ଓଡିଏଲ୍ ଉପଭୋକ୍ତାଙ୍କୁ ଏଭଳି ଅଭ୍ୟାସରୁ ବିରତ ରହିବା ପାଇଁ କହିବା ସହ ବେଆଇନ ବିଦ୍ୟୁତ ସଂଯୋଗର ପୁନଃସ୍ଥାପନ କରିବା ପାଇଁ ଆଇନଗତ ପ୍ରକ୍ରିୟା ଅନୁସରଣ କରିବାକୁ ଅନୁରୋଧ କରିଛି । ଗତ ୧୨ ମାର୍ଚ୍ଚ ୨୦୨୬ରେ ଜୟପୁର ସର୍କଲ ଅନ୍ତର୍ଗତ ନବରଙ୍ଗପୁର ଇଲେକଟ୍ରିକାଲ ଡିଭିଜନର କୋଷଗୁମୁଡ଼ା ଥାନା ଅନ୍ତର୍ଗତ କେର୍ଲା ଗ୍ରାମରେ ଟିପିଏସ୍ଓଡିଏଲର କର୍ମଚାରୀମାନେ ଏଭଳି ଏକ ଘଟଣା ଠାବ କରିଥିଲେ । ଯେଉଁଠାରେ ଜଣେ ବ୍ୟକ୍ତି ବିଦ୍ୟୁତ ଦେୟ ପ୍ରଦାନ କରିଥିବା ଉପଭୋକ୍ତାଙ୍କ ଘରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ପରେ ମଧ୍ୟ ଅନୈତିକ ଉପାୟରେ ବିଦ୍ୟୁତ ସଂଯୋଗ ପୁନଃ ସ୍ଥାପନ କରୁଥିଲେ । ଘଟଣାର ତଦନ୍ତ ପାଇଁ ଫଟୋ ଏବଂ ଭିଡିଓ ପ୍ରମାଣ ସହିତ ମାମଲାକୁ ପୁଲିସକୁ ଜଣାଇ ଦିଆଯାଇଛି । ସେହିଭଳି ଗତ ୧୪ ମାର୍ଚ୍ଚ ୨୦୨୬ରେ ଟିପିଏସ୍ଓଡିଏଲ୍ ତରଫରୁ ଅନ୍ୟ ଏକ ଘଟଣା ଠାବ କରାଯାଇଛି । ଚନ୍ଦାହାଣ୍ଡି ଥାନା ଅନ୍ତର୍ଗତ ଲଡୁପଡ଼ା ଗାଁର ଜନୈକ ବ୍ୟକ୍ତି ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ହୋଇଥିବା ଉପଭୋକ୍ତାଙ୍କ ଘରେ ଅନୈତିକ ଉପାୟରେ ବିଦ୍ୟୁତ ଯୋଗାଣ ପୁନଃ ସ୍ଥାପନ କରିବାର ଦେଖିବାକୁ ମିଳିଥିଲା । ଉପଲବ୍ଧ ସୂଚନା ମୁତାବକ ଜନୈକ ବ୍ୟକ୍ତି ଲଡୁପଡ଼ା ଗାଁର ଗୋବର୍ଦ୍ଧନ ଗୌଡ଼ ବୋଲି ଜଣାପଡ଼ିଛି ।

ଏ ସଂକ୍ରାନ୍ତରେ ପୁଲିସ ପାଖରେ ଏକ ମାମଲା ରୁଜୁ ହେବା ସହିତ ସବିଶେଷ ତଥ୍ୟ ପ୍ରମାଣ ଦାଖଲ କରାଯାଇଛି । ଏଥିସହିତ ଏ ବାବଦରେ ପୁଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୁନିଶ୍ଚିତ କରିଛି ଛଏକ ଭିନ୍ନ ମାମଲାରେ ଟିପିଏସ୍ଓଡିଏଲ୍ ଡାବୁଗାଁ ଥାନା ଅନ୍ତର୍ଗତ କୋଇଲାରି ଗାଁରେ ବହୁ ମାତ୍ରାରେ ବେଆଇନ ବିଦ୍ୟୁତ ସଂଯୋଗର ପୁନଃସ୍ଥାପନ ଚିହ୍ନଟ କରିଛି । ଯେଉଁଠାରେ ୪୦ଟି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିବା ସତ୍ତ୍ୱେ ବେଆଇନ ଭାବରେ ସେଗୁଡ଼ିକର ପୁନଃ ସ୍ଥାପନ ହୋଇଥିବା ଜଣା ପଡ଼ିଛି ।

ଏ ସଂକ୍ରାନ୍ତରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ ଦାଏର ହେବା ସହିତ ସମସ୍ତ ପ୍ରମାଣ ଦାଖଲ କରାଯାଇଛି । ଟିପିଏସ୍ଓଡିଏଲ୍ ଅନଧିକୃତ ଏବଂ ଅନୈତିକ ବିଜୁଳି ସଂଯୋଗକୁ ଦୃଢ଼ ଭାବରେ ନିନ୍ଦା କରୁଛି । ଯାହା କେବଳ କମ୍ପାନୀକୁ ଆର୍ଥିକ କ୍ଷତି ପହଞ୍ଚାଏ ତାହା ନୁହେଁ ବରଂ ଆଇନଗତ ପୁନରୁଦ୍ଧାର ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ସହିତ ଉପଭୋକ୍ତା ଓ ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇଥାଏ । ଅନୈତିକ ଉପାୟରେ ବିଦ୍ୟୁତ ଶକ୍ତି ବ୍ୟବହାର ବିଦ୍ୟୁତ ଆଘାତ, ବୈଦ୍ୟୁତିକ ଦୁର୍ଘଟଣା ସହିତ ଜନସାଧାରଣଙ୍କ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିଥାଏ । ଟିପିଏସ୍ଓଡିଏଲ୍ ଦୋହରାଇଛି ଯେ ବିଦ୍ୟୁତ ଅଧିନିୟମ (ଇଲେକଟ୍ରିସିଟି ଆକ୍ଟ) ଅନୁସାରେ ବିଦ୍ୟୁତ ଲାଇନ ଟାମ୍ପରିଂ କରିବା କିମ୍ବା ଅନୈତିକ ଉପାୟରେ ବିଦ୍ୟୁତ ସଂଯୋଗ ନେବା ଏକ ଦଣ୍ଡନୀୟ ଅପରାଧ । ଏଭଳି କାର୍ଯ୍ୟରେ ସାହାଯ୍ୟ କରିବା କିମ୍ବା ସୁବିଧା ଯୋଗାଇବା ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପରିସରଭୁକ୍ତ । ଏଥିରେ ସମ୍ପୃକ୍ତ ଗ୍ରାହକମାନେ ଜରିମାନା, ବକେୟା ଆଦାୟ ଏବଂ ଅନ୍ୟାନ୍ୟ ଅଭିଯୋଗ ସହିତ ଆପରାଧିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇ ପାରନ୍ତି । କମ୍ପାନୀ ତରଫରୁ ସମସ୍ତ ବକେୟା ବିଦ୍ୟୁତ ଦେୟ ଅଫିସିଆଲ୍ ଚ୍ୟାନେଲ ମାଧ୍ୟମରେ ଦାଖଲ କରିବାକୁ ଏବଂ ପ୍ରାଧିକୃତ ବିଦ୍ୟୁତ ଯୋଗାଣ ପାଇଁ ଟିପିଏସ୍ଓଡିଏଲ୍ ଅଫିସ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଏଥିସହିତ ଉପଭୋକ୍ତାଙ୍କୁ ଜଣାଯାଇଛି ଅଣସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କୁ ଏଭଳି କାର୍ଯ୍ୟରେ ନିୟୋଜିତ ନକରିବାକୁ ।

ଏକ ସୁରକ୍ଷିତ, ଭରସାଯୋଗ୍ୟ ଏବଂ ଆଇନଗତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ । ଅନୈତିକ ଏବଂ ଅସୁରକ୍ଷିତ କାର୍ଯ୍ୟକଳାପ ରୋକିବା ପାଇଁ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ଟିପିଏସ୍ଓଡିଏଲ୍ ଅନୁରୋଧ କରିଛି

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ନିଶା ନିବାରଣ ସଚେତନତା




କଟକ, (ସ୍ୱପ୍ର): ଭାରତ ସରକାରଙ୍କ ଗୃହମନ୍ତ୍ରାଳୟ ଅଧିନସ୍ଥ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍ସିବି), ଭୁବନେଶ୍ୱର ପକ୍ଷରୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ନିଶା ଦ୍ରବ୍ୟ ଏବଂ ସମାଜ ଉପରେ ଏହାର କୁପ୍ରଭାବ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋର ଆଞ୍ଚଳିକ ନିର୍ଦ୍ଦେଶକ କୁଳଦୀପ ଶର୍ମା ଓ ସମ୍ମାନିତ ଅତିଥି ସହକାରୀ ନିର୍ଦ୍ଦେଶକ ହୃଦୟ କୁମାର ଦାସ ନିଶା ସେବନ କେବଳ ବ୍ୟକ୍ତି ବିଶେଷ ନୁହେଁ ବରଂ ସମଗ୍ର ସମାଜକୁ ପ୍ରଭାବିତ କରିଥାଏ । ଯୁବଗୋଷ୍ଠୀ ସଚେତନ ହେଲେ ଓ ନିଶାକୁ ଦୂରେଇ ରହିଲେ ଏକ ସୁସ୍ଥ ଓ ସମୁନ୍ନତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସିନକ ନିର୍ଦ୍ଦେଶକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ସୁଶାନ୍ତ କୁମାର ଦାସ ମାଦକ ଦ୍ରବ୍ୟ ସେବନ ଦ୍ୱାରା କିଭଳି ବ୍ୟକ୍ତିତ୍ୱର ଅବକ୍ଷୟ ଘଟେ ସେ ସମ୍ପର୍କରେ ବର୍ଣ୍ଣନା କରି ଛାତ୍ରଛାତ୍ରୀ ନିଶା ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ । ନିଶା ମୁକ୍ତି ସଙ୍ଗଠନ ଫେଥ୍ ଚାରିଟେବୁଲ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ କୁମାର ପାତ୍ର, ପରାମର୍ଶଦାତା ଜୟଗୋପାଳ ମହାନ୍ତ. ପ୍ରକଳ୍ପ ସଂଯୋଜକ ରମାକାନ୍ତ ମହାନ୍ତି ନିଶାମୁକ୍ତି କ୍ଷେତ୍ରରେ ସଙ୍ଗଠନର ଆଭିମୁଖ୍ୟ ଓ କାର୍ଯ୍ୟଧାରା ଉପରେ ସୂଚନା ଦେଇଥିଲେ । ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋର ସ୍ୱପ୍ନେନ୍ଦୁ ପଣ୍ଡା ପ୍ରାରମ୍ଭିକ ସୂଚନା ଏବଂ ସରୋଜ କୁମାର କାଲେଟ୍ ଧନ୍ୟବାଦ ଅର୍ପଣ ସହ ଛାତ୍ରଛାତ୍ରୀଙ୍କୁ ନିଶା ନିରୋଧୀ ସଂକଳ୍ପ ପାଠ କରାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ, ଡିନ୍ (ଗବେଷଣା) ଡ.ବିଶ୍ୱରଂଜନ ମହାନ୍ତି, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂକୁ କଂଗ୍ରେସର ନିନ୍ଦା

ଭଞ୍ଜନଗର, (ସବ୍ୟୁ) : ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂକୁ ଭଞ୍ଜନଗର କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି । ଦଳ ବିରୋଧୀ କାର୍ଯ୍ୟ ସକାଶେ ରାଜ୍ୟ କଂଗ୍ରେସ ପକ୍ଷରୁ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ବିଧାୟକ ରମେଶ ଜେନା ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ସମାଲୋଚନାର ଶିକାର ହୋଇଛନ୍ତି । ଗତ ୧୬ ତାରିଖରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ପିସିସି ସଭାପତିଙ୍କ ନିର୍ଦ୍ଦେଶକୁ ଭୃକ୍ଷେପ ନକରି ଉକ୍ତ ୩ ଜଣ ବିଧାୟକ ଦଳ ବିରୋଧରେ କ୍ରସ ଭୋଟିଂ କରିଥିଲେ । ଯାହା ଫଳରେ ଏହାର ପ୍ରଭାବରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜୟୀ ହୋଇଥିଲେ । ତେଣୁ ସେମାନଙ୍କ ବିରୁଦ୍ଧରେ ମଙ୍ଗଳବାର ରାଜ୍ୟ କଂଗ୍ରେସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଠାରେ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବି ଦଣ୍ଡପାଣି ପାତ୍ର ଓ ଗତ ବିଧାନସଭା ନିର୍ବାଚନ ର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ବିଷୋୟୀ ମଙ୍ଗଳବାର ସ୍ଥାନୀୟ ପୂର୍ତ୍ତ ଡାକ ଡାକ ବଙ୍ଗଳାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରସ ଭୋଟିଂ କୁ ନିନ୍ଦା କରିବା ସହ ନିଜ ସ୍ୱାର୍ଥ ହାସଲ ପାଇଁ ଏହି ୩ ଜଣ କଂଗ୍ରେସ ବିଧାୟକ ସମସ୍ତ କଂଗ୍ରେସ କର୍ମୀମାନଙ୍କ ବିଶ୍ୱାସରେ ବିଷ ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ । ଯାହାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଦଳୀୟ ଟିକେଟ୍ ରେ ବିଜୟୀ ହୋଇ କିଛି ଅର୍ଥ ଲୋଭରେ ଅନ୍ୟ ପ୍ରାର୍ଥୀକୁ ସମର୍ଥନ କରିଛନ୍ତି । ତେଣୁ ଦଳ ପକ୍ଷରୁ କେବଳ ନିଲମ୍ବନ ନୁହଁ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏଠାରେ ଏହି ୨ ନେତା ଦାବି କରିଛନ୍ତି ।

# ଗଞ୍ଜାମ ଜିଲ୍ଲା ପୁରୁଷ ଓ ମହିଳା ବକ୍ସରଙ୍କ ଚୟନ

ବ୍ରହ୍ମପୁର, (ସବ୍ୟୁ): ଚଳିତ ମାସ ୨୫ ଓ ୨୬ ଦୁଇ ଦିନ ଧରି ହେବାକୁ ଥିବା ୧୭ ବର୍ଷରୁ କମ ବାଳକ ଓ ବାଳିକା ସେହିପରି ୧୯ ବର୍ଷ ରୁ କମ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲ୍ଲା ବକ୍ସିଂ ପୁରୁଷ ଓ ମହିଳା ବକ୍ସିଂ ଦଳ ଚୟନ କରାଯିବ । ଯେଉଁମାନେ ୨୦୧୦ ଜାନୁଆରୀ ୧ ତାରିଖ ଠାରୁ ୨୦୧୨ ଡିସେମ୍ବର ୩୧ ତାରିଖ (ଜୁନିଅର) ଓ ୨୦୦୮ ଜାନୁଆରୀ ୧ ତାରିଖ ଠାରୁ ୨୦୦୯ ଡିସେମ୍ବର ୩୧(ୟୁଥ) ମଧ୍ୟରେ ଜନ୍ମ ଗ୍ରହଣ କରିଥିବେ ସେମାନେ ଏଥିରେ ଭାଗ ନେଇ ପାରିବେ ।

ଏହି ଶିବିର ଆସନ୍ତା ୧୯ ତାରିଖ ସକାଳ ୭ ଘଣ୍ଟା ଠାରୁ ୯ ଘଣ୍ଟା ସମୟ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ଠାରେ ଚୟନ କରାଯିବ। ଏହି ଚୟନ ଶିବିରରେ ଯୋଗ ଦେବାକୁ ସମସ୍ତ ଗଞ୍ଜାମ ଜିଲ୍ଲାର ଶିକ୍ଷାନୁଷ୍ଠାନ, କ୍ଲବ୍, ବ୍ଲକ୍ ଓ ଆସୋସିଏସନ ବକ୍ସରମାନେ ନିଜର ଜନ୍ମଗତ ପ୍ରମାଣ ପତ୍ର ଓ ଆଧାର କାର୍ଡ, ପାସ୍ ଫୋଟୋ ୩ଟି ସହ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ଜିଡିଏର ବକ୍ସିଂ ସମ୍ପାଦକ କେ ପ୍ରଭାକର ରାଓ ଓ ଅନ୍ତର୍ଜାତୀୟ ରେଫେରି ତଥା ସ୍ଥାନୀୟ କୋଚ ଶିଶିର କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବା ପାଇଁ ସମ୍ପାଦକ ଜେ କାମେଶ୍ୱର ରାଓ ଜଣାଇଛନ୍ତି ।

# ଏମ୍ପିସି ସ୍ୱୟଂଶାସିତ କଲେଜ ବାଣିଜ୍ୟ ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବାରିପଦା, (ସବ୍ୟୁ) : ସମକାଳୀନ ବିଶ୍ୱ ଅର୍ଥନୀତିରେ, ଉଦ୍ୟୋଗତା ନବସୃଜନ, ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିର ଆଗ ଧାଡ଼ିରେ ଆମ ଦେଶ ଭାରତ ବର୍ତ୍ତମାନ ସମାଜର ଅଗ୍ରଗତି ପାଇଁ ସ୍ଥାୟୀ ବିକାଶ, ଉଦ୍ୟୋଗୀ ଚିନ୍ତାଧାରା ଏବଂ ଷ୍ଟାର୍ଟ-ଅପ୍ ଅତ୍ୟାବଶ୍ୟକ । ଭାରତ ଏବେ ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ ଏବଂ ଡିଜିଟାଲ୍ ଇଣ୍ଡିଆ ଭଳି ପଦକ୍ଷେପ ମାଧ୍ୟମରେ ଏହି ପରିବର୍ତ୍ତନକୁ ଗ୍ରହଣ କରିଛି, ଯାହା ନବସୃଜନକୁ ପାଥେୟ କରିବା ସହିତ ଯୁବ ପିଢ଼ିଙ୍କୁ ସଶକ୍ତ କରିବାରେ ଲକ୍ଷ୍ୟ ରଖୁଛି । ଏହି ପରିପ୍ରେକ୍ଷୀରେ, ଓଡ଼ିଶା ରାଜ୍ୟ ସକ୍ରିୟ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ




ଭୂମିକା ଗ୍ରହଣ କରିଛି । ପ୍ରଗତିଶୀଳ ନୀତି, ସଂସ୍ଥାଗତ ସହାୟତା ଏବଂ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ଓଡ଼ିଶା ସରକାର ଯୁବ ଉଦ୍ୟୋଗୀମାନଙ୍କ ଚିନ୍ତାଧାରାକୁ କାର୍ଯ୍ୟକ୍ଷମ କରିବାକୁ ଉତ୍ସାହିତ କରୁଛନ୍ତି । ଏହି କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକ ଏବେ ନବସୃଜନ, ଗବେଷଣା ଏବଂ ଉଦ୍ୟୋଗୀ ପରୀକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ପାଲଟିଛନ୍ତି । ମୟୂରଭଞ୍ଜସ୍ଥ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏମ୍ପିସି ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ 'ଉଦ୍ୟୋଗିତା ଏବଂ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ' ଶୀର୍ଷକରେ ଦ୍ୱି-ଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗର କମିଶନର୍ କମ୍ ସେକ୍ରେଟେରୀ ଅରବିନ୍ଦ ଅଗ୍ରଓ୍ୱାଲ ଯୋଗଦେଇ ଭାରତ ତଥା ଓଡିଶାରେ ଉଦ୍ୟୋଗ ପନ'ର ସ୍ଥିତି ଓ ଯୁବ ପିଢ଼ିଙ୍କ ସହଭାଗୀତା ବିଷୟରେ କହିବା ସହ ଉଦ୍ୟୋଗୀ ହେବା ନିମନ୍ତେ ନୂତନ ଚିନ୍ତାଧାରା, ପ୍ରତିବନ୍ଧକ, ପ୍ରତିଯୋଗିତା ଏପରିକି ନୂଆ ନୂଆ କୌଶଳର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପ୍ରଫେସର କିଶୋର କୁମାର ଦାସ, ଆବାହକ ଭାବରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ରୂପସା ମହାପାତ୍ର, ଅଧିକ୍ଷକ ପ୍ରଃ ବେହେରା ସ୍ୱାଗତ ଭାଷଣରେ କହିଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ଆଶୁତୋଷ ପ୍ରୟାସ ଦାଶ ମଞ୍ଚ ଆବାହନ ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନ କରିଥିଲେ । ଏହି ଅବସରରେ ଆଲୋଚନା ଚକ୍ରର ସ୍ମରଣିକା ଉନ୍ମୋଚନ କରାଯାଇଥିଲା ଓ ଦ୍ୱିତୀୟ ଅବେଶନରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ଅନାମ ଚରଣ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡଃ ସଂଜୀବ କୁମାର ଦେ ଯୋଗ ଦେଇଥିଲେ । ସହ ସଭାପତି ଭାବେ ଏମ୍ଏସ୍ସିବି ବିଶ୍ୱବିଦ୍ୟାଳୟର ଡଃ ଶ୍ରୀତମ ଦାସ, ପଶ୍ଚିମବଙ୍ଗରୁ ଡଃ ଶାନ୍ତନୁ ଘୋଷ, ସହକାରୀ ପ୍ରଫେସର ରୋଜି କାନୁନ୍‌ଗୋ ସମେତ ବହୁ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା । ଏହାର ସମୀକ୍ଷା ଡଃ ରାଉଳ ସମ୍ପାଦନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ସମେତ ବାଣିଜ୍ୟ ବିଭାଗର ଅଧ୍ୟାପକ ସୀମା ଅଗ୍ରୱାଲ, ଡଃ ଅର୍ଜୁନ କୁମାର ସାହୁ, ହିତେଶ୍ ଗୁପ୍ତା, ରତିକାନ୍ତ ବାରିକ, ସାଇମା ଫିରଦୋଷ, ହିମାଂଶୁ ପ୍ରଧାନ, କିରଣମୟୀ ମିଶ୍ର ଓ ଅମ୍ରିତା ମହାନ୍ତି ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ବାଣିଜ୍ୟ ବିଭାଗର ମୁଖ୍ୟ ଡଃ ଭୀମ ଚରଣ ମୁର୍ମୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବକଙ୍କୁ ଗୋଡାଇ ଗୋଡ଼ାଇ ହାଣିଲେ, ଦୁଇ ଅଟକ

ବ୍ରହ୍ମପୁର, (ସବ୍ୟୁ) : ଟାଉନଥାନା ଅନ୍ତର୍ଗତ ସୁବାରାଓ ଛକ ନିକଟରେ ସୋମବାର ରାତ୍ର ଗୋଟିଏ ଗୋଷ୍ଠିର କିଛି ଅପରାଧୀ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି । ଗୁରୁତର ଆହତ ହୋଇଥିବା ଦିନେଶ କୁମାର ପଣ୍ଡା (୨୫)ଙ୍କୁ ପୋଲିସ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଛି । ତାଙ୍କର ବୟାନ ରେକର୍ଡ କରାଯାଇଛି । ପୋଲିସ ନିଜ ଆଡ୍ଡୁ ୧୧୦/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ଛାନବିନ କରୁଛି । ଏଥିରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତଙ୍କୁ କାବୁ କରି ଥାନାରେ ରଖି ପଚରାଉଚରା କରୁଛି । ଘଟଣା ବେଳେ ବ୍ୟବହୃତ ମାରଣାସ୍ତ୍ର ଜବତ କରି ତଦନ୍ତ କରୁଥିବା କହିଛି। ଘଟଣାରୁ ପ୍ରକାଶ ଯେ, ସୋମବାର ରାତିରେ ଦିନେଶ ପଣ୍ଡା ଜଣେ ସାଙ୍ଗ ପାଖକୁ ଯାଇଥିଲେ। ଯୁବ ନେତା ମୋଗଲିଙ୍କ ଘରକୁ ଯାଇଥିଲେ । ସେଠାରେ ତାଙ୍କୁ ୭/୮ ଜଣ ଯୁବକ ପହଞ୍ଚି ଆତଙ୍କରାଜ ଖେଳାଇଥିଲେ । ପରେ ଅପରାଧୀ ଗୋଷ୍ଠି ଦିନେଶଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଭାବେ ଘାତକ ଆକ୍ରମଣ କରିଥିଲେ । ଘଟଣା ବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ପରେ ବିଭିନ୍ନ ସ୍ଥାନରେ ଚଢଉ କରି ୨ଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲା । ତଦନ୍ତରେ ବାଧାପ୍ରାପ୍ତ ଦୃଷ୍ଟିରୁ ଅଭିଯୁକ୍ତଙ୍କ ନାମ କହିବାକୁ ପୋଲିସ ମନା କରିଛି ।

# ଦାଦାବଟିକୁ ନେଇ ଜମି ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା, ବନ୍ଧାହେଲେ ଦୁଇ

ବ୍ରହ୍ମପୁର, (ସବ୍ୟୁ) : ଦାଦାବଟି ନଦେବାରୁ ଜମି ବ୍ୟବସାୟୀ ତ୍ରିବେଣୀ ନଗରର ସୂର୍ଯ୍ୟନାରାୟଣ ବେହେରା ଓରଫ ପିଣ୍ଟୁଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏନେଇ ଅଭିଯୋଗରେ ବଡବଜାର ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ବାନ୍ଧିଛି । ସେମାନେ ହେଲେ ବଡ଼ବଜାର ରାଉତପେଟା ସାହିର ଶୁଭମ ମାଝୀ(୨୩) ଏବଂ ପୁରୁଷୋତ୍ତମପୁର ବର୍ତ୍ତୁଲୁ ଗ୍ରାମର ଆଲୋକ ମଲ୍ଲିକ(୨୭) । ସେମାନଙ୍କ ନିକଟରୁ ପୋଲିସ ଆକ୍ରମଣରେ ବ୍ୟବହୃତ ଏକ ଖଣ୍ଡା ଏବଂ ଏକ କଳା ରଙ୍ଗର ବୁଲେଟ୍ ଓ ଏକ ମୋବାଇଲ ଜବତ କରିଛି । ମାମଲା ନଂ୧୭୪/୨୬ରେ ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଗତ ମାର୍ଚ୍ଚ ୧୧ ରାତିରେ ଉକ୍ତ ପିଣ୍ଟୁ ଗଙ୍ଗାଧରନଗର ଛକ ନିକଟରେ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତମାନେ ବୁଲେଟରେ ଆସି ତାଙ୍କ ଉପରକୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ । ପୂର୍ବରୁ ହୋଇଥିବା ଏକ ଜମି କାରବାରର ଲାଭାଂଶରୁ ଶୁଭମ ମାଝୀ ଦାଦା ବଟି ମାଗିଥିଲେ । ସୂର୍ଯ୍ୟନାରାୟଣ ମନା କରିବାରୁ ଶୁଭମ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟଣା ଦିନ ଉଭୟ ଅଭିଯୁକ୍ତ ସୂର୍ଯ୍ୟନାରାୟଣଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ । ତାଙ୍କ ହାତ, କହୁଣି ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା ।

ଏ ନେଇ ବଡବଜାର ଥାନାରେ ଏକ ମାମଲା ରୁଜୁ ହେବା ସହ ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା । ପୋଲିସ ଅଭିଯୁକ୍ତଙ୍କୁ ଚିକିଟି ବ୍ଲକର ବାଳକୁମାରୀ ମନ୍ଦିର ନିକଟରୁ ଗିରଫ କରିଥିଲେ । ଦୁଇ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ହତ୍ୟା ଉଦ୍ୟମ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଭଳି ସଂଗୀନ ମାମଲା ରହିଥିବା ଜେରା ବେଳେ ପୋଲିସ ଜାଣିବାକୁ ପାଇଛି ।




# ବାଲି ଗାଡି ଧକ୍କାରେ ବାପ ମୃତ, ପୁଅ ଆହତ

କୋରେଇ ,(ସବ୍ୟୁ) : କୋରେଇ ଥାନା ଅନ୍ତର୍ଗତ ବନ୍ଧାଳ ଗ୍ରାମପଂଚାୟତ ଦୁଲାଖା ପାଟଣା ରେଳ ଷ୍ଟେସନ ନିକଟରେ ଏକ ବାଲି ବୋଝେଇ ହାଇଓ୍ୱା ଧକ୍କାରେ ବାପର ମୃତ୍ୟୁ ହୋଇଥିବା ବେଳେ ପୁଅ ଅଳ୍ପକେ ବର୍ତ୍ତି ଯାଇଥିଲା ।ମୃତ ଜଣକ ହେଲେ ଗମ୍ଭାରୀଆ ଗାଁର ଭାଗବାନ ରଥ (୭୦)ଓ ଆହତ ଜଣକ ତାଙ୍କ ପୁଅ ନିରଞ୍ଜନ (ଗୋଜି) ବୋଲି ଜଣାପଡିଛି ।ପ୍ରକାଶ କି ଭଗବାନ ଓ ତାଙ୍କ ପୁଅ ନିରଞ୍ଜନ ବରୁଣ୍ଡେଇ ବଜାରରୁ ନିଜ ଘରକୁ ବାଜାଜ ଡିସ୍କବଭର ବାଇକ ଯୋଗେ ଫେରୁଥିବା ବେଳେ ଦୁଲାଖା ପାଟଣା ଷ୍ଟେସନ ପାଖ ଗଳିପୋଲ ନିକଟ ରାସ୍ତାରେ ଯାଉଥିଲେ ବିପରିତ ଦିଗରୁ ବୈତରଣୀ ନଦୀର ଗହ୍ମାରିଆ ବାଲିଘାଟରୁ ବାଲି ବୋଝେଇ କରି ଆସୁଥିବା ହାଇଓ୍ୱା ନଂ (ଓ ଡ଼ି ୨୨ୟୁ ୧୬୩୫)ତାଙ୍କ ବାଇକକୁ ଧକ୍କା ଦେଇଥିଲା । ଫଳରେ ଭଗବାନ ଡାହାଣ ପାଖକୁ ଓ ତାଙ୍କ ପୁଅ ବାଇକ ସହ ବାମ ପାଖକୁ ଖସି ପଡିଥିଲେ ହେଲେ ହାଇଓ୍ୱା ଭଗବାନର ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ବେଳେ ପୁଅ ନିରଞ୍ଜନ ସାମାନ୍ୟ ଆହତ ହୋଇଥିଲା ।ଡ୍ରାଇଭର ଗାଡିକୁ ନେଇ ପଳାଉ ଥିବା ବେଳେ ଗାଁ ଲୋକ ତାକୁ ପିଛା କରି ଗୋଡ଼ାଉ ଥିବା ଦେଖି ଡ୍ରାଇଭର ଗାଡିକୁ ରଖି ଲୁଚି କୁଆଡେ ପଳାଇଥିଲା ।ଭଗବାନର ମୃତ୍ୟୁରେ ଗାଁରେ ଉତେଜନା ଦେଖାଯାଇଥିଲା । ଉତେଜିତ ଲୋକ ଅନ୍ୟଗାଡିକୁ ଭଙ୍ଗାରୁଜା କରଥିବା ବେଳେ ଖବର ପାଇ କୋରେଇ ପୁଲିସ ଘଟଣା ସ୍ଥଳରେ ପହଂଚି ସବକୁ ବ୍ୟବଛେଦ ପାଇଁ ଦାନଗଦି ପଠାଇଥିବା ବେଳେ ହାଇଓ୍ୱାଟିକୁ ଜବତ କରି ଥାନାକୁ ନେଇଯାଇଥିବା ଜଣାପଡିଛି।

# ଚଣ୍ଡିଖୋଲ କୋର୍ଟ ଓ ପ୍ରେସ କ୍ଲବ ସମ୍ମୁଖରେ ଖୋଲିଲା ହାଣ୍ଡିଆ ହାଟ : ପ୍ରଶାସନକୁ ଚ୍ୟାଲେଞ୍ଜ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲା ଚଣ୍ଡିଖୋଲ କୋର୍ଟ,ପ୍ରେସକ୍ଲବ,ଟ୍ରାଫିକ ଥାନା ସମ୍ମୁଖ ଏବଂ ଅନେକ ଗୁଡିଏ ସରକାରୀ କାର୍ଯ୍ୟାଳୟ ରହିଥିବା ବ୍ୟସ୍ତବହୁଳ ସ୍ଥାନ ତଥା ଚଣ୍ଡିଖୋଲର ପ୍ରବେଶ ପଥରେ ଏବେ ପୁଣି ହାଣ୍ଡିଆ ହାଟ ଖୋଲିଛି। ଏହି ହାଣ୍ଡିଆ ହାଟ ଯୋଗୁଁ ୫୩ ନମ୍ବର ଜାତୀୟ ରାଜପଥ ୫୩ର ସଂଯୋଗ ସ୍ଥଳରେ ଗହଳି ହୋଇ ଦୁର୍ଘଟଣା ଘଟିବା ସଙ୍ଗେସଙ୍ଗେ ଏହା ସ୍ଥାନୀୟ ପରିବେଶର ଗରିମା ନଷ୍ଟ କରୁଥିବାରୁ ପ୍ରଶାସନ ଗତ କିଛିଦିନ ତଳେ ଏହି ସ୍ଥାନରୁ ହାଣ୍ଡିଆ ହାଟକୁ ଉଛେଦ କରିଥିଲା। ଏପରିକି ବେଆଇନ ଭାବେ ଗଢ଼ି ଉଠିଥିବା ଏହି ହାଣ୍ଡିଆ ହାଟର ଚାଳିଆ ଗୁଡିକୁ ମଧ୍ୟ ଯାଜପୁର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଭାଙ୍ଗି ଦିଆ ଯାଇଥିଲା। ତେବେ ଏଥିପ୍ରତି ସ୍ଥାନୀୟ ପୋଲିସ ଓ ପ୍ରଶାସନର କୋହଳ ମନୋଭାବ ଓ ଯାଗଡିଆର ଅଭାବରୁ ପୁଣି ସହି ପୂର୍ବ



ସ୍ଥାନରେ ଏବେ ଏହି ହାଣ୍ଡିଆ ହାଟ ଖୋଲା ଯାଇଥିବା ଦେଖାଯାଇଛି। ବେଆଇନ ଭାବେ ପୁଣି ଖୋଲିଥିବା ଏଠାର ବ୍ୟବସାୟୀମାନଙ୍କ ଠାରୁ ସ୍ଥାନୀୟ ଲୋକାଲ ବଡି ପକ୍ଷରୁ ଦୈନିକ ମହାସୁଲ ଆଦାୟ କରାଯାଇ ଚଣ୍ଡିଖୋଲର ଗରିମା ନଷ୍ଟ କରୁଥିବା ଏହି ହାଣ୍ଡିଆ ହାଟକୁ ଏଠାରେ ଚଳାଇବାକୁ ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗ ହୋଇଛି। ଏପରିକି ଚାନ୍ଦାଦେଇ ସେମାନେ ଏଠାରେ ବେପାର କରୁଥିବା ହାଣ୍ଡିଆ ବେପାରୀମାନେ ସିଧାସିଧା ପ୍ରକାଶ କରିଛନ୍ତି। ଗୋଟିଏ ପଟେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ଏହାକୁ ଉଛେଦ କରିଥିବା ବେଳେ ଲୋକାଲବଡି ମାତ୍ର କେଇଟା ଟଙ୍କାର ମାହାସୁଲ ପାଇଁ ଚଣ୍ଡିଖୋଲର ପ୍ରବେଶପଥ ତଥା କୋର୍ଟ ଓ ପ୍ରେସକ୍ଲବ ସମ୍ମୁଖରେ ଏକ ସମ୍ବେଦନଶୀଳ ସ୍ଥାନରେ ପୁଣି ଏହି ବେଆଇନ ହାଣ୍ଡିଆ ହାଟ ଚଲାଇବାକୁ ପ୍ରୋତ୍ସାହନ ଦେବା ଘଟଣା ପ୍ରଶାସନିକ କାର୍ଯ୍ୟଧାରାକୁ ଖୋଲାଖୋଲି ଚାଲେଞ୍ଜ କରିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଯାଜପୁର ଜିଲ୍ଲାପାଳ, ଏସପି ଓ ଜିଲ୍ଲା ଅବକାରୀ ଅଧିକ୍ଷକ ଏଥିପ୍ରତି ସଓ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଏଠାରୁ ହାଣ୍ଡିଆ ହାଟକୁ ସ୍ଥାୟୀଭାବେ ଉଛେଦ କରିବିକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

# ସିରିଜ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ଆଜି ଅପରାହ୍ନରେ ଦୁଇ କାର ଓ ବସ ମଧ୍ୟରେ ସିରିଜ ଦୁର୍ଘଟଣା ଘଟିଥିବା ବେଳେ ୨ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ବସ ଯାତ୍ରୀ ମାନେ ସୁରକ୍ଷିତ ଅଛନ୍ତି। ପ୍ରକାଶଯେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଏକ ଡିଜେଆର କାର (ଓଡି୨୨ଏନ୩୯୯୯) ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଏକ ଇଟିକା କାର ସହ ଧକ୍କା ହୋଇଥିଲା। ଇଟିକା କାରଟି ଘଟଣାସ୍ଥଳୁ ଫେରାର ହୋଇଯାଇଥିବା ବେଳେ ପଛରୁ ଆସୁଥିବା ଆଶିକ ନାମ ଏକ ଘରୋଣ ବସ (ଓଡି ୦୯ଏଚ ୩୬୭୩) ସହ ଘସି ହୋଇ ଥିଲା। ଫଳରେ ଡିଜେଆରଟି ରାସ୍ତା ମଝି ଡିଭାଇଡରେ ପିଟି ହୋଇ ପଛ ପଟ ଦୁର୍ଘଟଣା ହୋଇଥିବା ବେଳେ ଆଗପଟ ଚୁରମାର ହୋଇଥିଲା। କାର ମଧ୍ୟରେ ଥିବା ୫ଜଣଙ୍କ ମଧ୍ୟରୁ ୨ଜଣ ଆହତ ହୋଇଥିଲେ। ଘଟଣାସ୍ଥଳେ ପାଣିକୋଇଲି ପୁଲିସ, ରାଜପଥ ପେଟ୍ରୋଲିଂଗ ଗାଡି ପହଂଚି ବସ ଓ କାରକୁ ଥାନାକୁ ଆଣିଥିବା ବେଳେ ଆହତ ଦ୍ୱୟ ଚିକିତ୍ସା ପାଇଁ ଯାଇଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ନାବାଳିକାକୁ ନେଇ ଯୁବକ ଫେରାର

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମପଂଚାୟତ ଦାନପୁର ଗ୍ରାମର ଏକ ଯୁବକ ଭିନ୍ନ ସମ୍ପ୍ରଦାୟର ଜଣେ ନାବାଳିକାକୁ ନେଇ ଫେରାର ହୋଇଯାଇଥିବାର ଥାନାରେ ଅଭିଯୋଗ ହୋଇଛି । ଏହି ଅଭିଯୋଗ ଉପରେ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।ବନ୍ଧକାଟିଆ ଗ୍ରାମପଂଚାୟତ ଦାନପୁର ଗ୍ରାମର ହେମନ୍ତ ଦାସଙ୍କ ପୁତ୍ର ରାଜେଶ ଦାସ(୨୨) ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଚୋରମୁହାଁ ଗ୍ରାମର ଭିନ୍ନ ସମ୍ପ୍ରଦାୟର ଜଣେ ନାବାଳିକାକୁ ନେଇ ଫେରାର ହୋଇଯାଇଥିବାର ସାଲେପୁର ଥାନାରେ ଅଭିଯୋଗ ହୋଇଛି । ଏହି ଅଭିଯୋଗ ଉପରେ ସାଲେପୁର ଥାନା ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ସୂଚନା ଥାଉକି ନାବାଳିକାଙ୍କ ପରିବାର ଗତ କିଛି ବର୍ଷ ହେଲା ସାଲେପୁର ଥାନା ନାନ୍ଦୋଳଗଡା ନିକଟରେ ଏକ ଭଡାଘରେ ରହି ଆସୁଥିଲେ । ତେବେ ଯୁବକ ଓ ନାବାଳିକାଙ୍କ ପତା ମିଳୁନଥିବା କାରଣରୁ ତାଙ୍କ ପରିବାର ନାନା ଚିନ୍ତାରେ ଭାଙ୍ଗିପଡିଛନ୍ତି । ପୋଲିସ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦୃଢ ଦାବି ହୋଇଛି । ।

# କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ମୁଖପତ୍ର ସ୍ରୋତସିନୀ ଉନ୍ମୋଚିତ

ରାଜକନିକା,(ସବ୍ୟୁ) : କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ମୁଖପତ୍ର ସ୍ରୋତସିନୀର ଉନ୍ମୋଚନ ଓ ଚୂଡାନ୍ତ ପ୍ରସ୍ତୁତି ସଭା ରାଜକନିକା ସ୍ଥିତ ଏସ. ଏନ. କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ସଭାପତି ପ୍ରଫେସର ବୈକୁଣ୍ଠ ନାଥ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କାର୍ଯ୍ୟକାରୀ ସଭାପତି ସାମାଜସେବୀ ବ୍ରଜକିଶୋର ପଣ୍ଡା ସଭା ସଂଯୋଜନା କରିଥିବା ବେଳେ, ମୁଖ୍ୟଅତିଥି ଭାବେ ସାମାଜସେବୀ ସତ୍ୟାନନ୍ଦ ରାଉତ, ମୁଖ୍ୟବକ୍ତା ଭାବେ ଏସ. ଏନ. କଲେଜର ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ଏନ. ଏସ. ସି.ର ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ସାମାଜସେବୀ ସୁଧିର ମହାନ୍ତି, କମଳାକାନ୍ତ ସୂତାର, ପ୍ରଭାସ ଶୁଭଦର୍ଶନ ମହାନ୍ତି, ପ୍ରିନସ ରାକେଶ ନାୟକ ଓ ଶିକ୍ଷାବିତ କାଳିପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ବୈତରଣୀ ନଦୀର ପୁନଃରୁଦ୍ଧାର ସହ ସୁରକ୍ଷା ଓ ଚଳିତ ବର୍ଷର କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବକୁ ସଫଳ କରିବାକୁ ଆହ୍ୱାନ ଦେବା ସହିତ ମୁଖପତ୍ର ସ୍ରୋତସିନୀକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ଶରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହୋତ୍ସବ କମିଟିର ମୁଖ୍ୟ ଆବାହକ ବିଶକେଶରୀ ମହାନ୍ତି ସଭାର ଆଭିମୁଖ୍ୟ ଓ ସାଗତ ଭାଷଣ ରଖିଥିଲେ । ମଙ୍ଗୁଳି ଚରଣ ବେହେରା, ଚିତ୍ତରଂନ କବି, ଗୟାଧର ନାଥ ମୁଖପତ୍ରର ପ୍ରବନ୍ଧ, କବିତା ଓ ଗଳ୍ପ ଗୁଡିକର ସମୀକ୍ଷା କରିଥିଲେ । କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅମୀୟ ଚରଣ ସାହୁ, ଦେବବ୍ରତ ଦାଶ, ଗଙ୍ଗାଧର ଦାସ, ରଂଜନ ଦାସ, ଚନ୍ଦ୍ରକାନ୍ତି ଦାସ, ଦମୟନ୍ତୀ ନାୟକ, ଗୀତାଞ୍ଜଳି ମହାନ୍ତି, ଭାଲେନ୍ତିନା ମାଇତି, ଦେବେନ୍ଦ୍ର ମଲ୍ଲିକ, ରଞ୍ଜିତା ବେହେରା, ଲକ୍ଷ୍ମଣ ସାହୁ, ଦାମୋଦର ଧଳ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଯୋଗାଣ ବିଭାଗ ପକ୍ଷରୁ ଚଢାଉ, ଗ୍ୟାସ ସିଲିଣ୍ଡର ଜବତ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାରେ ଚଢାଉ କରି ବେଆଇନ ଭାବେ ରଖିଥିବା ଗ୍ୟାସ ସିଲିଣ୍ଡରକୁ ଜବତ କରିବା ସହିତ ଜରିମାନା ଆଦାୟ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ପୋହଳ ଛକ ଠାରେ ଥିବା ଏକ ହୋଟେଲରେ ଚଢାଉ କରି ୪ ଗୋଟି ଗ୍ୟାସ ସିଲିଣ୍ଡର ଜବତ



କରିବା ସହିତ ଜରିମାନା ଆଦାୟ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଯୋଗାଣ ଓ ବେସାମରିକ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରୀତମ ଦାସ ପୁନମ ଜେନା, ଦେବଶ୍ରୀ ମାର୍ଥା, ସ୍ୱରୂପ ଦାସ, ପୁଷ୍ପଲତା ଗାଣ, ଓମକାର ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

# ବିଶ୍ୱ ଶାନ୍ତି ମହାଯଜ୍ଞ

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଂଚାୟତ କଇଁଚି ଶାସନ ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ଏକାଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୧୫ ତାରିଖ ଅଙ୍କୁରରୋପଣ, ଧ୍ୱଜାରୋହଣ ପରେ ଆରମ୍ଭ ହୋଇ ସୋମବାର କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ ହୋଇଛି । କର୍ତ୍ତା ବାପୁନି କର ଯଜ୍ଞବିଧି ପରିଚାଳନା କରୁଥିବା ବେଳେ ପଣ୍ଡିତ ବୃନ୍ଦ, ପୂଜାରୀ କର୍ମକାଣ୍ଡ ନିର୍ବାହ କରଥିଲେ । ନୀଳକଣ୍ଠେଶ୍ୱର କମିଟି ଓ ଗ୍ରାମବାସୀ ଯଜ୍ଞ ନିର୍ବାହ କରୁଛନ୍ତି । ଗ୍ରାମ ର ମୁରବୀସଭାପତି ଦୁଃଶାସନ ସାହୁ,ସମ୍ପାଦକ ସରପଞ୍ଚ ଅଶୋକ ମଲ୍ଲିକ ଙ୍କ ସହ ଗ୍ରାମବାସୀ ମିଶିକି ଯଜ୍ଞ ପରିଚାଳନା କରୁଛନ୍ତି ।

# ବାଇକ୍ ଚୋରି

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଟାଉନ ଥାନା ଫକିରାବାଦ ଗ୍ରାମର ଜନ ଗହଳି ପୂର୍ଣ୍ଣ ସ୍ଥାନରୁ ଏକ ହିରୋହଣ୍ଡା ମଟର ସାଇକେଲ ଚୋରୀ ହୋଇ ଯାଇଥିବା ନେଇ ସେକ ସଦାକତ ଉଲ୍ଲା ଟାଉନ ଥାନାରେ ଅଭିଯୋଗ କରିଛନ୍ତି ।

ଅଭିଯୋଗରୁ ପ୍ରକାଶ ଯେ, ତାଙ୍କ ଘର ସମ୍ମାରେ ରେ ରଖିଥିବା ମଟର ସାଇକେଲକୁ କେହି ନେଇ ଯାଇଥିବା ସିସି କ୍ୟାମେରାରୁ ଜଣାପଡିବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ମା କନକଦୁର୍ଗାଙ୍କ ମନ୍ଦିରରେ ବାରୁଣୀ ଯାତ୍ରା: ମାନସିକଧାରୀ ଦାଣ୍ଡ ପହଁରିଲେ ଓ କୁକୁଡ଼ା ଉଡାଇଲେ

ଜଗତସିଂହପୁର,(ସବ୍ୟୁ) : ଜଗତସିଂହପୁର ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୭ କିଲୋମିଟର ଦୁର ପିତେଇପୁର ସ୍ଥିତ ମା କନକ ଦୁର୍ଗାଙ୍କ ପୀଠରେ ପ୍ରସିଦ୍ଧ ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ରୀତି ନୀତି ଅନୁସାରେ ପ୍ରଭାତରେ ବାରୁଣୀ ସ୍ନାନ ଓ ପରେ ପରେ ମାନସିକ ଧାରୀଙ୍କ ଦ୍ୱାରା ଦାଣ୍ଡ ଓଳେଇବା ଓ କୁକୁଡ଼ା ଉଡ଼ାଇବା ଭଳି ବିରଳ କାୟ୍ୟକ୍ରମ ଏଠାରେ ଦେଖିବାକୁ ମିଳିଥାଏ ।ମା କନକ ଦୁର୍ଗାଙ୍କ ମନ୍ଦିରରେ ଦୀର୍ଘ ୭ ଶହ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ହେଲା ପାଳନ ହୋଇ ଆସୁଛି ବାରୁଣୀ ଯାତ୍ରା ।ଚୈତ୍ର ମାସ ଚତୁର୍ଦ୍ଦଶୀ ତିଥିରେ ମା' ଙ୍କର ଏହି ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ ମା'ଙ୍କ ଜନ୍ମପୂଜା ଭାବରେ ଏହି ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ।ଏହା ଦୋଳ ପୁର୍ଣ୍ଣୀମା ଯିବାର ୧୨ ଦିନରେ ପଡିଥାଏ।ଏହି ଯାତ୍ରା ୧୨ ଦିନ ଧରି ଚାଲିଥାଏ। ମା'ଙ୍କ ନିକଟରେ ଯାହା ମାନସିକ କଲେ ସବୁ ପୁରଣ ହୋଇଥିବାର ବିଶ୍ୱାସ ରହିଥିବାରୁ ଦୂର ଦୂରାନ୍ତରରୁ ବହୁ ଶ୍ରଦ୍ଧାଳୁ ଆସି ଏଠାରେ ଭୋଗ ଲାଗି କରି ଫେରିଥାନ୍ତି।ବାରୁଣୀ ଯାତ୍ରା ସ୍ଥାନୀୟ ଅଞ୍ଚଳର ଏକ ବୃହତ ପର୍ବ ଭାବେ ପରିଚିତ । ଆଜିର ଦିନରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି । ଏହି ବାରୁଣୀ ଯାତ୍ରାରେ ଡେରିରେ କଥା କହୁଥିବା ପିଲାମାନଙ୍କ ମାଆ ଓ ମାନସିକ ଧାରୀମାନେ ଦାଣ୍ଡ ପହଁରିବା ସହ ମୁଣ୍ଡ ଉପରେ କୁକୁଡ଼ା ଉଡାଇଥାନ୍ତି । ଏହା ସହିତ ସର୍ପଘାତ ହୋଇ ଥିବା ଲୋକମାନେ ମଧ୍ୟ ମାଆଙ୍କ ଆଶିଷରୁ ଆରୋଗ୍ୟ ଲାଭ କରିଥିବାର ନଜିର ରହିଛି ।ବିଶେଷ ଭାବରେ ନିଃସନ୍ତାନ ଦମ୍ପତି ଏଠାରେ ମାନସିକ କରିବା ଫଳରେ ସନ୍ତାନ ପ୍ରାପ୍ତି ହେବା,ପାଟି ଫିଟୁ ନଥିବା ପିଲାମାନଙ୍କର ପାଟି ଫିଟିବା,ସର୍ପାଘାତ ରୋଗୀ ସୁସ୍ଥ ହେବା ଆଦି ମାଙ୍କ ବହୁତ ମହିମା ରହିଛି।ସକାଳୁ ମାଙ୍କ ୫ଟାରେ ଦ୍ୱାର ଫିଟା ନିତି ପରେ ଜଳଯାତ୍ରା କରାଯାଇଥିଲା।ପରେ ସ୍ନାନ କରାଯାଇ ଆଳତୀ କରାଯିବା ସହିତ ମଧ୍ୟାହ୍ନରେ ଅନ୍ନ ନିତୀ କରାଯାଏ ବୋଲି ପୂଜକ ରବୀନ୍ଦ୍ର ନାୟକ କହିଛନ୍ତି।ଚଳିତ ବର୍ଷ ଏଠାରେ ବାରୁଣୀ ଯାତ୍ରା ମହାଆଡମ୍ବର ସହିତ ପାଳନ କରାଯାଉଥିବାର ଦେଖାଯାଇଛି । ସନ୍ଧ୍ୟାରେ ଝଙ୍କଡ଼ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ପ୍ରସିଦ୍ଧ କୀର୍ତ୍ତନ ମଣ୍ଡଳୀମାନଙ୍କ ମଧ୍ୟରେ କୀର୍ତ୍ତନ ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ମନ୍ଦିର ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ଓ ପ୍ରଶାସନ ସହାୟତାରେରେ ଏହି ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ କରାଯାଉଛି ବୋଲି ଟ୍ରଷ୍ଟି ତାପସ ରଥ କହିଛନ୍ତି। ।ବାରୁଣୀ ଯାତ୍ରା ମା ଙ୍କର ଏକ ବୃହତ ପର୍ବ ଭାବରେ ପରିଚିତ ହୋଇଥିବା ବେଳେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଏହି ବାରୁଣୀ ଯାତ୍ରାରେ ସାମିଲ ହେଇ ସହଯୋଗ କରିଥାନ୍ତି ।

# ଜବରଦଖଲକାରୀଙ୍କ କବ୍‌ଜାରେ ମାର୍କେଟ କମ୍ପ୍ଲେକ୍ସ

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକରେ ୨୦୦୪ମସିହାରୁ ୨୦୧୧ମସିହା ମଧ୍ୟରେ ୧୦ଟି ପଂଚାୟତରେ ସରକାରଙ୍କ ପକ୍ଷରୁ ୨୧ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଥିଲା । ଏଥିପାଇଁ ମୋଟ ୨୭ଲକ୍ଷ ୭୬ହଜାର ଟଙ୍କା ବ୍ୟୟ କରାଯାଇଥିବା ସୂଚନା ତଥ୍ୟ ନଂ୫୩୧୨ ତା୧୧.୦୯.୨୦୧୪ରିଖରେ ପ୍ରଦାନ କରାଯାଇଥିଲା । ହେଲେ ଏ ପର୍ଯ୍ୟ ନ୍ତ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ଗୃହ ଗୁଡିକ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । କେତେକ ସ୍ଥାନରେ ଜବରତଖଲକାରୀମାନେ ଉକ୍ତ ଗୃହଗୁଡିକୁ ଭଡାଦେଇ ପ୍ରତିବର୍ଷ ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି । ଅପରପକ୍ଷରେ ୨୧ମାର୍କେଟ୍ କମ୍ପ୍ଲେକ୍ସ ଗୃହ ମଧ୍ୟରୁ ୨ ମାର୍କେଟ କମ୍ପ୍ଲେକ୍ସ ଗୃହ ଉମର ଓ ନାହାଙ୍ଗ ପଂଚାୟରେ ଚୋରି ହୋଇଯାଇଥିବା ଅଭିଯୋଗ ହେଉଛି । ନାହାଙ୍ଗ ପଂଚାୟତର ବାଲିପଡା ମୌଜାର ଖାତାନଂ୫୦୧,ପ୍ଲଟ ନଂ୩୨୧ ଓ ୧୦୫ ଉପରେ



ମାର୍କେଟ୍ କମ୍ପ୍ଲେକ୍ସ ଘର ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା । ସେ ସ୍ଥାନରେ ଘର ନଥିବା ତତ୍‌କାଳୀନ ଝାଡେଶ୍ୱରପୁର ରାଜସ୍ୱ ନିରିକ୍ଷକ ନିଜ ରିପୋର୍ଟରେ ଦର୍ଶାଇଛନ୍ତି । ସେହିଭଳି ଉମର ପଂଚାୟତର ଉମର ଠାରେ ୧ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ମାର୍କେଟ୍ କମ୍ପ୍ଲେକ୍ସ ଗୃହ କେଉଁଠାରେ କରାଯାଇଛି ତାହାର ଚିହ୍ନବର୍ଣ୍ଣ ମିଳୁନାହିଁ । ଏ ସଂପର୍କରେ ଦୀର୍ଘ ଦିନଧରି ବାରମ୍ବାର ଗଣମାଧ ମରେ ଅଭିଯୋଗ ହେଉଥିଲେ ମଧ୍ୟ ତତ୍‌କାଳୀନ ବ୍ଲକ ପ୍ରଶାସନ ସ୍ଥାନୀୟ ରାଜନେତାଙ୍କ ଚାପରେ ଘଟଣାକୁ ଚାପି ଦେଉଥିବା ଅଭିଯୋଗ ହେଉଥିଲା । ଏ ସଂପର୍କୀତ ପ୍ରକାଶିତ ଖବର ଉପରେ ଜନସୁଣାଣି ପୋର୍ଟାଲ ନଂ ଡିଏମ୍୨୦୨୫୧୩୩୭୧୧୪/ ସିଏସ୍୨୦୨୫୧୨୫୪୧୯୪ରେ ତା୩.୧୨.୨୦୨୫ରିଖରେ ଅଭିଯୋଗ ହୋଇଥିଲେ ମଧ୍ୟ ମାହାଙ୍ଗା ବ୍ଲକ ପ୍ରଶାସନ ପତ୍ର ସଂଖ୍ୟା ୮୧୮୯ ତା୧୫.୧୨.୨୦୨୫ରିଖରେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଲା ଯେ ମାର୍କେଟ୍ କମ୍ପ୍ଲେକ୍ସ ଗୃହ ସ୍ଥିତା ଅବସ୍ଥା ଅନୁଧ୍ୟାନ କରିବାକୁ ବର୍ତ୍ତମାନ ଗ୍ରାମପଂଚାୟତକୁ ପତ୍ରାଳପ କରାଯାଇଥିଲା ।ସମସ୍ତ ରିପୋର୍ଟ ପ୍ରାପ୍ତ ହୋଇ ନାହିଁ, ରିପୋର୍ଟ ଆସିଲେ ବିହିତ ବ୍ୟବସ୍ଥା ଗ୍ରହଣ କରାଯିବ । କେବେ ରିପୋର୍ଟ ଆସିବ କେବେ ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବେ? ୨୦୧୧ମସିହାରୁ ଆଜି ପର୍ଯ୍ୟ ନ୍ତ ବ୍ଲକ ପ୍ରଶାସନ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା ସେ ସଂପର୍କରେ ଉଚ୍ଚକର୍ତ୍ତୃପକ୍ଷ ତଦନ୍ତ କରିବାକୁ ସର୍ବସାଧାରଣରେ ଦାବି କରାଯାଉଛି ।

# ଭେଟେରାନ୍ ଆସୋସିଏସନ୍ ଅବସରପ୍ରାପ୍ତ ସେନା ପକ୍ଷରୁ ଜଳଛତ୍ର

ଯାଜପୁର,(ସବ୍ୟୁ) : ଭାରତର ତିନି ସେନାର ମୁଖ୍ୟ ଯଥା ଭାରତୀୟ ନୌସେନା, ଭାରତୀୟ ସ୍ଥଳ ସେନା ଓ ଭାରତୀୟ ବାୟୁସେନାର ଦ୍ୱାରା ଗଠିତ ହୋଇଥିବା ସଂସ୍ଥା ଭେଟେରାନ୍ ଆସୋସିଏସନ୍ ବୈଦ୍ୟରାଜପୁର, ଯାଜପୁର ପକ୍ଷରୁ ଯାଜପୁର ପୌରପାଳିକା ବୈତରଣୀ ନଦୀ ସନ୍ନିକଟରେ ପବିତ୍ର ବାରୁଣୀ ସ୍ନାନ ଅବସରରେ ଜଳଛତ୍ରର ଆୟୋଜନ କରାଯାଇଥିଲା । ଉକ୍ତ ଜଳଛତ୍ର କାର୍ଯ୍ୟକ୍ରମକୁ ସଂସ୍ଥାର ସଭାପତି ପ୍ରଦୀପ କୁମାର ପରିଡ଼ା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଗୟାଧର ମିଶ୍ର, ଡି.ଏନ୍. ରାଉତ, ପ୍ରମୋଦ କୁମାର ମହାନ୍ତି, ଅଜୟ କୁମାର ମହାନ୍ତି, ଭଗବାନ ସାହୁ, ଦାମୋଦର ନାୟକ, ଏ.କେ. ଲେଙ୍କା, ବ୍ରଜକିଶୋର ପଣ୍ଡା, ବିଭୂତିଭୂଷଣ ମିଶ୍ର, ନିରଞ୍ଜନ ଦାସ, ଉତ୍ତମ କୁମାର ଧଳ, ବି.ସି. ସ୍ୱାଇଁ, ଶରତ କୁମାର ରାଉତ ଓ ଅବସରପ୍ରାପ୍ତ ସେନାନୀଙ୍କ ସହଧର୍ମିଣୀମାନେ ମଧ୍ୟ ସହଯୋଗ କରିଥିଲେ । ଉକ୍ତ ଜଳଛତ୍ର ବାରୁଣୀ ସ୍ନାନ ଯୋଗ ନିମନ୍ତେ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁମାନଙ୍କୁ ଦହିସର୍ବତ ପ୍ରଦାନ କରି ଆପ୍ୟାୟିତ କରିଥିଲେ । ଉକ୍ତ ମହତ୍ କାର୍ଯ୍ୟ ଅବସରପ୍ରାପ୍ତ ସେନାଙ୍କ ପକ୍ଷରୁ କରାଯାଉଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ନବନିର୍ବାଚିତ ରାଜ୍ୟସଭା ସାଂସଦଙ୍କୁ ଶୁଭେଚ୍ଛା

ଧର୍ମଶାଳା,(ସବ୍ୟୁ) : ନବନିର୍ବାଚିତ ରାଜ୍ୟସଭା ସାଂସଦ ମନମୋହନ ସାମଲ, ସୁଜିତ୍ କୁମାର ଓ ଦିଲୀପ ରାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ। ଭୋଟ ଗଣତି ପରେ ଭୁବନେଶ୍ୱରସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଧାୟକ ଶ୍ରୀ ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ଶ୍ରୀ ସାମଲ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଳ ସିଂ ତୋମାର ଓ ସୁଜିତ୍ କୁମାର ପ୍ରମୁଖଙ୍କ ଗହଣରେ ବିଜୟ ଉତ୍ସବ ପାଳନ କରିଛନ୍ତି। ରାଜ୍ୟସଭା ନିର୍ବାଚନରେ ବିଧାୟକ ଶ୍ରୀ ସାହୁଙ୍କ ଭୂମିକା ଅତି ଗୁରୁତ୍ୱ ବହନ କରିଥିବା ବେଳେ ତାଙ୍କ କାର୍ଯ୍ୟଦକ୍ଷତା ଓ ଗୋଟି ଚାଳନା ବିରୋଧିଙ୍କୁ ସ୍ତମ୍ଭିଭୁତ କରିଛି। ଦଳରେ ଧର୍ମଶାଳା ବିଧାୟକଙ୍କ ପତିଆରା ବୃଦ୍ଧିକୁ ନେଇ ବିରୋଧି ସହଜରେ ହଜମ କରିପାରୁ ନାହାନ୍ତି। ଧର୍ମଶାଳା ବିଜେପି ପକ୍ଷରୁ ରାଜେଶ ପାଳ,ଜିତେନ୍ଦ୍ର ରାଉତ, ଶ୍ରୀବତ୍ସ ଧୀର, ତୀର୍ଥରାଜ ପଣ୍ଡା, କାହ୍ନୁ ଚରଣ ଦାଶ, ଉପେନ୍ଦ୍ର କର, ଚନ୍ଦ୍ରମଣି ପଣ୍ଡିତ,ଆଲୋକ ଲେଙ୍କା, ଶରତ ଚନ୍ଦ୍ର ନାୟକ, ରବିନାରାୟଣ ସାହୁ, ଗୌତମ ସାହୁ, ଅଭିଷେକ ରାଉତ, ଅନୁଜ ଜେନା, ପ୍ରଶାନ୍ତ କୁମାର ନାୟକ, ସୁଦାମ ଚରଣ ବେହେରା, ଗୌତମ ସାହୁ, ଅଂଶୁମାନ ରଥ ପ୍ରମୁଖ ନବନିର୍ବାଚିତ ରାଜ୍ୟସଭା ସାଂସଦମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଗ୍ନି ବିପନ୍ନ ପରିବାରକୁ ସହାୟତା

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତ ମହାଦେଇପୁର ହରିଜନ ସାହିରେ ଭୟାବହ ଅଗ୍ନିକାଣ୍ଡ ଘଟି ସର୍ବସାନ୍ତ ହୋଇ ଯାଇଥିବା ୫ଟି ଗରିବ ପରିବାରକୁ ଚଣ୍ଡିଖୋଲର ଉଦୀୟମାନ ସଂସ୍ଥା ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ମଙ୍ଗଳବାର ଦିନ ବିପନ୍ନ ହୋଇଥିବା ଜୟରାମ ଜେନା,ଶୁଶାନ୍ତ ଜେନା,କିଶୋର ଜେନା,ଶିଶିର ଜେନା ଓ ରମେଶ ଜେନାଙ୍କ ପରିବାକୁ ଭେଟି ଅତ୍ୟାବଶ୍ୟକ ସାମଗ୍ରୀ,ସୁଖିଲା ଖାଦ୍ୟ ଓ ଆର୍ଥିକ ସହାଯ୍ୟ ପ୍ରଦାନ କରିଥିଲେ। ଗତକାଲି ବିଳମ୍ବିତ ରାତିରେ ବିଦ୍ୟୁତ ସର୍ଟ ସର୍କିଟରେ ଏହି ପରିବାର ଗୁଡିକର ଘର ସହିତ ସମସ୍ତ ଆସବା ପତ୍ର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଉଦୀୟମାନର ଉପଦେଷ୍ଟା ରାମଚନ୍ଦ୍ର ଶୁକ୍ଳ,ଉପସଭାପତି ପ୍ରକାଶକୁମାର ନାୟକ,ଗାୟତ୍ରୀ ରାଉତ, ଡ଼ କୈବଲ୍ୟ ମହାପାତ୍ର, କାଦମ୍ବିନୀ ମିଶ୍ର,ଅଭିରାମ ସ୍ୱାଇଁ, ସୁଜିତକୁମାର ଦାସ ,ମାନସୀ ଦାଶ,ଅନିଲକୁମାର ଦାସ ପ୍ରମୁଖ ବିପନ୍ନ ପରିବାର ସଦସ୍ୟଙ୍କୁ ଭେଟି ସହାୟତା ପ୍ରଦାନ କରିଥିଲେ!

# ଜଗନ ଭିତରେ ଜଗନ୍ନାଥ କାର୍ଯ୍ୟକ୍ରମ

ନାଉଗାଁ ,(ସବ୍ୟୁ) : ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡା ସ୍ଥିତ ଗୁରୁକୃପା କୁଟୀର ପରିସରରେ ଏକ ନିଆରା କାର୍ଯ୍ୟକ୍ରମ ""ଜଗନ ଭିତରେ ଜଗନ୍ନାଥ" ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମହାପ୍ରଭୁଙ୍କ ପରମ ଭକ୍ତ ରିତେଶ କୁମାର ଧର ଓରଫ ଜଗନର ବାର୍ଷିକ ସ୍ମରଣ ମହୋତ୍ସବ ଗୁରୁକୃପା କୁଟୀରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱ ଶାନ୍ତି ନିମନ୍ତେ ପ୍ରାର୍ଥନା, ସଦଗୁରୁ ବାବା ଶ୍ରୀ ଶ୍ରୀ ବୈକୁଣ୍ଠ ନାଥଙ୍କର ଗୁରୁପୁଜନ କାର୍ଯ୍ୟକ୍ରମ ସତ୍ୟସେବା ମଣ୍ଡଳର ଅଧିବେଶନ ଶ୍ରୀମଦ ଭଗବତ ଗୀତା ପରାୟଣ, ଭଜନ କୀର୍ତ୍ତନ, ସ୍ମୃତି ସଭା ଓ ଜଗନ ଭିତରେ ଜଗନ୍ନାଥ ପତ୍ରିକା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓ ସଂସ୍କୃତି ଏକା ସଭାପତି ପ୍ରଶାନ୍ତ କୁମାର ବେହେରା, ଚୌଦାର ଭକ୍ତ ସମାଜର ସଂଯୋଜକ ସନ୍ତୋଷ କୁମାର ଧର ଜଗତସିଂହପୁର ଜଗନ୍ନାଥ ଭକ୍ତ ସମାଜର ସଭାପତି ଇଂ ବିଷ୍ଣୁ ଚରଣ ସାଇଁ, କଟକ ଜଗନ୍ନାଥ ଭକ୍ତ ସମାଜର ସଭାପତି ଇଂ ପୂର୍ଣ୍ଣଚନ୍ଦ୍ର ସାହୁ, ବାବୁରାମ ସାଇଁ, ଭାଗିରଥି ସାହୁ, ଅଲ ଇଣ୍ଡିଆ ରେ ପୂର୍ବତନ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ସାମଲ ପ୍ରମୁଖ ଯୋଗଦାନ କରି ଜଗନର ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମା ଶାରଳା ମନ୍ଦିର ସେବାୟତ ବିଶନାଥ ରାଉଳ ଓ ହରେକୃଷ୍ଣ ରାଉଳ ଯୋଗଦାନ କରିବା ସହିତ ଓ ବିଭିନ୍ନ ପ୍ରାନ୍ତରୁ ବୈକୁଣ୍ଠ ପରିବାରର ଭକ୍ତ ମାନେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାବା ସତ୍ୟାନନ୍ଦ ଦାସ ପରିଚାଳନା କରିଥିଲେ ।

# ଜିନ୍ଦଲ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

ବ୍ୟାସନଗର,(ଜିପ୍ର): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ଜିନ୍ଦଲ ଷ୍ଟେନଲେସ ପ୍ଲାଂଟ ପରିସରରେ "ଅଧିକାର, ନ୍ୟାୟ, କାଯ୍ୟ-ସମସ୍ତ ମହିଳା ଏବଂ ବାଳିକାମାନଙ୍କ ପାଇଁ" ବିଷୟବସ୍ତୁ ଉପରେ ମହିଳା ଦିବସ ପାଳନ କରିଥିଲା । କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରଓ୍ୱାଲ ଏବଂ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପ-କୁଳପତି ଡକଟର ସବିତା ଆଚାର୍ଯ୍ୟ ଯୋଗ ଦେଇଥିଲେ । ସମାଜ ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କର ବିବର୍ତ୍ତିତ ଭୂମିକା ଉପରେ ଆଲୋକପାତ କରି ଶ୍ରୀମତୀ ଆଚାର୍ଯ୍ୟ ନିଜର ଅଭିଭାଷଣ ରଖିଥିଲେ ।କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମହିଳା କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ



ମାଧ୍ୟମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ଉତ୍କର୍ଷତାକୁ ସମ୍ମାନିତ କରିବା ପାଇଁ, ୧୫ ଜଣ ମହିଳା କର୍ମଚାରୀଙ୍କୁ ସେମାନଙ୍କ ଅବଦାନ ପାଇଁ "ବର୍ଷର ମହିଳା କର୍ମଚାରୀ'ଭାବରେ ସମ୍ମାନିତ କରାଯାଇଥିଲା । ଏତଦବ୍ୟତୀତ, ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦ୍ୱାରା ଦାନଗଦୀ ସ୍ଥିତ ରୟାଲ ତାଜ ପ୍ୟାଲେସରେ ମହିଳା ଦିବସ ପାଳନ ଅବସରରେ ଏକ ବିଶାଳ ସାମୁହିକ ଉତ୍ସବ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦାନଗଦୀ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଉଦଘାଟନ କରିଥିଲେ, ଯେଉଁଥିରେ ପ୍ରଶାନ୍ତ କୁମାର ରାୟ, ରୋଜାଲିନ୍ ଭୂୟାଁ, ପ୍ରଣତି ସାହୁ, ଧଳରେଖା ମିଶ୍ର, ପୂଜା ଗୁରୁବକ୍ଷାନି ଏବଂ ସୁକାନ୍ତ କୁମାର ରଥଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଗତ ବର୍ଷ ଗୋଷ୍ଠୀ ବିକାଶ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୧୨ଜଣ ମହିଳାମାନଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । କୁମ୍ଭୀର ଗଡ଼ିଆ ଗାଁରେ ଆୟଭିତିକ କାର୍ଯ୍ୟକ୍ରମ ହାତକୁ ନେଇ ସଫଳ ହୋଇଥିବା ୧୦ଜଣ ମହିଳାଙ୍କୁ ପୁରସ୍କାର ସହ ସମ୍ମାନିତ କରାଯାଇଥିଲା ।

# ମାଟି ଉପରେ ପଡୁଛି ପିଚୁ : ନାମକୁ ମାତ୍ର କାମ କରି ବିଲ୍ ଉଠାଇବାକୁ ଯୋଜନା

ଦାନଗଦି (ସବ୍ୟୁ) :ଯାଜପୁର ଜିଲ୍ଲା ଗ୍ରାମ ଉନ୍ନୟନ ବିଭାଗ ଅଧିନ ଡୁବୁରୀ ଉପଖଣ୍ଡରେ ମାର୍ଚ୍ଚ ମାସକୁ ଦୃଷ୍ଟିରେ ରଖି ବିଭାଗୀୟ ଯନ୍ତ୍ରୀ ମାନେ ଫ୍ଲସ ବିଲ କରିବାକୁ ମସୁଧା କରୁଥିବା ଜଣା ପଡିଛି । ମାର୍ଚ୍ଚ ମାସରେ ଏସଆର(ସ୍ପେସିଆଲ ରିପେୟାର) ନାଁରେ ନାମକୁ ମାତ୍ର କାମ କରି ଠିକାଦାର ଅଧେକ ଯନ୍ତ୍ରୀ ଅଧେ ଟଙ୍କା ଉଠାଇ ନେବାକୁ ଯୋଜନା ହୋଇଛି । ଚାନ୍ଦିଆ ପଂଚାୟତ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥରୁ ଭିତରମାଣିଜା ଉପର ସାହିକୁ ବାଇଡୁବୁରୀ ନାମରେ ଯାଇଥିବା ରାସ୍ତା ମରାମତି ପାଇଁ ଗତ ଫେବୃଆରୀ ମାସରେ ଟେଣ୍ଡର ଆହ୍ୱାନ ହୋଇଥିଲା ।ଯାହାକି ଏହି ମାର୍ଚ୍ଚ ମାସରେ ବିଲ ହେବାକୁ ଲକ୍ଷ୍ୟ ରହିଛି । ଅର୍ଥାତ ଯେ କୌଣସି ପରିସ୍ଥିତିରେ ବି ଏହି ଟଙ୍କାକୁ ମାର୍ଚ୍ଚ ମାସରେ ଖର୍ଚ୍ଚ ହେବ । ଏହାର ସୁଯୋଗ ନେଇ ଠିକାଦାର ଓ ଯନ୍ତ୍ରୀ ନାମକୁ ମାତ୍ର କାମ କରି ଟଙ୍କା ଉଠାଇ ନେବାକୁ ଯୋଜନା ହୋଇଛି ।

ସୁଜିନ୍ଦା ଅଂଚଳର ଜଣେ ଠିକାଦାର ଭିତରମାଣିକାର କିଛି ଯୁବକଙ୍କୁ ହାତବାରିସୀ କରି ସଂପୃକ୍ତ କାମକୁ ନିମ୍ନମାନ କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।ଲୋକଙ୍କ ଅଭିଯୋଗ ଅନୁଯାଇ ଦୀର୍ଘ ବର୍ଷ ହେବ ଏହି ରାସ୍ତାର ମରାମତି ହୋଇ ନଥିଲା । ସରକାର ବଦଳିବା ପରେ ଲୋକଙ୍କ ଦାବି ମୁତାବତ ସଂପୃକ୍ତ ରାସ୍ତାର ମରାମତି ହେବାକୁ ୧୧ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟ ବାରାଦ କରାଯାଇଥିଲା । ମାତ୍ର ଏସ୍ଥାର ଯୋଜନାରେ ଠିକ ମାର୍ଚ୍ଚ ମାସରେ କିପରି ଅତି ତରବରିଆ ଭାବେ କାମ ସାରି କିପରି ବିଲ ଉଠାଇ ନେଇ ହେବ ସେଥିପାଇଁ ନିର୍ଦ୍ଦିଷ୍ଟ କିଛି ଗୁଣ୍ଡା ଶ୍ରେଣୀୟ ଯୁବକଙ୍କୁ ଜିତା ଜରାଇ ଏହି ନିମ୍ନମାନର କାମ କରାଯାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି ।ଏଷ୍ଟିମେଟ ଅନୁଯାଇ ଭିତରମାଣିକାର ବାଇଡୁବୁରୀ ନାମରେ ଥିବା ଏହି ରାସ୍ତାର ଗୋଟାଏ କିଲୋମିଟର ପର୍ଯ୍ୟନ୍ତ ହାତରେ ତିଆରି ଚିହ୍ନ,ବକ୍ରୀ,ପିଚୁ ମିଶା ଭଲା ପିଚୁ ପଡିବାକୁ ନିର୍ଦ୍ଦେଶ ରହିଛି । ଏହି ରାସ୍ତାଟି ଦୀର୍ଘ ଦିନର ମରାମତି ଅଭାବରୁ ସଂପୂର୍ଣ୍ଣ ନଷ୍ଟ ହୋଇ ମାଟି ଚଢ଼ି ଯାଇଛି । ତେଣୁ ରାସ୍ତା ଉପରୁ ସଂପୂର୍ଣ ଭାବେ ମାଟି ଉଠାଇ ତହିଁରେ ପିଚୁ ଘୋଳା ପକାଯିବାକୁ ଏଗ୍ରିମେଣ୍ଟରେ ଉଲ୍ଲେଖ ରହିଛି । ପିଚୁ ଘୋଳା ପଡି ସାରିବା ପରେ ୨୦ଏମଏମ ର ସିଲକୋଟିଂ ହେବ । ମାତ୍ର କୌଣସି ପରିସ୍ଥିତିରେ ରାସ୍ତା କାମ ସାରିଦେଲେ ବିଲ ଉଠାଇବା ଲକ୍ଷ୍ୟରେ ରାସ୍ତାରୁ ମାଟି ସଫା ନକରି ସେହି ମାଟି ଉପରେ ସିଧା ୧୦ରୁ ୧୫ ଏମଏମ୍ର ଅତି ନିମ୍ନମାନର ସିଲକୋଟିଂ କରାଯାଉଥିବା ଦେଖିବାକୁ ମିଳିଛି । ସେହିପରି ସଂପୃକ୍ତ ରାସ୍ତାରେ ବହୁ ସଂଖ୍ୟା ଖାଲ ଖମା ରହିଥିବାରୁ ତାହାକୁ ୪୦ଏମଏମ ମେଟାଲରେ ମରାମତି କରାଯିବା ମଧ୍ୟ ଏହିମେଟରେ ଲଲ୍ଲେଖ ରହିଥିଲେ ମଧ୍ୟ ତାହା ହେଉନଥିବା ଦେଖିବାକୁ ମିଳୁଛି ।ଖାଲଖମା ଗୁଡିକରେ ମାଟି ଓ ଡଷ୍ଟ ଭର୍ତ୍ତି କରାଯାଇ ତା ଉପରେ ସିଲକୋଟି କରା ଯାଉଥିବା ଅଭିଯୋଗ ହୋଉଛି । ଡୁବୁରୀ ଗ୍ରାମ ଉନ୍ନୟନ କାର୍ଯ୍ୟଳୟ ଠାରୁ ମାତ୍ର ୫ କିଲୋମିଟର ଦୂରରେ ଏହି ନିମ୍ନମାନର କାର୍ଯ୍ୟ ଚାଲିଥୁଲେ ହେଁ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ରାସ୍ତା କାର୍ଯ୍ୟ ତଦାରଖ କରିବାକୁ ଉପସ୍ଥିତ ରହୁନଥିବା ମଧ୍ୟ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।ଏ ସଂପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଏବେ ସୁଜିନ୍ଦା ଓ ଦାନଗଦୀ ବ୍ଲକରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ ଚାଲିଛି । ସବୁ କାମକୁ ଦେଖିବାକୁ ଆମ ପାଖରେ କର୍ମଚାରୀ ନାହାଁନ୍ତି । ତେଣୁ ସେ ଯଦି ନିମ୍ନମାନର କାମ କରୁଥିବେ ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗ୍ରାମ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏହି ନିମ୍ନମାନର କାର୍ଯ୍ୟ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଭୃଗୁ ଘାଟରେ ବାରୁଣୀ ସ୍ନାନ : ବୁଡ଼ ପକାଇଲେ ହଜାର ହଜାର ଶ୍ରଦ୍ଧାଳୁ



ସାକ୍ଷୀଗୋପାଳ ,(ସବ୍ୟୁ): ପବିତ୍ର ଚୈତ୍ର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ଶତଭିଷା ନକ୍ଷତ୍ର ମହାବାରୁଣୀ ଯୋଗରେ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ଗ୍ରାମସ୍ଥିତ ଭାର୍ଗବୀ ନଦୀର ଭୃଗୁ ଘାଟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ମହାବାରୁଣୀ ଯୋଗରେ ପୁଣ୍ୟତୋୟା ଭାର୍ଗବୀରେ ବୁଡ଼ ପକାଇଲେ ମହୋଦଧ ସ୍ନାନର ପୁଣ୍ୟ ମିଳିଥାଏ । ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏଠାରେ ଶ୍ରଦ୍ଧାଳୁଙ୍କ ସମାବେଶ ଲାଗିଥିଲା । ପୌରାଣିକ ମତବାଦ ଅନୁସାରେ ତ୍ରେତୟା ଯୁଗରେ ବନବାସ ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ଅନୁଜ ଲକ୍ଷ୍ମଣ ଓ ମାତା ସୀତା ଏଠାରେ ଭୃଗୁ ମୁନିଙ୍କ ଆଶ୍ରମରେ ଅବସ୍ଥାନ କରିଥିଲେ । ସକାଳୁ ଭାର୍ଗବୀ ନଦୀରେ ସ୍ନାନ କରିବା ପରେ ଦେବଦେବ ମହାଦେବଙ୍କୁ ପୂଜା କରିବାଇଁ ଆଞ୍ଜୁଳାଏ ବାଲିରେ ପ୍ରତିଷ୍ଠା କରିଥିବା ଶିବଲିଙ୍ଗ ଏବେ ବାଲୁଙ୍କେଶ୍ୱର ଠାକୁର ନାମରେ ପୂଜା ପାଉଛନ୍ତି । ଠାକୁରଙ୍କ ଅପାର ମହିମା ନେଇ ଭକ୍ତମାନଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି । ବରାଳ ଗ୍ରାମର ବାଲୁଙ୍କେଶ୍ୱର ବଡ଼ଭାଇ ଏବଂ ବଳପୁର ଗ୍ରାମର ବାଲୁଙ୍କେଶ୍ୱର ସାନଭାଇଙ୍କୁ ନେଇ ଭୃଗୁ ଘାଟରେ ଅନୁଷ୍ଠିତ ହେଉଥିବା ସାଗର ସ୍ନାନ ଯାତ୍ରା ଭାଇଚାରାର ଅନନ୍ୟ ପରମ୍ପରା ସୃଷ୍ଟି କରିଛି ।

ମଙ୍ଗଳବାର ମଧ୍ୟାହ୍ନରେ ସାନଭାଇ ବଳପୁର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ବଡ଼ଭାଇ ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶର ଦେବଙ୍କୁ ସାଗରସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେରେ ରୀତିନୀତି ଅନୁଯାୟୀ ପହଞ୍ଚିଥିଲେ । ମନ୍ଦିରରେ ଦୁଇଭାଇଙ୍କୁ ମୁକ୍ତିମଣ୍ଡପ ପନ୍ତୀଭୋଗ କରାଯାଇଥିଲା । ବୀରକାହାଳି, ମହୁରି, ବାଜା, ଘଣ୍ଟ ମର୍ଦ୍ଦଳ, ସଂକୀର୍ତନ ଏବଂ ହରିବୋଲ ହୁଳହୁଳି ଧ୍ୱନି ଦେଇ ଦୁଇଟି ସୁସଜ୍ଜିତ ବିମାନରେ ଠାକୁର ଭାର୍ଗବୀ ନଦୀତଟସ୍ଥ ଭୃଗୁଘାଟକୁ ପଟୁଆରରେ ବିଜେକରିଥିଲେ । ଅଭିମନ୍ତ୍ରିତଜଳରେ ଠାକୁରମାନଙ୍କ ବାରୁଣୀ ସ୍ନାନନୀତି ସମାପନ କରିଥିଲେ । ସେଠାରେ ପ୍ରତୀକ୍ଷା କରିଥିବା ହଜାର ହଜାର ମାନସିକଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇବା, କେଶ ଦାନ କରିବା ଦେଖାଯାଇଥିଲା । ନିଃସନ୍ତାନ ମହିଳମାନେ ସନ୍ତାନ ପ୍ରାପ୍ତି ଆଶାରେ ଭୃଗୁ ଘାଟରେ ବୁଡ଼ ପକାଇଥିଲେ ।

ଏହି ଅବସରରେ ବ୍ରତୋପନୟନରେ ଓ ବିବାହ ରେ ବ୍ୟବହୃତ ମୁକୁଟ, ସନ୍ତରା ମସିଣା ଆଦି ନଦୀ ଗର୍ଭରେ ବିସର୍ଜନ କରାଯାଇଥିଲା । ବିଭିନ୍ନ ଗ୍ରାମକୋଠ ଏବଂ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଦଳଦଳ ହୋଇ ନଦୀକୂଳରେ ଭୋଗ ପ୍ରସ୍ତୁତକରି ଠାକୁରଙ୍କୁ ନୈବେଦ୍ୟ ପ୍ରଦାନ କରିବା ନଦୀ ଘାଟରେ ପ୍ରସାଦ ସେବନ କରିଥିଲେ । ସେହିପରି ନଦୀର ଅପର ପାର୍ଶ୍ୱର ଘାଟରେ ଅନୁରୂପ ଭାବେ ସୁଆଣ୍ଡୋ ଗ୍ରାମର ଲୋକେଶ୍ୱର ଦେବ ଓ ବିଦ୍ୟାଧରପୁରର ଭାବ କୁଣ୍ଡଳେଶର ଦେ ଘାଟକୁ ବିଜେ କରିଥିଲେ । ଗ୍ରାମୀଣ ବଜାରରୁ ସମବେତ ଲୋକ ବିଭିନ୍ନ ଘରକରଣା କିଣିବା ଦେଖାଯାଇଥିଲା । ସଂସ୍କୃତିକ କାର୍ଯ୍ୟକ୍ରମ ଭଜନ ପରିବେଷଣ କାର୍ଯ୍ୟକ୍ରମରେ ଅତିଥି ଭାବରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ । ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ, ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ ପୋଲିସ ଫୋର୍ସ ସହିତ ଭିଡ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ମେଳା ପରିଚାଳନା କରିଥିବା ବେଳେ ସାକ୍ଷୀଗୋପାଳ ଦମକଳ କେନ୍ଦ୍ର ଅଧିକାରୀ ଓ ଅଗ୍ନିକ ମାନଙ୍କ ସହିତ ସୁରକ୍ଷିତ ସ୍ନାନ ପ୍ରତି ନଜର ରଖିଥିଲେ । ଏହା ସହିତ ପନୀୟ ଜଳ , ସ୍ୱାସ୍ଥ୍ୟ ଶିବିର ଏବଂ ବିଭିନ୍ନ ସଂଗଠନର ସେବା ଶିବିର ଆଦି ଆୟୋଜନ କରଯାଇଥିଲା । ଯାତ୍ରା ପରିଚାଳନା ନିମନ୍ତେ ବରାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପଣ୍ଡା , ବଳପୁର ମନ୍ଦିର ଟ୍ରଷ୍ଟି ନିରଞ୍ଜନ ମହାପାତ୍ରଙ୍କ ଦେଶ କମିଟି ସଦସ୍ୟ ଓ ସେବାୟତ ମାନଙ୍କର ତତ୍ପରତା ପ୍ରକାଶ ପାଇଥିଲା । ଅନୁରୁପ ଭାବରେ ଦୁଗଲ ଗ୍ରାମ ଓ ଗଙ୍ଗା ନାରାୟଣପୁର ଠାକୁରଙ୍କ ସାଗର ସ୍ନାନ ଯାତ୍ରା ଉପଲକ୍ଷେ ଭାର୍ଗବୀ ନଦୀରେ ଚାପଖେଳ ବେଶ ଆକର୍ଷଣୀୟ ହୋଇଥିଲା । ସଙ୍ଗୀତଜ୍ଞ ହିମାଦ୍ରୀ ନାୟକଙ୍କ ଅଧକ୍ଷତାରେ ଓଡ଼ିଶାର ବିଶିଷ୍ଟ କଳାକାରମାନେ ଭଜନ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଓ କଳାକାରମାନଙ୍କୁ ଉପହାର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

# ଦ୍ୱିତୀୟ ପାଳି ଯାତ୍ରା: ମହାଲକ୍ଷ୍ମୀ ବେଶରେ ମା ମଙ୍ଗଳା



କାକଟପୁର, (ସବ୍ୟୁ) : ପୁରୀଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ପବିତ୍ର ଝାମୁଯାତ୍ରାର ମଙ୍ଗଳବାର ଥିଲା ଦିତୀୟ ପାଳି ଯାତ୍ରା । ରାତ୍ର ୨ ଟାରୁ ମଙ୍ଗଳ ଆଳତୀ ପରେ ସ୍ନାନ, ମାର୍ଜନା ଓ ବେଶ ପରେ ସୂର୍ଯ୍ୟପୂଜା, ବଲ୍ଲବ, ସକାଳଧୂପ ନୀତି ଅନୁଷ୍ଠିତ ହେବାପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା । ମାତୃଭକ୍ତ ମାନେ ଉତ୍ତର ଦ୍ୱାରରେ ପ୍ରବେଶ କରିବା ପରେ ଧାଡ଼ିରେ ଯାଇ ମା ଙ୍କର ମହାଲକ୍ଷ୍ମୀ ବେଶ ଦର୍ଶନ କରି ପରିବାରରେ ଶୁଭ ମନାଶି ଥିଲେ । ମାନସିକ ଧାରୀ ମହିଳାମାନେ ମନ୍ଦିର ବେଢା ମଧ୍ୟରେ ପଣ୍ଠେଇ ପୂଜା କରି ମଙ୍ଗଳବାର ଓଷା ସମ୍ପନ୍ନ କରିଥିଲେ । ଅପରାହ୍ନ୨ଟାରେ ରେ ଝଙ୍କଡ଼ ରୁ ଆସିଥିବା ପାଟୁଆ ସେବକ ମାନେ ପ୍ରାଚୀ ନଦୀରୁ ଜଳ ତୋଳି ମନ୍ଦିର ସମ୍ମୁଖରେ ଓ ମନ୍ଦିର ବେଢାରେ ପାରମ୍ପରିକ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ ୍ଏ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତ ମାନଙ୍କ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ମନ୍ଦିର ବାହାର ଓ ଭିତର ବିଭିନ୍ନ ପୁଷ୍ପରେ ସୁସଜ୍ଜିତ କରାଯାଇଥିଲା । କାକଟପୁର ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରାଯିବା ସହିତ ମନ୍ଦିର ଭିତରେ ଭକ୍ତ ମାନଙ୍କ ଦର୍ଶନ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଆସନ୍ତା ୨୪ ତାରିଖରେ ମା ଙ୍କର ତୃତୀୟ ପାଳି ଯାତ୍ରା ଅନୁଷ୍ଠିତ ହେବବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି ।

# ଭଡାଘରୁ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



ଖଣ୍ଡପଡା ,(ସବ୍ୟୁ): ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଗ୍ରାମର ହନୁମାନଙ୍କ ସାହିରେ ଘର ଭଡା ନେଇ ରହୁଥିବା ଜଣେ ବ୍ୟକ୍ତିଙ୍କର ମୃତଦେହକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମଙ୍ଗଳବାର ଅପରାହ୍ନରେ ଉଦ୍ଧାର କରାଯାଇଛି । ମୃତ ବ୍ୟକ୍ତି ଜଣକ ଗଣିଆ ବ୍ଲକ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ବିଷ୍ଣୁଚରଣ ସାମଲ ବୋଲି ଜଣାପଡିଛି । ଖଣ୍ଡପଡା ପ୍ରାଣୀ ଚିକିତ୍ସାଳୟରେ ବିଷ୍ଣୁଚରଣ କାର୍ଯ୍ୟ କରୁଥିବା ବେଳେ ସେଠାରେ ସେ ପରିବାର ସହ ଘର ଭଡା ନେଇ ରହୁଥିବା ଜଣାପଡିଛି ।ତେବେ ଭଡା ଘରେ କେହି ନଥିବା ବେଳେ ବନ୍ଦ ଘର ଭିତରୁ ବ୍ୟକ୍ତିଙ୍କର ମୃତଦେହକୁ ଉଦ୍ଧାର କରାଯାଇଥିବାରୁ ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ନାନା କଥା ଆଲୋଚନା ହେଉଛି ।ତେବେ ମୃତ ବ୍ୟକ୍ତିଙ୍କ ସଂର୍ପକୀୟମାନଙ୍କ ଠାରୁ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।ତେବେ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କଲେ ସୁଚିନ୍ତିତ ଉପାୟରେ ଉକ୍ତ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି ।ଭଡା ଘର ସାରା ରକ୍ତ ଛିଟା ପଡିଥିବା ଦେଖିବାକୁ ମିଳିଥିଲା ।

# ୭୧୦ ଦେଲେ ଉଲ୍ଲାସ ପରୀକ୍ଷା

କଣାସ,(ସବ୍ୟୁ): ଉଲ୍ଲାସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ଦ୍ୱିତୀୟ ପର୍ଯ୍ୟାୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା କଣାସ ବ୍ଲକର ୧୭ ଟି କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଉଲ୍ଲାସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଚଳିତ ବର୍ଷ କଣାସ ବ୍ଲକର ୨୮ ଟି ପଞ୍ଚାୟତରେ ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କ ଦାରା ନିରକ୍ଷରମାନଙ୍କୁ ସ୍ୱାକ୍ଷର କରିବା ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ତ ହୋଇଥିଲା । ପ୍ରତ୍ୟେକ ବ୍ୟକ୍ତି ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନରେ ପାଇଁ ସର୍ବନିମ୍ନ ଦକ୍ଷତା ହାସଲ କରିବା ଏହାର ମୂଳ ଲକ୍ଷ୍ୟ ହୋଇଥିବାବେଳେ ଆଜି ଚଳିତ ଆର୍ଥିକ ବର୍ଷର ଦିତୀୟ ପର୍ଯ୍ୟାୟ ମୂଲ୍ୟାୟନ ପରୀକ୍ଷାରେ ୨୬୮ ଜଣ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦାରା ମୋଟ ୭୧୦ ଜଣ ନବ ସଓ୍ୱାକ୍ଷର ଅଂଶ ଗ୍ରହଣ କରିଥିଲେ ।ଏହା କାର୍ଯ୍ୟକ୍ରମରେ ୧୭ ଜଣ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନୋଡାଲ ଅଫିସର ଭାବେ ଦାୟି ସମ୍ପାଦନ କରିଥିବା ବେଳେ ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ,ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ ବେହେରା ପରୀକ୍ଷା ପରିଚାଳନାର ତଦାରଖ କରିଥିଲେ ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବରେ ଶତାଧିକ ବିଭିନ୍ନ ପ୍ରକଳ୍ପ ପଦର୍ଶିତ

ନିମାପଡା,(ସବ୍ୟୁ): ପିଏମଶ୍ରୀ ନିମାପଡା ଉଚ୍ଚ ବିଦ୍ୟାଳୟରେ ପୁରୀ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉସିବ ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀମାନଙ୍କର ଶତାଧିକ ବିଭିନ୍ନ ପ୍ରକଳ୍ପ ପଦର୍ଶିତ ହୋଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ ଏହି ଉସିବ ୨ଦିନ ଧରି ଚାଲିବ। ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହାକୁ ଉଦଘାଟନ କରିଥିଲେ। ବାରବାଟୀ ପଡିଆରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦୀପକ କୁମାର ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗଦେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରରରେ ବିଦ୍ୟାଳୟ ଗୁଡିକୁ କୌଶଳ ଯୁକ୍ତ ଆଦର୍ଶ ବିଦ୍ୟାଳୟ ଭାବେ ଗଢିତୋଳିବାର ଲକ୍ଷ୍ୟ ରହିଛି। ଫଳରେ ଗ୍ରାମାଂଚଳରେ ଉଚ୍ଚ ମାନର ଶିକ୍ଷା ଉପଲବ୍ଧ ହୋଇପାରିବ ଉସିବରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ପଂଚଶଖା ଶିକ୍ଷାକ୍ଷେତ୍ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଦାଶ,ନିମାପଡା ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ,ବ୍ଲକ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢୀ,ପିଏମଶ୍ରୀ ନିମାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନନ୍ଦିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଶତାଧିକ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରକଳ୍ପ ଗୁଡିକୁ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରକଳ୍ପ ସଂପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ୨୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ପ୍ରତାପ ରାଉତ ଓ ଜ୍ୟୋତିରଂଜନ ରଥ ମଂଚ ପରିଚାଳନା କରିଥିଲେ। ଜିଲ୍ଲାର ୧୬ଟି ପିଏମଶ୍ରୀ ସ୍କୁଲର ୬୫୦ ଜଣ ଛାତ୍ରଛାତ୍ରୀ, ପ୍ରଧାନ ଶିକ୍ଷକ,ପ୍ରଧାନ ଶିକ୍ଷୟତ୍ରୀ,ଶିକ୍ଷକ,ଶିକ୍ଷୟତ୍ରୀ,ପ୍ରଶାସନିକ ଅଧିକାରୀ ପ୍ରମୁଖ ଏହି ଉସିବରେ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବୁଧବାର ଏହି ଉସିବ ଉଦ୍‌ଯାପିତ ହେବ ।

# ଗ୍ରାମ୍ୟ ନ୍ୟାୟାଳୟ କ୍ୟାମ୍ପ କୋର୍ଟ

ଶରଣକୁଳ, (ସବ୍ୟୁ): ଶରଣକୁଳ ପଞ୍ଚାୟତରେ ଗ୍ରାମ୍ୟ ନ୍ୟାୟାଳୟ କ୍ୟାମ୍ପ କୋର୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଓଡଗାଁ ଗ୍ରାମ ନ୍ୟାୟ ଅଧିକାରୀ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ଜଜ ସୌମ୍ୟଶ୍ରୀ ମହାପାତ୍ର ଏହି କ୍ୟାମ୍ପ କୋର୍ଟରେ ଯୋଗ ଦେଇ ମାମଲା ଗୁଡିକ ବିଚାର କରିଥିଲେ । ଏଥିରେ ୧୦ଟି କେସରେ ୧୩ଜଣଙ୍କର ସାକ୍ଷ ଗ୍ରହଣ କରାଯାଇଥିଲା । ସରକାରୀ ଓକିଲ କିଶୋର ଚନ୍ଦ୍ର ସାହୂ ଏବଂ ଓକିଲ ପ୍ରମୋଦ କୁମାର ବିଶ୍ୱାଳ ଏବଂ ଅନ୍ୟ ଓକିଲ ମାନେ ମାମଲା ଗୁଡିକ ପରିଚାଳନା କରିଥିଲେ । ଏଥିରେ ବେଞ୍ଚ କ୍ଲର୍କ ଏଲିନା ସାମଲ, ଷ୍ଟେନୋ ପୂଜା ପ୍ରଧାନ ସହଯୋଗ କରିଥିଲେ ।

# ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ ପରିସରରେ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକା ଏସ ଶୁଶ୍ରୀ ,ଉପଜିଲ୍ଲାପାଳ କୃଷ୍ଣଦେ ସମାଦାର, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ,ସିଡିଓ ଜୀଲ୍ଲାପରିଷଦ ଲଗ୍ନଜିତ ରାଉତ ,ଜିଲ୍ଲା ମୁଖ୍ୟ ଚିକିଚ୍ଛା ଅଧିକାରିଣୀ ପୁଷ୍ପା ନିଳିମା ଲାକ୍ରା ପ୍ରମୁଖ ଉପସ୍ଥିତ ଥିବାବେଳେ ବିଭିନ୍ନ ବିଭାଗ ଜିଲ୍ଲା ଓ ସ୍ଥାନୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଏହି ଜନଶୁଣାଣୀ ଶିବିରରେ ସମୁଦାୟ ୧୩୭ ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଏଥି ମଧ୍ୟରେ ୧୧୦ ଟି ବ୍ୟକ୍ତିଗତ ଅଭିଯୋଗ,୨୨ଟି ସାମୁହିକ ଗ୍ରାମୀଣ ଅଭିଯୋଗ,ଓ ମୁଖ୍ୟମନ୍ତ୍ରୀ ସାହାଯ୍ୟ ପାଣ୍ଠି ପାଇଁ ୫ ଟି ଅଭିଯୋଗ ହୋଇଥିଲା । ଏଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ୪୯ ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାପାଇଁ ଦଶପଲ୍ଲା ବ୍ଲକର ବିଭିନ୍ନ ପ୍ରାନ୍ତରୁ ବହୁ ଲୋକଙ୍କ ଜନସମାଗମ ହୋଇଥିବା ବେଳେ ଏହି ଅଭିଯୋଗ ମଧ୍ୟରେ ବାଇପାସ ରାସ୍ତା ପାଇଁ ଜମି ହରାଉଥିବା ଜମି ମାଲିକମାନଙ୍କୁ ଅଧିକ ଅର୍ଥ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସେହିପରି ୨୦୧୭ ମସିହାରୁ ଓଡିଶା ବସ୍ତି ବାସିନ୍ଦା ଭୂମି ଅଧିକାର ଅଧିନିୟମ ୨୦୧୭ ଅନୁଯାୟୀ ଦଶପଲ୍ଲା ଏନ ଏ ସି ର ୧୨ ନଂ ଓ୍ୱାର୍ଡ଼ ରେ ଥିବା ହିତାଧିକାରୀ ମାନଙ୍କୁ ଯୋଗ୍ୟତା ପ୍ରମାଣ ପତ୍ର ମିଳିଥିଲେ ମଧ୍ୟ ସେମାନଙ୍କୁ ଅଦ୍ୟାବଧି ପଟା ପ୍ରଦାନ କରାଯାଇ ନଥିବା ଅଭିଯୋଗ ହୋଇଥିଲା । ଶାନ୍ତି ଶୃଙ୍ଖଳା ସହ ଏହି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ପାଇଁ ଅଭିଯୋଗ ପତ୍ର ଗୁଡିକୁ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି । ଏହାର ସମାଧାନ ପାଇଁ ସମସ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ମା' ନାରାୟଣୀଙ୍କ ପୀଠରେ ଅଷ୍ଟମ ପ୍ରହର ନାମଯଜ୍ଞ



ଭୁବନେଶ୍ୱର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଆମ୍ବେରୀ ପଞ୍ଚାୟତ ଅରିଲୋ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମା' ନାରାୟଣୀଙ୍କ ପୀଠରେ ଷୋଡଶୋପଚାର ପୂଜା, ଚଣ୍ଡୀପାଠ, ଚଣ୍ଡୀଯଜ୍ଞ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ପଦ୍ମଶ୍ରୀ ବାବା ବଳିଆଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ସଂକୀର୍ତ୍ତନ ମଣ୍ଡଳୀ ଓ ଆଖପାଖ ଅଞ୍ଚଳରୁ ଭକ୍ତମାନେ ଯୋଗଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହା ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା ।

# ମା ବୁଢିଦେଇ ମନ୍ଦିରର ରନି ମୁଦ ଉତ୍ସବ

ଆଠଗଡ ,(ସବ୍ୟୁ): ଆଠଗଡ ବ୍ଲକ ଅନ୍ତର୍ଗତ କୁଲାଇଲୋ ପଞ୍ଚାୟତ ପାଟଲିଙ୍ଗା, ଶିଳାପାଟ ଗ୍ରାମର ଗ୍ରାମ ଦେବତୀ ମା ବୁଢିଦେଇ ମନ୍ଦିରର ରନି ମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସକାଳେ ରଗ୍ରାମର ସମସ୍ତ ଘର ଆଗରେ ପଞ୍ଚପୁରୁଜ ରଙ୍ଗ ରେ ସଜେଇବା ସହିତ ହରି ନାମରେ କମ୍ପୁଥିଲା ।ପରେ ପଣ୍ଡିତ ମାନଙ୍କ ଦାରା, ଠାକୁରାଣୀ ଙ୍କ ନୀତିକାନ୍ତି, ଅନୁସାରେ ହୋମ , ଯଜ୍ଞ ହୋଇଥିଲା । ପାଟଲିଙ୍ଗା ଗ୍ରାମର ସୁବାସ ଚନ୍ଦ୍ର ସ୍ୱାଇଁ କର୍ତ୍ତା ଏବଂ ଶାନ୍ତିଲତା ସ୍ୱାଇଁ କର୍ତ୍ତୀ ଭାବେ ଉପସ୍ଥିତ ଥିଲେ ।ହୋମ ଯଜ୍ଞ ପରେ ମଧ୍ୟାହ୍ନ ୧୨ଟା୪୫ ମିନିଟ ସମୟରେ ମା'ଙ୍କ ରନି ମୁଦ କାର୍ଯ୍ୟକ୍ରମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶହ ଶହ ଭକ୍ତ ମାନେ ଯୋଗଦେଇଥିଲେ ।

# ପରିବହନ ସାମଗ୍ରୀ ଅନ୍ୟତ୍ର ବିକି ଚାଳକ ଗିରଫ

ବାରଙ୍ଗ, (ସବ୍ୟୁ): ଏକ ପରିବହନ ସଂସ୍ଥାର ଗାଡି ନେଇ ଶୁଖିଲା ସାମଗ୍ରୀ ପରିବହନ କରିବା ବେଳେ ଅନ୍ୟତ୍ର ବିକ୍ରି କରିବା ଅଭିଯୋଗ ରେ ଟ୍ରକ ଚାଳକକୁ ଗିରଫ କରି ଚନ୍ଦକା ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି ।ସିଏ ହେଉଛନ୍ତି ଖୋର୍ଦ୍ଧା ଗୁରୁଜଙ୍ଗ ଟାଙ୍ଗୀସାହିର ସୁଧାକର ବଳିଆରସିଂହ(୩୪) ।ବାଲିଅନ୍ତାର ଜ୍ୟୋତି ପ୍ରକାଶ ଦାସ ନାମକ ବ୍ୟକ୍ତି ଚନ୍ଦକା ଅଞ୍ଚଳରେ ରୁଦ୍ର ପ୍ୟାକର୍ସ ଆଣ୍ଡ ମୁଭର୍ସ ନାମକ ସଂସ୍ଥା କରି ବିଭିନ୍ନ ସ୍ଥାନକୁ ସାମଗ୍ରୀ ପରିବହନ କରନ୍ତି ।ତାଙ୍କର ଏକ ଟ୍ରକ ଯୋଗେ ଗତ ୧୮.୦୯.୨୦୨୫ରେ ସୁଧାକର ବଳିଆରସିଂ ନାମକ ଚାଳକ ଦ୍ୱାରା ସିମିଳିଗୁଡ଼ାରୁ ପ୍ରାୟ ୩,୫୦,୦୦୦/- ଟଙ୍କା ମୂଲ୍ୟର ପ୍ରାୟ ୬.୫ଟନ ଓଜନର ଅଦା, ଦେଶୀଆଳୁ, କନ୍ଦମୂଳ ଆଦି ଶୁଖିଲା ପନିପରିବା ଲୋଡ କରି କଟକକୁ ଆଣୁଥିଲେ । କିନ୍ତୁ ପରିବହନ ସମୟରେ ଚାଳକ ମୋବାଇଲ ଫୋନ ବନ୍ଦ କରିଦେବା ଏବଂ ଗାଡ଼ିର ଜିପିଏସ ସିଗ୍ନାଲ ବିଚ୍ଛିନ୍ନ ହୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ।ଏହାପରେ ଗାଡି ଓ ଚାଳକ ସହ ଜ୍ୟୋତିଙ୍କର କୌଣସି ଯୋଗାଯୋଗ ହୋଇନଥିଲା । ୨୦.୦୯.୨୦୨୫ ରେ ଚନ୍ଦକା ଥାନା ଅନ୍ତର୍ଗତ ଜିଆଇଟିଇ କଲେଜ ନିକଟରେ ଟ୍ରକଟିକୁ ଖାଲି ଅବସ୍ଥାରେ ଦେଖିବାକୁ ପାଇ ଚନ୍ଦକା ଥାନାରେ ଜ୍ୟୋତି ଅଭିଯୋଗ କରିଥିଲେ ।ଆଇଆଇସି ସମିତା ମିଶ୍ର ୩୯୨/୨୫କେସ ନଂରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ।ପୋଲିସ ଟ୍ରକକୁ ଜବତ କରି ପରେ ଜ୍ୟୋତିଙ୍କୁ ହସ୍ତାନ୍ତର କରିଥିଲେ ।ଏହାପରେ ଚାଳକ ସୁଧାକର ବଳିଆରସିଂ ଫେରାର ହୋଇଯାଇଥିଲେ କୌଣସି ସୂତ୍ରରୁ ଖବର ପାଇ ସୋମବାର ରାତିରେ ପୋଲିସ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ଗୋଦାମରୁ ଖୋର୍ଦ୍ଧା ଗୁରୁଜଙ୍ଗ ଟାଙ୍ଗୀସାହିର ସୁଧାକର ବଳିଆରସିଂହ(୩୪)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚ ବେଳେ ସୁଧାକରଙ୍କ ନାମରେ ଖୋର୍ଦ୍ଧା ଓ ଜଟଣୀ ଥାନାରେ ମୋଟ ୩ଟି ମାମଲା ଥିବାର ପୋଲିସ ଜାଣିବାକୁ ପାଇଛି ।

# ବିଧାୟକଙ୍କ କୁଶ ପୁତ୍ତଳିକା ଦାହ

ବାଙ୍କୀ ,(ସବ୍ୟୁ): ଗତ ସୋମବାର ଦିନ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେଡ଼ିର ବାଙ୍କୀ ବିଧାୟକ ଦଳ ନିଷ୍ପତ୍ତି ବିରୋଧରେ ଯାଇ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଥିବାରୁ ବାଙ୍କୀ ନୃସିଂହ ଛକ ଠାରେ କଂଗ୍ରେସ ଦଳର କର୍ମୀ ଓ କିଛି ଅସନ୍ତୁଷ୍ଟ ବିଜେଡି କର୍ମୀ ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ବାଙ୍କୀ ନଗର କଂଗ୍ରେସ କମିଟି ସଭାପତି କାଶୀ ନାଥ ମହାପାତ୍ର, ଡମପଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି ଅସି ବରଣ ପଟନାୟକ, ଯୁବ କଂଗ୍ରେସ ସଭାପତି ରାକେଶ କୁମାର ବେହେରା । ରାଜ୍ୟ କଂଗ୍ରେସ କମିଟି ସଦସ୍ୟ ବିଶ ରଂଜନ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ସେଠୀ ପ୍ରମୂଖ ଉପସ୍ଥିତ ଥିଲେ ।

# ୨୭ରେ ହିନ୍ଦୁସେନା ବଡମ୍ବା ଶାଖାର ଶ୍ରୀରାମ ଶୋଭାଯାତ୍ରା

ବଡମ୍ବା, (ସବ୍ୟୁ): ହିନ୍ଦୁସେନା ବଡମ୍ବା ଶାଖା ପକ୍ଷରୁ ଆସନ୍ତା ୨୭ ତାରିଖ ପବିତ୍ର ଶ୍ରୀରାମ ନବମୀ ଅବସରରେ ଏକ ବିରାଟ ଶ୍ରୀରାମ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି ଅବ ଅବସରରେ ଏକ ପ୍ରସ୍ତୁତି ବୈଠକ କଚେରୀ ନିକଟସ୍ଥ ବୁଢ଼ା ହନୁମାନ ମନ୍ଦିର ପ୍ରାଙ୍ଗଣରେ ବଡମ୍ବା ଶାଖା ର ସଭାପତି ସାମ୍ବାଦିକ ଚିନ୍ମାମ୍ବା ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକ ରେ ୨୭ ତାରିଖ ହେବା କୁ ଥିବା ଶୋଭାଯାତ୍ରା ବଡମ୍ବା କଚେରୀ ସ୍ଥିତ ବୁଢ଼ା ହନୁମାନ ମନ୍ଦିର ଠାରୁ ବାହାରି ମୁଖ୍ୟ ରାସ୍ତା ରେ ବଡମ୍ବା ଗାନ୍ଧିଛକ, ବଡ଼ ସାହିଦେଇ ବଡମ୍ବା ଟାଉନ ପରିକ୍ରମା କରି ହାଟଛକ କାନ୍ଥିତଳ ସାହିସ୍ଥ ରାମଙ୍କ ମନ୍ଦିର ଠାରେ ଶୋଭାଯାତ୍ରା ଶେଷ କରାଯିବ ବୋଲି ନିଷ୍ପତି କରା ଯାଇଛି ।ଶୋଭାଯାତ୍ରା ରେ ଶତାଧିକ ଶ୍ରୀରାମ ପ୍ରେମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଶୋଭାଯାତ୍ରି କାର୍ଯ୍ୟକ୍ରମ କିଭଳି ଶୃଙ୍ଖଳିତ ଭାବେ କରାଯିବ ସେ ସଂକ୍ରାନ୍ତ ରେ ବିଷଦ ଭାବେ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତି ହୋଇଛି । କାର୍ଯ୍ୟକ୍ରମ ରେ ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ଅଧିକାରୀ ଙ୍କୁ ଅବଗତ କରାଯିବ ବୋଲି ବୈଠକ ରେ ନିଷ୍ପତି ହୋଇଛି ।

ବୈଠକରେ ବଡମ୍ବା ଶାଖାର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ,ସମ୍ପାଦକ ଧନରାଜ ପାଟଶାଣି, ସମ୍ପାଦକ ସହଦେ ମଲ୍ଲିକ,ବରିଷ୍ଠ ଉପଦେଷ୍ଟା ସୁବାସ ଚନ୍ଦ୍ର ସାହୁ, ସନ୍ତୋଷ ପଟ୍ଟନାୟକ, ବିବେକାନନ୍ଦ ମଲ୍ଲିକ, ସନ୍ତୋଷ ଦେବତା, ସକ୍ରିୟ ସଦସ୍ୟ ନୀଳକଣ୍ଠ ପଣ୍ଡା, ଦୀପକ ବେହେରା, ଆଲୋକ କୁମାର ସାହୁ, ସମ୍ବିତ ଜେନା, ମୃତ୍ୟୁଞ୍ଜୟ ମହାନ୍ତି,ସୌଭାଗ୍ୟ ରଞ୍ଜନ ମଲ୍ଲିକ, ବଦ୍ରି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଓଲସିଂହରେ ପାଳିତ ହେଉଛି ବାରଦୋଳ ଯାତ୍ରା



ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଓଲସିଂହ ଗ୍ରାମରେ ପାରମ୍ପରିକ "ବାରଦୋଳ ଯାତ୍ରା' ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି । ଏହି ଉତ୍ସବକୁ ନେଇ ସମଗ୍ର ଅଞ୍ଚଳରେ ଏବେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା ରବିବାର ସନ୍ଧ୍ୟାରେ ଠାକୁରମାନେ ଅତ୍ୟନ୍ତ ମନୋରମ ଭାବେ ସୁସଜ୍ଜିତ ହୋଇଥିବା ବିମାନରେ ବିଜେ କରିଥିଲେ ।

ଏକ ବିରାଟ ଶୋଭାଯାତ୍ରା ବା ପଟୁଆରରେ ମହାପ୍ରଭୁଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା ।ପରିକ୍ରମା ଶେଷରେ ଠାକୁରମାନେ ନିଜ ନିଜ ଆସ୍ଥାନରେ ବିଜେ କରିଥିଲେ । ଲୋକଙ୍କ ମନୋରଞ୍ଜନ ତଥା ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପାଇଁ ବାରଦୋଳ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଦୀର୍ଘ ତିନି ଦିନ ଧରି ନାମୀଦାମୀ ଅପେରା ପାର୍ଟି ଦ୍ୱାରା ନାଟକ ପରିବେଷଣ କରାଯିବ । ଭଜନ ସମାରୋହ ସହିତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଯୋଜନା ରହିଛି ।ଓଲସିଂହର ଏହି ପାରମ୍ପରିକ ଉତ୍ସବ ଭାଇଚାରା ଓ ଏକତାର ପ୍ରତୀକ ସାଜିଛି ।

# ସମନ୍ୱିତ କୃଷି ରୋଗପୋକ ପରିଚାଳନା କର୍ମଶାଳା

ବାଲିପାଟଣା ,(ସବ୍ୟୁ): କେନ୍ଦ୍ରୀୟ ସମନ୍ୱିତ ରାଗପୋକ ପରିଚାଳନା କେନ୍ଦ୍ର ତରଫରୁ ବଗପଦା ସ୍ଥିତ କାସା କାର୍ଯ୍ୟାଳୟ ପରିସରରେ ଚାଷୀ ମାନଙ୍କ ପାଇଁ ଏକ ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି ।ଏଥିରେ ଅନୁଷ୍ଠାନ ର ମୁଖ୍ୟ ଡ ପ୍ରାଣ ବଲ୍ଲଭ ସାହାଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।କୃଷକ ସଂଗଠନ'ଫୋର୍ଡ ' ର ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ କାସା ଅନୁଷ୍ଠାନ ସଂଯୋଜକ ଅର୍ଜୁନ କୁମାର ମୁଦୁଲି, ଫୋର୍ଡ ର ସମ୍ପାଦକ କିଶୋର ଜେନା ଅତିଥି ଭାବେ ଯୋଗଦେଇ ଥିଲେ ।କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମ ପଞ୍ଚାୟତ ର ସଫଳ ଚାଷୀ,କୃଷକ ସାଥି,କୀଟନାଶକ ଔଷଧ ବିକ୍ରେତା ମାନେ ତାଲିମ ନେବାପାଇଁ ଯୋଗ ଦେଇଛନ୍ତି । କୀଟ ନାଶକ ର ଅପକାରିତା ଓ ଏହାର ଯଥାର୍ଥ ପ୍ରୟୋଗ ପ୍ରଣାଳୀ ସମ୍ବଧରେ ଏହି ଶିବିର ରେ ପ୍ରଶିକ୍ଷଣ ଦିଆଯିବ ।ଚାଷୀ ରବୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ର ର ଅଧିକାରୀ ଶାଳିନୀ ଗୋଡ଼ିସାରା,ମଧୁମତି ପାତ୍ର,ସୁଭାଶିଷ ସ୍ୱାଇଁ,ଅରିନ୍ଦମ ରାୟ ଓ ଧ୍ରୁବ ଚରଣ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପରୀକ୍ଷା ଦେଲେ ପୌଢ଼ ବିଦ୍ୟାର୍ଥୀ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧିନସ୍ଥ ଲଳିତାପାଟପୁର କ୍ଲଷ୍ଟରେ ଥିବା ବିଦ୍ୟାଳୟମାନଙ୍କରେ ପୌଢ଼ ବିଦ୍ୟାର୍ଥୀଙ୍କ ପରୀକ୍ଷା ହୋଇଅଛି । ଏହି ପରୀକ୍ଷା ରବିବାର ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ସେମାନେ କେତେ ସ୍ୱାକ୍ଷର ଜଣା ପଡ଼ିବ । ଉଲ୍ଲାସ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଯୋଜନାକୁ ତୃଣ ମୂଳସ୍ତରରେ କାର୍ଯ୍ୟକାରୀ କରାଯାଇଛି । ଟାଙ୍ଗୀ ବ୍ଲକ ପ୍ରଦୀପ କୁମାର ସାହୁ ଙ୍କ ପରାମର୍ଶ ଅନୁସାରେ ସି ଆର ସି ସି ମଳୟ କୁମାର ମଙ୍ଗରାଜ ଙ୍କ ସହଯୋଗରେ ଏହି କାର୍ଯ୍ୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେଙ୍ଗଟା ଠାରେ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ଙ୍କ ତତ୍ତ୍ୱାବଧାନରେ ସହ ଶିକ୍ଷୟତ୍ରୀ ଉନିତା ହରିଚନ୍ଦନଙ୍କ ସହଯୋଗରେ ହୋଇଥିଲା ।

# ମୋବାଇଲ କ୍ରେଚେସର ବାର୍ଷିକ ଉତ୍ସବ



ଭୁବନେଶ୍ୱର, (ସବ୍ୟୁ) : ମୋବାଇଲ କ୍ରେଚେସ୍ (ଏମସି) ତାହାର ୫୭ତମ ବାର୍ଷିକ ଉତ୍ସବ ପାଳନ ଦିବସରେ ଏକତ୍ରିତ ହେବା ଏବଂ "ସ୍ନେହ ମଣ୍ଡଳସ୍' ଗଠନ କରିବାକୁ ନାଗରିକ ସମାଜ, ଦକ୍ଷତା ପ୍ରତିଷ୍ଠାନସମୂହ ଏବଂ ରଣକୌଶଳାତ୍ମକ ସହଭାଗୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆହ୍ୱାନ ଦେଇଛି । ଓଡ଼ିଶାରେ ସମ୍ପ୍ରତି ହଜାର ହଜାର ଶିଶୁ ସେମାନଙ୍କର ପିତା ମାତା କାର୍ଯ୍ୟ କରୁଥିବା ସମୟରେ ସେମାନେ ସମ୍ମୁଖୀନ ହେଉଥିବା ନିରାପଦ, ପରିପୋଷଣକାରୀ ପରିବେଶ ଅଭାବ କାରଣରୁ ସୃଷ୍ଟି ହେଉଥିବା "ଯତ୍ନର ଅଭାବ' ପରିସ୍ଥିତିର ମୁକାବିଲା କରିବାକୁ ଏକ ଶକ୍ତିଶାଳୀ ସମ୍ମିଳିତ ପ୍ରୟାସ ଗଢିତୋଳିବାକୁ ଏହି ପ୍ରଚେଷ୍ଟା ଲକ୍ଷ୍ୟ ରଖିଛି ।

ଭାରତର ଅଷ୍ଟମ ବୃହତ୍ ରାଜ୍ୟ ହେଉଛି ଓଡ଼ିଶା ଏବଂ ଏଠାରେ ମହିଳା ଶ୍ରମଶକ୍ତିରେ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହେଉଛି ଏବଂ ଏହା ୪୪.୭%ରେ ପହଞ୍ଚିଛି, ଯାହା ଜାତୀୟ ହାରାହାରି ଠାରୁ ଅଧିକ ରହିଛି ।

ତେବେ ଏହି ଅର୍ଥନୈତିକ ଅଭିବୃଦ୍ଧି ଶିଶୁ ଯନି ଭିତ୍ତିଭୂମିର ବ୍ୟାପକ ଅଭାବ ଦ୍ୱାରା ଗୁରୁତର ପ୍ରତିକୂଳ ଭାବରେ ପ୍ରଭାବିତ ହେଉଛି । ମୋବାଇଲ କ୍ରେଚେସ୍ ଏହି ତାରତମ୍ୟ ଦୂର କରିବାକୁ ଏକ ବୈଷୟିକ ନକ୍ସା ଯୋଗାଇ ଦେଉଛି । ଆମେ ସ୍ନେହ ମଣ୍ଡଳସ୍ (ପ୍ରଯତ୍ନକାରୀ ମଣ୍ଡଳ) ଗଠନ କରିବାକୁ ଆମ ସହିତ ଯୋଗଦେବାକୁ ସହଭାଗୀମାନଙ୍କୁ ଆମେ ଆହ୍ୱାନ କରୁଛୁ, ଯେଉଁଠାରେ ଏମ୍ସିଗୁଡିକ ପ୍ରମାଣ ଆଧାରିତ ବିଷୟବସ୍ତୁ ତ ଏବଂ ବିଦ୍ୱତା ଯୋଗାଇ ଦେବାକୁ ଯନିକାରୀ ବୈଷୟିକ ସହଭାଗୀ ଭାବରେ କାର୍ଯ୍ୟ କରିବେ ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୬୦)**
**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯତତୋ ହ୍ୟପି କୌନ୍ତେୟ ! ପୁରୁଷସ୍ୟ ବିପଶ୍ଚିତଃ ।**
**ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନ ॥ ୬୦ ॥**

( ଇନ୍ଦ୍ରିୟସଂଯମ ବିନା ସ୍ଥିତପ୍ରଜ୍ଞତା ହୁଏ ନାହିଁ, ଅତଏବ ସାଧନା ଅବସ୍ଥାରେ ଏ ବିଷୟରେ ବିଶେଷ ଯତ୍ନ କରିବା ଉଚିତ, ଏହା ଦୁଇଟି ଶ୍ଳୋକରେ କହୁଛନ୍ତି)– ହେ କୌନ୍ତେୟ ! ବିକ୍ଷୋଭକାରୀ ଇନ୍ଦ୍ରିୟମାନେ ମୋକ୍ଷ ନିମିତ୍ତ ଯତ୍ନ କରୁଥିବା ବିବେକୀ ପୁରୁଷର ମନକୁ ମଧ୍ୟ ନିଶ୍ଚୟ ବଳପୂର୍ବକ ହରଣ କରନ୍ତି । ॥୬୦॥

# ଗୌଣ ସାହିତ୍ୟର ବିଚାର

ଗତ ବର୍ଷ ଡିସେମ୍ବର ୧୮ ତାରିଖରେ ୨୦୨୫ ବର୍ଷ ପାଇଁ ୨୪ଟି ସ୍ୱୀକୃତ ଭାରତୀୟ ଭାଷାରେ ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରିବାକୁ ଥିଲା । ଏଥିପାଇଁ ସାମ୍ବାଦିକ ସମ୍ମିଳନୀ ମଧ୍ୟ ଡକାଯାଇଥିଲା । ଅଥଚ ଶେଷ ମୁହୂର୍ତ୍ତରେ ସେହି ସାମ୍ବାଦିକ ସମ୍ମିଳନୀ ଓ ପୁରସ୍କାର ଘୋଷଣାନାମାକୁ ବାତିଲ କରାଯାଇ ଏକ ଅଭୁତପୂର୍ବ ପରିସ୍ଥିତି ସୃଷ୍ଟି କରାଗଲା । ଅନ୍ୟାନ୍ୟ ଭାଷାର କଥା କହି ହେଉ ନାହିଁ, ବରଂ ଆମ ଓଡ଼ିଆ ଭାଷା ସାହିତ୍ୟର ଆବାହକ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଏ ବିଷୟରେ ମଧ୍ୟ ନୀରବ ରହିଲେ । ଲେଖକ ଓ ସାହିତ୍ୟିକମାନଙ୍କ ଦୀର୍ଘ ନୀରବତାରୁ ଜଣାଗଲା ଯେ ଆମ ସାହିତ୍ୟ ଆମ ସାମଜକୁ ଆଗ ଭଳି ପ୍ରଭାବିତ କରି ପାରୁନାହିଁ ।

ଗୋଟିଏ ସମ୍ବାଦପତ୍ରରେ ଜଣେ ଲେଖକ ଲେଖିଥିଲେ ଯେ ହିନ୍ଦୁ ମୌଳବାଦୀ ବା ରାଷ୍ଟ୍ରୀୟ ସ୍ୱୟଂ ସଂଘର ଲୋକମାନେ ସାହିତ୍ୟ ଏକାଡେମୀରେ ପ୍ରବେଶ କରିବାକୁ ଚାହିଁବାରୁ କୁଆଡେ ଏପରି ପଦକ୍ଷେପ ନିଆଗଲା । ପୁଣି ଆଲୋଚନା ହେଲା ଯେ କେନ୍ଦ୍ରୀୟ ସଂସ୍କୃତି ବିଭାଗ, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ବିଭାଗ ସହିତ କରିଥିବା ବୁଝାମଣା ପତ୍ର (MOU)ଶେଷ ହୋଇଯିବାରୁ ଏପରି ପରିସ୍ଥିତି ଉପୁଜିଲା । ଏହିପରି ପ୍ରାୟ ତିନି ମାସ ଗଡ଼ିଗଲା । ଏ ବିଷୟରେ କାଁ ଭାଁ ସ୍ୱର ଉତ୍ତୋଳନ କରାଗଲା । ପୁରସ୍କାର ଚୟନରେ ଦୁର୍ନୀତି ଓ ଘୋଡାବେପାର ହୋଇଛି ବୋଲି ମଧ୍ୟ କେହି କେହି ଅଭିଯୋଗ କଲେ । ମାତ୍ର ସେ ସ୍ୱର ଏତେ କ୍ଷୀଣ ଯେ ତାହାର ପ୍ରଭାବ ଆମ ସମାଜ ବା ସରକାରଙ୍କ ଉପରେ ପଡ଼ିଲା ନାହିଁ ।

ସେ ଯାହା ହେଉ, ଗତ ତା ୧୭। ୦୩। ୨୦୨୬ ରିଖରେ ବିଭିନ୍ନ ଭାରତୀୟ ଭାଷାର ଏହି ପୁରସ୍କାର ଘୋଷଣା କରାଯାଇଛି । ଏଥର ଓଡ଼ିଆ କବି ଗିରିଜା କୁମାର ବଳିଆର ସିଂଙ୍କ 'ପାଦପୂରଣ' କବିତା ପୁସ୍ତକ ୨୦୨୬ ପାଇଁ ପୁରସ୍କାର ଲାଭ କରିଛି । ସାମାଜିକ ଗଣମାଧ୍ୟମରେ ସେ ଓଡ଼ିଶାରେ ପାଇବେ ବୋଲି ଚର୍ଚ୍ଚା ହେଉଥିଲା । ତାଙ୍କୁ ହିଁ ମିଳିଲା । କିନ୍ତୁ ଏପରି ହେଲା କାହିଁକି ?

ଅତୀତରେ ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ ମହାପାତ୍ର ଓ ରାଧାମୋହନ ଗଡନାୟକ ପ୍ରଭୃତି ବିଶିଷ୍ଟ ଲେଖକମାନେ ମଧ୍ୟ ବହୁ ବିଳମ୍ବରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ହରେକୃଷ୍ଣ ମହତାବଙ୍କର ସଦ୍ୟ ପ୍ରକାଶିତ ପୁସ୍ତକ ସେତେବେଳେ ନଥିଲା ଓ 'ଗାଁ ମଜଲିସ' ପୁସ୍ତକ ପାଇଁ ସେ ବିଳମ୍ବରେ ପୁରସ୍କାର ପାଇଥିଲେ ବୋଲି ସେତେବେଳେ କୁହାଗଲା । 'ଗାଁ ମଜଲିସ' ଅବଶ୍ୟ ଉଭୟ ସାହିତ୍ୟ ଓ ସାମ୍ବାଦିକତାର ସମ୍ମିଶ୍ରଣରେ ଓଡ଼ିଆ ସାହିତ୍ୟ ଓ ସାମ୍ବାଦିକତା ଉଭୟ ଦିଗକୁ ସମୃଦ୍ଧ କରି ପାରିଥିଲା । ତେଣୁ ଅଗଣିତ ଓଡ଼ିଆ ପାଠକ ସେହି ପୁସ୍ତକର ପୁରସ୍କାର ଘୋଷଣାରେ ଆନନ୍ଦ ପ୍ରକାଶ କରିଥିଲେ । ନିତ୍ୟାନନ୍ଦ ମହାପାତ୍ରଙ୍କର କ୍ଳାସିକାଲ ଉପନ୍ୟାସ ମଧ୍ୟରୁ ପ୍ରଥମ ଖଣ୍ଡ 'ହିଡମାଟି' କି ଦ୍ୱିତୀୟ ଖଣ୍ଡ 'ଭଙ୍ଗାହାଡ' ଅବଶ୍ୟ ପୁରସ୍କାର ପାଇ ପାରି ନଥିଲା । ତାଙ୍କର ଅନ୍ୟାନ୍ୟ ଲେଖା ମଧ୍ୟ ଥିଲା । ଏହି ଧାରାର ତୃତୀୟ ଖଣ୍ଡ 'ଘରଡିହ' ବିଳମ୍ବରେ ପ୍ରକାଶ ପାଇବାରୁ ତାହା ସାହିତ୍ୟ ଏକାଡେମୀଙ୍କ ଦୃଷ୍ଟିକୁ ଆସିଥିଲା । କେହି କେହି ତାହାର ପ୍ରକାଶନ କାଳକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲେ । ମାତ୍ର ହରେକୃଷ୍ଣ ମହତାବ ଏକାଡେମୀ କର୍ତ୍ତୃପକ୍ଷଙ୍କୁ ଲେଖିଥିଲେ, ଏପରି ପୁସ୍ତକ ପୁରସ୍କାର ପାଇବା ଉଚିତ । ତା' ପରେ ତାଙ୍କର ଦେହାନ୍ତ ହୋଇଥିଲା । ଫଳରେ ଏକାଡେମୀ କର୍ତ୍ତୃପକ୍ଷ ମହତାବ କରିଥିବା ସୁପାରିଶକୁ ଗୁରୁତ୍ୱ ଦେଇ ୧୯୮୭ରେ 'ଘରଡିହ' ଉପନ୍ୟାସକୁ ପୁରସ୍କୃତ କରିଥିଲେ । ନିତ୍ୟାନନ୍ଦଙ୍କ କବିବନ୍ଧୁ ରାଧାମୋହନ ଗଡନାୟକଙ୍କର କୌଣସି ପୁସ୍ତକ ସାହିତ୍ୟ ଏକାଡେମୀ ପୁରସ୍କାର ପାଇ ନଥିଲା । ସେ ମନଦୁଃଖରେ କହି ପକାଇଲେ 'ମୋ କବିତା ପୁସ୍ତକ 'କୈଶୋରିକା'କୁ ଯିଏ ହାଇସ୍କୁଲରେ ପାଠ ପଢୁଥିଲେ, ସିଏ ପଛେ ପୁରସ୍କାର ପାଇଲେ, ହେଲେ ମୋତେ ପୁରସ୍କାର ମିଳିଲା ନାହିଁ । ' ଏ କଥା ଅନେକଙ୍କୁ ବାଧିଥିଲା । ମାତ୍ର ତାଙ୍କର ମଧ୍ୟ ସଦ୍ୟ ପ୍ରକାଶିତ ପୁସ୍ତକ ନଥିଲା । କଟକର ଜଣେ ପ୍ରକାଶକ 'ସୂର୍ଯ୍ୟ ଓ ଅନ୍ଧକାର' ବୋଲି ତାଙ୍କର କେତେକ କବିତା ସଂଗ୍ରହ କରି ବହିଟିଏ ଅବିଳମ୍ବେ ପ୍ରକାଶ କରିଥିଲେ । ସେ ପ୍ରକାଶକ ଥିଲେ ପ୍ରାଚୀ ପୁସ୍ତକ ପ୍ରତିଷ୍ଠାନର ମାଲିକ ଗଙ୍ଗାଧର ତ୍ରିପାଠୀ । ସେହି ବର୍ଷ ଏକାଡେମୀ କର୍ତ୍ତୃପକ୍ଷ ତାଙ୍କର ଏହି ପୁସ୍ତକଟିକୁ ଗୁରୁତ୍ୱ ଦେଇ ୧୯୭୫ରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରିଥିଲେ ଓ ତାଙ୍କର ସାହିତ୍ୟ କୃତିକୁ ଖୁବ୍ ପ୍ରଶଂସା କରିଥିଲେ ।

ଏଥର ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ବିଭିନ୍ନ ଭାଷାର ଆବାହକ ବା କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ଜରିଆରେ ପୁରସ୍କାର ଚୟନ ପାଇଁ ପୁସ୍ତକ ନ ମଗାଇ ସ୍ୱଚ୍ଛତା ଓ ନିରପେକ୍ଷତା ନୀତିରେ ପୁସ୍ତକମାନ ପୁରସ୍କାର ସକାଶେ ଖୋଲାଖୋଲି ମଗାଇଥିଲେ । ଫଳରେ ପୁରସ୍କାର ଆଶାୟୀ ଶତାଧିକ ଲେଖକ ଓ ଲେଖିକାମାନେ ନିଜ ନିଜର ପୁସ୍ତକ ଏଥିପାଇଁ ପଠାଇ ପାରିଥିଲେ । ଅନ୍ୟ କେହି କେହି ମଧ୍ୟ ଲେଖକ/ଲେଖିକାଙ୍କ ପୁସ୍ତକ ପୁରସ୍କାର ସକାଶେ ପଠାଇ ପାରିଲେ । ପ୍ରକାଶକମାନେ ମଧ୍ୟ ଲେଖକ/ଲେଖିକାଙ୍କ ପୁସ୍ତକଗୁଡ଼ିକ ପୁରସ୍କାର ସକାଶେ ସୁପାରିଶ କରି ପଠାଇ ପାରିଲେ । ମାତ୍ର ଏତେଗୁଡ଼ିଏ ପୁସ୍ତକ ମଧ୍ୟରୁ ଗୋଟିଏ ମାତ୍ର ପୁସ୍ତକ ପୁରସ୍କାର ପାଇ ପାରିଲା । ଅନ୍ୟ ପୁସ୍ତକଗୁଡ଼ିକ ଯେ ପୁରସ୍କାର ପାଇବାକୁ ଯୋଗ୍ୟ ନୁହେଁ, ତାହା କୁହାଯାଇ ନପାରେ ।

କେବଳ ସାହିତ୍ୟ ଏକାଡେମୀ କ୍ଷେତ୍ରରେ ନୁହେଁ, ଜ୍ଞାନପୀଠ ପୁରସ୍କାର କ୍ଷେତ୍ରରେ, ଓଡ଼ିଶାରୁ ଅତିବଡି ବା ଅନ୍ୟାନ୍ୟ ପୁରସ୍କାର କିମ୍ବା ସମ୍ବର୍ଦ୍ଧନା କ୍ଷେତ୍ରରେ ମଧ୍ୟ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ଅଭିଯୋଗମାନ ହେଉଛି । ଏପରିକି ଅତୀତରେ ମୋକଦ୍ଦମା କରିଥିବା ଜଣେ ଲେଖକ–ଅଧ୍ୟାପକ ମଧ୍ୟ ପାଞ୍ଚଲକ୍ଷ ଟଙ୍କାର ଫକୀର ମୋହନ ପୁରସ୍କାର କିପରି ଏଥର ମଧ୍ୟ ପାଇ ପାରିଲେ ବୋଲି କେହି କେହି ସନ୍ଦେହ ପ୍ରକାଶ କରୁଛନ୍ତି । ମନୋଜ ଦାସଙ୍କ ନାମରେ ଦଶଲକ୍ଷ ଟଙ୍କାର ପୁରସ୍କାର ଓଡ଼ିଶା ସାହିତ୍ୟ ଏକାଡେମୀ ବର୍ଷ ବର୍ଷ ଧରି ଦେଇ ପାରି ନାହାନ୍ତି । କଥା କ'ଣ ?

ସାହିତ୍ୟ ଏକାଡେମୀ (କେନ୍ଦ୍ରୀୟ) ୧୯୫୪ରେ ଗଠିତ ହୋଇଥିଲା । ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଅତିକ୍ରମ କରିବା ପରେ ମଧ୍ୟ ଆମ ଭାଷା ଓ ସାହିତ୍ୟକୁ କେହି ଗୁରୁତ୍ୱ ନ ଦେଇ ଗୌଣ ବିଷୟ ବୋଲି ଅନେକ ବିଚାର କରୁଛନ୍ତି ଏବେ । ରାଜ୍ୟସଭା ପରି ଘୋଡାବେପାର ସାହିତ୍ୟ ପୁରସ୍କାର କ୍ଷେତ୍ରରେ ମଧ୍ୟ ଅଭିଯୋଗ ହେଉଛି । ବିକଶିତ ଭାରତ ଓ ବିକଶିତ ଓଡ଼ିଶା ପାଇଁ ଏହା ଏକ ଅଶୁଭ ସୂଚନା ବିଷୟ ବୋଲି ମନେ ହୋଇଥାଏ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଓଡ଼ିଶା ଉଠୁନି କାହିଁକି?



**ବିଦ୍ୟାଧର ମହାରଣା**

ପ୍ରାକୃତିକ ସମ୍ପଦରେ ଭରପୁର ଓଡିଶାର ଅଧିବାସୀ ଗରିବ ବୋଲି ବହୁ ବର୍ଷଧରି ଆଲୋଚନା କରାଯାଉଛି । ଓଡ଼ିଶାରେ ବହୁ ଖଣିଜ ପଦାର୍ଥ ସଞ୍ଚିତ ହୋଇ ରହିଛି । ଦେଶର ୯୮% କ୍ରୋମାଇଟ, ୯୨% ନିକେଲ, ୫୯% ବକ୍ସାଇଟ, ୨୮% ଆଇରନ୍ ଓର୍ ଓ ୨୪% କୋଇଲା ଓଡ଼ିଶାରେ ରହିଛି । ଜଳବାୟୁ ଓ ମୃତ୍ତିକାରେ ବିଭିନ୍ନତା ଏବଂ ୫୦୦ରୁ ଉର୍ଦ୍ଧ୍ୱ କିଲୋମିଟର ଉପକୂଳ ବେଳାଭୂମି, ଦଶଗୋଟି ନଦୀ ଅବବାହିକା ଆଦିବାସୀ ଅଞ୍ଚଳରେ ଘନଜଙ୍ଗଲ ଓଡ଼ିଶାରେ ଲୋକମାନଙ୍କ ଜୀବୀକା ନିର୍ବାହନକୁ ଉନ୍ନତ କରିବାରେ କୌଣସି ଅସୁବିଧା ସୃଷ୍ଟି କରିବା କଥାନୁହେଁ । ତଥାପି କାହିଁକି ରାଜ୍ୟ ଗରିବ ଓଡ଼ିଆ ବୋଲି ସର୍ବତ୍ର ପରିଚିତ ? କ୍ଷୁଧା, ଅନାହାର ମୃତ୍ୟୁ, ଅପପୁଷ୍ଟି, ବାହାରକୁ ଦାଦନ ଖଟିବାକୁ ଯିବାର ଅପଯଶ ସବୁ ଯେପରି ଓଡିଶା ସହିତ ଅତୀତରେ ଯୋଡି ହୋଇଥିଲା । ପ୍ରସିଦ୍ଧ ସାମ୍ବାଦିକ ପାଲାଗୁମି ସାଇନାଥ ତାଙ୍କ ଇଂରାଜୀ ପୁସ୍ତକ 'ଏଭ୍ରିବଡି ଲଭସ ଏ ଗୁଡ ଡ୍ରାଉଟ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ୧୯୮୫ ମସିହାରେ ନୂଆପଡ଼ାର ଆମଲାପଲୀ ଗ୍ରାମର ଫାନସି ପୁଞ୍ଜି ନିଜର ନଣନ୍ଦ ବନିତାକୁ ମାତ୍ର ୪୦ ଟଙ୍କାରେ ଅନ୍ଧ ବିଦ୍ୟା ପୋଡ଼କୁ ବିକି ଥିବାର ଖବର ପ୍ରକାଶ ପାଇବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ନୂଆପଡ଼ା ଆସିଥିଲେ । କଳାହାଣ୍ଡି ଓ ରାୟଗଡା ଜିଲ୍ଲାରେ ଆମ୍ବଟାକୁଆ ଖାଇ କିଛି ଲୋକ ମରିବା ପ୍ରସଙ୍ଗ ଦିଲ୍ଲୀରେ ଆଲୋଚନା ହୋଇଥିଲା ।

ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ଛଅମାଣ ଆଠଗୁଣ୍ଠ' ସମେତ ଓଡ଼ିଆ ଔପନାସିକ କାହ୍ନୁଚରଣଙ୍କ 'ହା ଅନ୍ନ' ଓ କଥାଶିଳ୍ପୀ ନିତ୍ୟାନନ୍ଦ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ବୁଭୁକ୍ଷୁ ଓଡ଼ିଆମାନଙ୍କର କରୁଣ ଜୀବନର ଚିତ୍ର ମିଳିଥାଏ । ଦାଦନ ଖଟିବାକୁ ଲୋକ ଯାଆନ୍ତି, କିନ୍ତୁ ତାଙ୍କର ଶବ ଗ୍ରାମକୁ ଫେରେ ।

ଏହିକଥା ଶୁଣିବା ବେଳେ ମନରେ ସ୍ୱତଃ ପ୍ରଶ୍ନ ଉଠେ ରାଜ୍ୟରେ ସବୁଠାଇ ଓଡ଼ିଆ ମାନେ ଗରିବ କାହିଁକି? ପ୍ରାକୃତିକ ସମ୍ପଦଗୁଡିକର ଫାଇଦା ସ୍ଥାନୀୟ ଜନସାଧାରଣଙ୍କ କଣ ସମାନ ଭାବରେ ପାଇପାରୁ ନାହାନ୍ତି ? ରାଜ୍ୟର ୨୨% ଆଦିବାସୀ ଓ ୧୬% ଅନୁସୂଚିତ ଜାତି କ'ଣ ସମାଜର ମୁଖ୍ୟସ୍ରୋତରେ ଏଯାଏଁ ସାମିଲ ହୋଇ ପାରିନାହାନ୍ତି? ଅସରନ୍ତି ପ୍ରାକୃତିକ ସମ୍ବଳ (କୋଇଲା, ଖଣିଜ ପଦାର୍ଥ) ବାହାର ସଂସ୍ଥା ଦ୍ୱାରା ଅତିରିକ୍ତ ମାତ୍ରାରେ ଉତ୍ତୋଳନ କରାଗଲେ ମଧ୍ୟ ସ୍ଥାନୀୟ ଲୋକେ ଏଥିରୁ ବିଶେଷ ଲାଭ ପାଉନାହାନ୍ତି ? ଶିଳ୍ପ ଆନୁସଙ୍ଗିକ ଉନ୍ନୟନ ପାଣିକୁ ସ୍ଥାନୀୟ ଲୋକଙ୍କ ହିତରେ ଯେଭଳି ଭାବରେ ବ୍ୟବହାର କରାଯିବା କଥା ସେଥିରେ କିଛି ବ୍ୟତିକ୍ରମ ଦେଖାଯାଉଛି କି?

ଏକଦା ଦେଶରେ ୨୦୦୦ ମସିହା ପୂର୍ବରୁ ଓଡ଼ିଶାରେ ଦାରିଦ୍ର୍ୟ ଅତି ଉଦ୍‌ବେଗଜନକ ସ୍ଥିତିରେ ଥିଲା । ଏହି ସମୟରେ ରାଜ୍ୟରେ ଦାରିଦ୍ର୍ୟ ହାର ୪୭ ପ୍ରତିଶତ ଥିଲା ଓ ଗ୍ରାମାଞ୍ଚଳରେ ଏହା ୪୮ ପ୍ରତିଶତରୁ ସାମାନ୍ୟ ଅଧିକ ଓ ସହରାଞ୍ଚଳରେ ପ୍ରାୟ ୪୩ ପ୍ରତିଶତ ଥିଲା । ନୀତି ଆୟୋଗ ସୂତ୍ରରୁ ପ୍ରକାଶିତ ଯେ ଓଡିଶାରେ ଦାରିଦ୍ର୍ୟ ୨୦୧୫–୧୬ରେ ୨୯.୩୪% ଥିବାବେଳେ ୨୦୨୫ କୁ ଏହା ୧୫.୬୮%କୁ ହ୍ରାସ ପାଇଛି । ସମ୍ପ୍ରତି ଗ୍ରାମାଞ୍ଚଳରେ ଦାରିଦ୍ୟ ହାର ୧୭.୨୨% ଓ ସହରାଞ୍ଚଳରେ ୫ .୪୨ % । ଗତ ୧୫ ବର୍ଷ ମଧ୍ୟରେ ରାଜ୍ୟର ଏକକୋଟି ଲୋକ ବହୁବିଧ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି ।

**ରାଜ୍ୟରେ ମୁଣ୍ଡପିଛା ବାର୍ଷିକ ଆୟ ପରିମାଣ ୨୦୨୪–୨୫ ରେ ୧,୮୬,୭୬୧ ଟଙ୍କାରେ ପହଁଞ୍ଚିଛି, ଯଦିଓ ଭାରତର ହାରାହାରି ମୁଣ୍ଡପିଛା ଆୟ ୨,୧୯,୫୭୫ ଟଙ୍କା । ରାଜ୍ୟମାନଙ୍କ ମଧ୍ୟରେ ମୁଣ୍ଡପିଛା ଆୟରେ ତେଲେଙ୍ଗାନା ସବୁଠାରୁ ଆଗରେ ଓ ଓଡିଶା ଏକାଦଶ ସ୍ଥାନରେ ଅଛି । ସର୍ବନିମ୍ନ ଦାରିଦ୍ର୍ୟ ହାରରେ କେରଳମ୍ ୦.୫୫% ସହ ସବୁଠାରୁ ଆଗରେ । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ରାସ୍ତାଘାଟ, ଶିକ୍ଷା ଅନୁଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ ଓ କର୍ମଯୋଗାଣ ନିଶ୍ଚିତଭାବେ ପର୍ଯ୍ୟାପ୍ତ ନୁହେଁ । ଏପରି ଅଭାବ ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକା ନିର୍ବାହ ପାଇଁ ଯେ ଅନ୍ତରାୟ ସୃଷ୍ଟି କରୁଛି ଏଥିରେ ଦ୍ୱିମତ ନାହିଁ ।**

ରାଜ୍ୟରେ ଦାରିଦ୍ର୍ୟ ହାର କମିଥିଲେ ମଧ୍ୟ ଆଞ୍ଚଳିକ ବୈଷମ୍ୟ ଦେଖା ଦେଇଛି । ମାଲକାନଗିରି ଜିଲ୍ଲାରେ ୪୫.୦୧%, ରାୟଗଡା ଜିଲ୍ଲାରେ ୩୪.୦୩% ଓ କୋରାପୁଟ ଜିଲ୍ଲାରେ ୩୩.୫୪% ଦାରିଦ୍ର୍ୟ ଏବେବି ରହିଛି । ପୁରୀ ଜିଲ୍ଲାରେ ଏହା ମାତ୍ର ୩ .୨୫% । ରାଜ୍ୟରେ କୃଷି କ୍ଷେତ୍ରରେ ୨୭.୭୯%, ସେବା କ୍ଷେତ୍ରରେ ୨୨.୯୩% ଓ ଶିଳ୍ପ କ୍ଷେତ୍ରରେ ୨୦.୬୩% କର୍ମବଳ ନିୟୋଜିତ । ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାର ଗ୍ରାମ୍ୟ ଜୀବିକା ବିକାଶ, କେତେକ କର୍ମନିଯୁକ୍ତି ବ୍ୟବସ୍ଥା ଓ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଦୃଢୀଭୂତ କରିଛନ୍ତି ।

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ମାଧ୍ୟମରେ ଓ ମଧୁବାବୁ ପେନସନ ଯୋଜନାରେ ପେନସନ୍ ଦିଆ ଯାଉଛି । 'ମୁଖ୍ୟମନ୍ତ୍ରୀ କିଷାନ ଯୋଜନା' ଓ 'ସୁଭଦ୍ରା' ଯୋଜନାରେ ରୋଜଗାର ବୃଦ୍ଧିପାଇଁ ଅର୍ଥ ଯୋଗାଇ ଦିଆ ଯାଉଛି । ଏହା ସତ୍ତ୍ୱେ ଆଞ୍ଚଳିକ ବୈଷମ୍ୟ ଦେଖାଯିବା ବିଡ଼ମ୍ବନାର ବିଷୟ ।

ମିଳିତ ଜାତିସଂଘ (ଇଉ.ଏନ୍.) ବିଶ୍ୱର ପ୍ରତି ଦେଶ ଓ ଦେଶର ପ୍ରତି ରାଜ୍ୟ ପାଇଁ ମାନବ ବିକାଶ ରିପୋର୍ଟ ପ୍ରସ୍ତୁତ କରେ । ଏହି ରିପୋର୍ଟ ଅନୁସାରେ ୨୦୨୫–୨୬ରେ ଭାରତରେ ଗୋଆ ସବୁଠାରୁ ଆଗରେ । ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଗୋଆ ଅତି ଉଚ୍ଚ । ୨୦ ଉଚ୍ଚ, ୪ ମଧ୍ୟମ ଓ ୧୧ ରାଜ୍ୟ ନିମ୍ନ ବର୍ଗରେ ଅଛନ୍ତି । ଓଡ଼ିଶାର ମାନବବିକାଶ ସୂଚୀ ୦.୬୪୯ ସହିତ ୩୪ ସ୍ଥାନରେ ଅଛି ଓ ଏହା ପରେ ଝାଡଖଣ୍ଡ ଓ ବିହାର । ମାନବ ବିକାଶ ସୂଚନାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରଗୁଡିକର ସମ୍ମିଳିତ ମୂଲ୍ୟ ଦର୍ଶାଏ । ଏଥିରୁ ପ୍ରତୀୟମାନ ହୁଏ ଯେ ରାଜ୍ୟରେ କର୍ମନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ ପାଇଁ ଆହୁରି ବଳିଷ୍ଠ ଉଦ୍ୟମ ଆବଶ୍ୟକ ।

ଓଡ଼ିଶା ବହୁ ପରିସର ସମ୍ବନ୍ଧୀୟ ଦାରିଦ୍ର୍ୟର କଷାଘାତରୁ ଏଯାଏଁ ମୁକୁଳି ପାରୁନାହିଁ । ବହୁ ପରିସର ଯୁକ୍ତ ଦାରିଦ୍ର୍ୟ କହିଲେ କେବଳ ଆର୍ଥିକ ଅଭାବକୁ ବୁଝାଏ ନାହିଁ, ବରଂ ଜଣେ ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନଧାରଣ ମାନରେ ଅଭାବକୁ ବୁଝାଏ । ନୋବେଲ ବିଜେତା ପ୍ରଫେସର ଅମର୍ତ୍ତ୍ୟ ସେନ୍ କହିଥିଲେ ଦାରିଦ୍ର୍ୟ କେବଳ ନିମ୍ନ ଆୟ ଯୋଗୁଁ ହୋଇନଥାଏ, ବରଂ ନିଜର ହକ୍ ଅସୁଲ କରିବାରେ ବିଫଳତାକୁ ଦର୍ଶାଏ । ସେହିପରି ନୋବେଲ ବିଜେତା ପ୍ରଫେସର ଅଭିଜିତ ବାନାର୍ଜୀ ମଧ୍ୟ ପ୍ରକାଶ କରିଛନ୍ତି ଜନସାଧାରଣଙ୍କ ଜୀବନ ଧାରଣର ମୂଲ୍ୟ ଯଦି ଉନ୍ନତ ନହୁଏ ତେବେ ଦେଶର ଅଧିକ ଜିଡ଼ିପି ମୂଲ୍ୟହୀନ ହୋଇଯାଏ ।

ମନରେ ସ୍ୱାଭାବିକ ପ୍ରଶ୍ନ ଉଠେ ସତରେ କ'ଣ ଓଡ଼ିଶା ବ୍ୟାପକ ଦାରିଦ୍ୟରୁ ମୁକ୍ତ ହୋଇଛି ଓ ବହୁ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ରାଜ୍ୟରେ ଏବେବି କିଛି ସୁଭେଦ୍ୟ ଅଞ୍ଚଳ ରହିଛି ବା କେତେକ ଢାଞ୍ଚାଗତ ସଂସ୍କାରର ଅଭାବ ରହିଛି?

୧୯୯୨ ମସିହାରେ ରବର୍ଟ ଚାମ୍ବର୍ସ ଓ ଗର୍ଡନ କନୱେ ପ୍ରତିପାଳନକ୍ଷମ ଜୀବିକାକୁ ପାରିଭାଷିତ କରିଛନ୍ତି । ସେମାନଙ୍କ ମତରେ ଜୀବିକା ହେଉଛି ସାମର୍ଥ୍ୟ, ପରିସମ୍ପଦ ଓ କେତେକ କ୍ରିୟାନୁଷ୍ଠାନକୁ ନେଇ ବଞ୍ଚିବାର ମାଧ୍ୟମ । ଏହା ସେତିକିବେଳେ ପ୍ରତିପୋଷଣକ୍ଷମ ହେବ ଯେତିକିବେଳେ ଏହା ଆଘାତ ଓ ଝଟକାରୁ ମୁକୁଳିବା ସହିତ ସାମର୍ଥ୍ୟ ଓ ପରିସମ୍ପଦକୁ ବୃଦ୍ଧିକରି ପର ପିଢ଼ିପାଇଁ ରଖିବ, ଯେପରି ସେମାନେ ନିଜର ଜୀବିକାର୍ଜନ କରିପାରିବେ । ଏହି ପ୍ରତିପୋଷଣକ୍ଷମ ଜୀବିକା ପାଇଁ ଆବଶ୍ୟକ ମାନବୀୟ ସାମର୍ଥ୍ୟ ଓ ଅର୍ଥନୈତିକ କାର୍ଯ୍ୟାନୁଷ୍ଠାନ ।

ଜୀବିକା ନିର୍ବାହକୁ ପ୍ରତିପୋଷଣକ୍ଷମ କଲାବେଳେ ଦେଖିବାକୁ ହେବ ଯେପରି ପ୍ରାକୃତିକ ସମ୍ବଳଗୁଡିକ ସୁରକ୍ଷିତ ରହେ । ଦାରିଦ୍ର୍ୟର ଅନ୍ତଃଦୃଷ୍ଟି ତିନିପ୍ରକାର ମାର୍ଗ ଚିହ୍ନଟ କରେ । ପ୍ରଥମରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅର୍ଥନୈତିକ ପ୍ରଗତି ଆବଶ୍ୟକ ଯେଉଁଥିରେ ଗରିବମାନଙ୍କ ସାମର୍ଥ୍ୟ ବିକାଶ ଦ୍ୱାରା ଅର୍ଥନୈତିକ ସୁଯୋଗ ହାସଲ କରିହେବ । ଦ୍ୱିତୀୟରେ ଦାରିଦ୍ର୍ୟ କେବଳ ନିମ୍ନ ଆୟ ଯୋଗୁଁ ହେବନାହିଁ, ବରଂ ଏହାର ପରିସର ମଧ୍ୟରେ ଦୁର୍ବଳ ସ୍ୱାସ୍ଥ୍ୟ, ଅସାକ୍ଷରତା, ଶକ୍ତିହୀନତା, ଅସହାୟତା, ଦୁର୍ବଳତା ଓ ସାମାଜିକ ସେବା ନିବୃତ୍ତ ଆସୁଛି । ଶେଷରେ ଏହା ସତ୍ୟ ଯେ ସ୍ଥାନୀୟ ଲୋକଙ୍କର ସମସ୍ୟା ଅନୁଶୀଳନ ଓ ଆବଶ୍ୟକତାକୁ ଅଗ୍ରାଧିକାର ଦେବା ପାଇଁ ମୂଲ୍ୟବାନ୍ ଅନ୍ତଃଦୃଷ୍ଟିର ଆବଶ୍ୟକତା ରହିଛି ।

ବହୁବିଧ ଦାରିଦ୍ୟ ଦୂରୀକରଣ ପାଇଁ ଲୋକଙ୍କ ହାତକୁ ଆର୍ଥିକ ଅନୁଦାନ, ଉନ୍ନତ ଶିକ୍ଷା,ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଏବଂ କୌଶଳ ଆଧାରିତ ସଶକ୍ତିକରଣ ଆବଶ୍ୟକ । ଗ୍ରାମାଞ୍ଚଳରେ ଜୀବିକା ନିର୍ବାହ ପନ୍ଥାଗୁଡିକର ବିବିଧିକରଣ ସ୍ୱରୂପ କୁଟୀର ଶିଳ୍ପ, ମତ୍ସ୍ୟ ଓ ପ୍ରାଣୀପାଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଦାରିଦ୍ର୍ୟ ନିରାକରଣ ପାଇଁ କେବିକେ ଜିଲ୍ଲାଗୁଡିକରେ ଖାଦ୍ୟ ପ୍ରକ୍ରିୟାକରଣ, ଶିଳ୍ପ ଚଟାଣ ସ୍ଥାପନ କରି କର୍ମନିଯୁକ୍ତି ପାଇଁ କୌଶଳ ବିକାଶ, ଆଦିବାସୀ ଅଞ୍ଚଳରେ କୃଷି ଉଦ୍ୟୋଗ ସ୍ଥାପନ, ବୃହତ ଶିଳ୍ପ ଅପେକ୍ଷା କୁଟୀର ଶିଳ୍ପ, ମଧ୍ୟମ ଏବଂ କ୍ଷୁଦ୍ରଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।

କେରଳମ୍ , ଗୋଆ ଓ ହିମାଚଳ ପ୍ରଦେଶ ପରି ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ କରାଗଲେ ଗ୍ରାମାଞ୍ଚଳ ଲୋକଙ୍କ ଜୀବିକାରେ ଉନ୍ନତି ଆସିପାରିବ । ରାଜ୍ୟର ସବୁଜ ଓ ନୀଳ ଅର୍ଥନୀତି ସୁଦୃଢ ହେଲେ ସହଜରେ ଲୋକମାନଙ୍କ କର୍ମନିଯୁକ୍ତି ଓ ରୋଜଗାର ବୃଦ୍ଧି ପାଇବ । ଆଞ୍ଚଳିକ ବୈଷମ୍ୟ ଦୂରୀଭୂତ କରିବାପାଇଁ କେବିକେ ଯୋଜନା, ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠିତ ହୋଇ ବହୁ ବ୍ୟୟବରାଦ ହୋଇଛି । ନିକଟରେ ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରିଥିଲେ ଏହାର ଚୂଡାନ୍ତ ରୂପରେଖ ବାକି ଅଛି । ଠିକଣା ବାଟରେ ଏଗୁଡିକ କାର୍ଯ୍ୟ କଲେ ହୁଏତ କିଛି ସୁଫଳ ମିଳିପାରେ । କେତେକ ମତବ୍ୟକ୍ତ କରନ୍ତି ଦାରିଦ୍ୟ ଓ ଖୁସି ଏକ ମାନସିକ ଅବସ୍ଥା । ଏଣୁ ଦାରିଦ୍ର୍ୟ ଯୋଗୁଁ ଭାଙ୍ଗି ନପଡି ପୁଞ୍ଜିକୁ ଗୋଟାଇ କଠିନ ପରିଶ୍ରମ କରିବା ଆବଶ୍ୟକ । ଲୋକଙ୍କର ଜୀବିକା ନିର୍ବାହକୁ ଚିରସ୍ଥାୟୀ କରିବାକୁ ହେଲେ ଲକ୍ଷ୍ୟବର୍ଗଙ୍କ ପ୍ରାକୃତିକ, ଭୌତିକ, ଆର୍ଥିକ, ମାନବୀୟ ଓ ସାମାଜିକ ସମ୍ବଳଗୁଡିକର ଦୃଢୀକରଣ ସହିତ ସାମର୍ଥ୍ୟ ବିକାଶ ଜରୁରୀ । ସାମାଜିକ ଅର୍ଥନୈତିକ ଦୃଷ୍ଟିରୁ ଅଧିକ ବିତ୍ତଶାଳୀ ଓ ଅଭାବଗ୍ରସ୍ତ ଅଞ୍ଚଳ ମଧ୍ୟରେ ଥିବା ତାରତମ୍ୟଗୁଡିକ ଦୂରୀଭୂତ ହେବା ଆବଶ୍ୟକ । ଏଥିପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିଖୁବ୍ ଜରୁରୀ ।

**କଳିଙ୍ଗନଗର,ଭୁବନେଶ୍ୱର,**
**ମୋ–୯୪୩୭୦୭୧୧୯୦**

# ଗୁଣପୁର ଅଞ୍ଚଳର ବିସ୍ମୃତ ସଂଗ୍ରାମୀ ଶାଣ୍ଡି (୨)



**ଡକ୍ଟର ବାସନ୍ତୀ ମହାନ୍ତି**

ଶାଣ୍ଡୀ ପ୍ରଥମେ ଶାଣ୍ଡୀ ଗମାଙ୍ଗ ରୂପେ ପରିଚିତ ଥିଲେ । କିନ୍ତୁ ମଧୁ ଶବର ନାମକ ଜଣେ ଶିକ୍ଷକଙ୍କୁ ବିବାହ କରିବା ପରେ ଶାଣ୍ଡି ଗମାଙ୍ଗ ରୂପେ ପରିଚିତ ହୋଇଥିଲେ । ଶାଣ୍ଡିଙ୍କର ଶରୀର ଅନେକାଂଶରେ ପୁରୁଷଙ୍କ ପରି ଖୁବ୍ ବଳିଷ୍ଠ, ଶକ୍ତିଶାଳୀ ଓ ଦୀର୍ଘ ଥିଲା । ସେ ଥିଲେ ଖୁବ୍ ସାହସିନୀ । ତାଙ୍କର ବ୍ୟକ୍ତିତ୍ୱରେ ଏକ ସମ୍ମୋହନୀ ଶକ୍ତି ଥିଲା । ମା' ରମାଦେବୀଙ୍କ ସଂସ୍ପର୍ଶରେ ଆସି ତାହା ଆହୁରି ଶାଣିତ ହୋଇଗଲା । ସେ ଆହ୍ୱାନ କଲା ମାତ୍ରକେ ଶହ ଶହ ମହିଳା ଏକତ୍ର ହୋଇଯାଉଥିଲେ ।

ମହାତ୍ମା ଗାନ୍ଧିଙ୍କର ଆହ୍ୱାନ ଥିଲା, ଯେତେଦିନ ପର୍ଯ୍ୟନ୍ତ ସମାଜର ଗୋଟିଏ ପକ୍ଷ ନିଷ୍କ୍ରିୟ ଥିବ ସେ ପର୍ଯ୍ୟନ୍ତ ଭାରତର ସ୍ୱାଧୀନତା ପାଇବା ବିଳମ୍ବ ହେବ । ତେଣୁ ଏହି ମହିଳାମାନଙ୍କୁ କିପରି ସ୍ୱାଧୀନତା ସଂଗ୍ରାମରେ ସାମିଲ କରାଯିବ ସେଥିପାଇଁ ସେ ଖୁବ୍ ତତ୍ପର ଥିଲେ । ବିଶ୍ୱନାଥ ପଟ୍ଟନାୟକଙ୍କ ମାଧ୍ୟମରେ ଏ ବାର୍ତ୍ତା ମଧ୍ୟ ବନ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳକୁ ପହଞ୍ଚିଗଲା । ଶାଣ୍ଡି ନିଜେ ତେଜିଲା ଓ ଆହୁରି ଅନେକ ମହିଳାଙ୍କୁ ଏହି ଆନ୍ଦୋଳନରେ ପ୍ରମୁଖ ଭୂମିକା ଦେଲା । ସେତେବେଳେ କଂଗ୍ରେସ ସଭାମାନଙ୍କୁ ଶହ ଶହ ସଂଖ୍ୟାରେ ମହିଳାଙ୍କୁ ଆଣିପାରିବାର ଦକ୍ଷତା ଶାଣ୍ଡି ଶବରଙ୍କର ଥିଲା । ଶୁଦ୍ଧ ଓଡ଼ିଆ କହିପାରୁଥିଲେ, ତାଙ୍କ ପିତା ଥିଲେ ବାଇରୁ ଗମାଙ୍ଗ । ବରୀ ଆଶ୍ରମରେ ତାଲିମ ନେଉଥିବାବେଳେ ଗୋପବନ୍ଧୁ ଚୌଧୁରୀ ତାଙ୍କ ନାମ ଦେଇଥିଲେ ଶାନ୍ତି / ସେ ବରୀ ଆଶ୍ରମରୁ କୁଜେନ୍ଦ୍ରି ଫେରିଥିଲେ ଜଣେ ନୂଆ ମଣିଷ ହୋଇ । ପାରମ୍ପରିକ ଶାଢ଼ି ବଦଳରେ ସେ ମହିଳା ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁପରି ଥାନ ଶାଢ଼ୀ ପିନ୍ଧୁଥିଲେ ସେହି ଶାଢ଼ୀ ଓ ଖଣ୍ଡେ ଶତରଞ୍ଜି ଧରି ଫେରିଥିଲେ । ଏ ଅଞ୍ଚଳର ପ୍ରଥମ କଂଗ୍ରେସ କର୍ମୀର ପ୍ରଚାରିକା ରୂପେ ସେ କାର୍ଯ୍ୟ ଆରମ୍ଭ କରିଥିଲେ ।

ଏଠି ପ୍ରସଙ୍ଗ କ୍ରମେ କୁହାଯାଇପାରେ, ଏ ଅଞ୍ଚଳରେ ମହିଳାମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବା ପରେ ବିଶ୍ୱନାଥ ପଟ୍ଟନାୟକ ପ୍ରଥମେ ସେମାନଙ୍କୁ ଭଲ ଭାବରେ ନିଜ ହାତରେ ଶାଢ଼ି ପିନ୍ଧା ଶିଖାଇଲେ । ସେମାନେ କୌପୁନୀ ପିନ୍ଧୁଥିଲେ ଓ ଉପରାର୍ଦ୍ଧରେ ଖଣ୍ଡେ ବେହରଣ ଘୋଡ଼ାଇ ହେଉଥିଲେ । ସ୍ୱାଧୀନତା ସଂଗ୍ରାମରେ ମିଶିଲେ ମହିଳାମାନଙ୍କୁ କାରାବରଣ କରିବା ପାଇଁ ପଡ଼ିପାରେ, ତେଣୁ ଦୂରଦୃଷ୍ଟି ସଂପନ୍ନ ବିଶ୍ୱନାଥ ପଟ୍ଟନାୟକଙ୍କ ଏହି ଉଦ୍ୟମ ଶାଣ୍ଡିଙ୍କ ପାଖରୁ ଆରମ୍ଭ କରିଥିଲେ ।

କୁଜେନ୍ଦ୍ରୀ ଅଞ୍ଚଳରେ ମହିଳାମାନଙ୍କୁ ସାମିଲ୍ କରିବା ପାଇଁ କୁଜେନ୍ଦ୍ରୀ ଗାଁର ମଝି ଦାଣ୍ଡରେ ୨୦ ଫୁଟ୍ ଉଚ୍ଚର ଏକ ବାଉଁଶ ଦଣ୍ଡରେ ଅରଟ ଚିହ୍ନିତ ପତାକା ଉଡୁଥିଲା । ଗାଁର ପିଲା ଓ ସ୍ତ୍ରୀ ଲୋକମାନେ ଏହି ପତାକା ସମ୍ମୁଖରେ ବୃତ୍ତାକାରରେ ଠିଆହୋଇ ପତାକା ଗୀତ ଗାନ କରନ୍ତି । ରଘୁପତି ରାଘବ ରାଜା ରାମ ଗୀତ ଗାଆନ୍ତି । ମହାତ୍ମା ଗାନ୍ଧିଙ୍କର ଜୟଗାନ କରନ୍ତି । ଭାରତ ମାତାର ଜୟଗାନ କରନ୍ତି । ସେ ସମୟରେ କଂଗ୍ରେସର ପ୍ରତୀକ ଥିଲା ଅରଟ ଚିହ୍ନ ସୂଚିତ ତ୍ରିରଙ୍ଗୀ ପତାକା । ଏହାକୁ ହାତରେ ଧରି ମହିଳାମାନଙ୍କ ଭିତରେ ଦେଶପ୍ରେମ ଓ ବିପ୍ଳବର ବାର୍ତ୍ତା ପ୍ରଚାର କରୁଥିଲେ ଶାଣ୍ଡି ।

କୁଜେନ୍ଦ୍ରୀ ଗାଁ ଦାଣ୍ଡରେ ପ୍ରତିଦିନ ପତାକା ଉତ୍ତୋଳନ ସମ୍ବାଦ କଲେକ୍ଟରଙ୍କ କାନରେ ପଡ଼ିଲା । କଲେକ୍ଟର ଥିଲେ ବେଲ୍ ସାହେବ। (ୱିଲ୍‌କକ୍) ସେ ନିଜେ ଆସି ଏହାକୁ ଉଚ୍ଛେଦ କରିବାକୁ ଚାହିଁଲେ । ୧୯୪୨ ମସିହା ସେପ୍ଟେମ୍ବର ମାସରେ ବେଲ୍ ସାହେବ ବାମୁଣି ଗାଁ ଆସିଲେ । ଗମନା ଗମନ ସୁବିଧା ନଥିବାରୁ ଖାଲିପାଦରେ ଚାଲିଚାଲି ବାମୁଣି ଗାଁରୁ କୁଜେନ୍ଦ୍ରୀ ଆସିଲେ । ସେତେବେଳକୁ ଏ ଖବର ଗାଁ ସାରା ବ୍ୟାପି ସାରିଲାଣି । କଲେକ୍ଟର ଏହି ପତାକାକୁ ଅତିଶୀଘ୍ର ଓହ୍ଲେଇ ଦିଅ ବୋଲି ଆଦେଶ ଦେଲେ । ତାଙ୍କ ଆଦେଶ କର୍ଯ୍ୟକାରୀ ହେବା ପୂର୍ବରୁ ଗାଁର ପନ୍ଦର କୋଡ଼ିଏ ଜଣ ମହିଳା ଓ ପିଲାଛୁଆ ଶାଣ୍ଡିଙ୍କ ନେତୃତ୍ୱରେ ପତାକା ଚାରିପଟେ ବୃତ୍ତାକାରରେ ଠିଆ ହୋଇ ପତାକା ଗୀତ ଗାଇଲେ । ପତାକାର ଜୟଧ୍ୱନି ଦେଲେ ଓ ମହାତ୍ମା ଗାନ୍ଧି କି ଜୟ କରି ସେମାନଙ୍କ ରାସ୍ତା ଓଗାଳି ଠିଆ ହେଲେ। କଲେକ୍ଟର ମୁଗ୍ଧ ହୋଇ ଦେଖୁଥିଲେ । ସେ ଜନଜାତି ମହିଳାମାନଙ୍କର ଏତାଦୃଶ ସାହସ, ବୀରତ୍ୱ ଓ ଦେଶପ୍ରେମ ନିକଟରେ ହାରମାନି ଫେରି ଯାଇଥିଲେ ।

ଶାଣ୍ଡି ନେତୃତ୍ୱରେ ଏହି ମହିଳାମାନେ ପୁଣି ଥରେ ଏକ ଐତିହାସିକ କାର୍ଯ୍ୟ କରିଥିଲେ । ମାନବ ଶୃଙ୍ଖଳ କରି ପ୍ରତିବାଦ କରିବା କଥା ଆମେ ଏବେ ବିଶ୍ୱ ପରିପ୍ରେକ୍ଷୀରେ ସମ୍ବାଦମାନ ଦେଖୁଛୁ । ଏହି ପ୍ରକ୍ରିୟା ସହ ସଂପୂର୍ଣ୍ଣ ଅନଭିଜ୍ଞ ଥାଇ ଆଦିବାସୀ ଗାଁର ଅଶିକ୍ଷିତ ଅନଭିଜ୍ଞ ନଅଜଣ କିଶୋରୀ ଏମିତି ମାନବ ଶୃଙ୍ଖଳ କରି କୁଜେନ୍ଦ୍ରି ଠାରୁ ଚାଲି ଚାଲି ଗୁଣୁପୁର ଜେଲ ପର୍ଯ୍ୟନ୍ତ ଯାଇଥିଲେ । ୧୯୪୨ ମସିହାରେ ମହାତ୍ମା ଗାନ୍ଧିଙ୍କ 'କର ଅବା ମର' ଆନ୍ଦୋଳନ ସମୟର କଥା। ଦୁଇଶହ ପୁରୁଷଙ୍କୁ ଶୋଭାଯାତ୍ରାରେ ଧରି ବିଶ୍ୱନାଥ ପଟ୍ଟନାୟକ, ବାଇରୁ ଗମାଙ୍ଗ ଓ ନୀଳକଣ୍ଠ ଗମାଙ୍ଗ ଗୁଣୁପୁର ଥାନା ଘେରାଉ କରିଥିଲେ। ଶାଣ୍ଡି ମଧ୍ୟ ୫୦ ଜଣ ମହିଳାଙ୍କୁ ଧରି ସେମାନଙ୍କ ସହ ସାମିଲ ଥିଲେ। ବିଶ୍ୱନାଥ ପଟ୍ଟନାୟକ ବାଇରୁ ଗମାଙ୍ଗ ଓ ନୀଳକଣ୍ଠ ଗମାଙ୍ଗ ଗିରଫ ହୋଇଥିଲେ । ଶାଣ୍ଡିକୁ ମଧ୍ୟ ଥାନାରେ କିଛି ସମୟ ରଖି ଛାଡ଼ି ଦେଇଥିଲେ। ସେ ଫେରି ଆସଥିଲେ କୁଜେନ୍ଦ୍ରୀ । କୁଜେନ୍ଦ୍ରୀରୁ ପ୍ରାୟ ଆଠ ନଅଜଣ ଯୁବତୀଙ୍କୁ ଏକତ୍ର କରି ହାତକୁ ହାତ ଛନ୍ଦି ମାନବ ଶୃଙ୍ଖଳରେ କୁଜେନ୍ଦ୍ରୀ ଠାରୁ ଯାଇ ଥାନାରେ ବାପା, ଭାଇ ଓ ବିଶ୍ୱନାଥ ଆଜ୍ଞାଙ୍କର ଗିରଫଦାରୀକୁ ପ୍ରତିବାଦ କରିଥିଲେ । ସେମାନଙ୍କୁ ମୁକ୍ତ କରିବାକୁ ଦାବି କରିଥିଲେ । କିନ୍ତୁ ଇଂରେଜମାନେ ସେମାନଙ୍କ ବିକ୍ଷୋଭକୁ କର୍ଣ୍ଣପାତ ନ କରି ବରଂ ପୁଣି ଥରେ ସେମାନଙ୍କୁ ହାଜତ୍‌ରେ ରଖି ଛାଡ଼ି ଦେଇଥିଲେ । ଶାଣ୍ଡିଙ୍କୁ ଯେଉଁ କିଶୋରୀମାନେ ସହାୟତା କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଲକ୍ଷ୍ମୀ ଶବର, ଚମ୍ପା ଶବର, ସୀତା ଗମାଙ୍ଗ ଜାଡ଼ି ଶବର ଇତ୍ୟାଦି । ସେ ସମୟରେ ଶାଣ୍ଡିଙ୍କର ଏହି ଅଭିନବ ପ୍ରତିବାଦ ରାଜ୍ୟବ୍ୟାପୀ ଚର୍ଚ୍ଚା ହୋଇଥିଲା । ଏବେ ମଧ୍ୟ ଓଡ଼ିଶାରେ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ କଥା ଉଠିଲେ ଶାଣ୍ଡିଙ୍କର ଏହି ଅଭିନବ ପ୍ରତିବାଦ କଥା ସ୍ମରଣକୁ ଆସେ ।

୧୯୪୭ ମସିହାରୁ ୪୫ ମସିହା ପର୍ଯ୍ୟନ୍ତ ବିଶ୍ୱନାଥ ପଟ୍ଟନାୟକ କାରାବରଣ କରିଥିଲେ । ତାଙ୍କ ସହ ବାଇରୁ ଗମାଙ୍ଗ ଓ ନୀଳକଣ୍ଠ ଗମାଙ୍ଗ ମଧ୍ୟ କାରାବରଣ କରିଥିଲେ । ସେବେଳେ ସଂଗ୍ରାମର ଦାୟିତ୍ୱ ନେଇଥିଲେ ଶାଣ୍ଡି । ପ୍ରତିଦିନ ଗାଁ ମଝିରେ ପତାକା ତଳେ ପତକା ଗୀତ ଗାଇବା ଗାଁ ଗାଁ ବୁଲି ଗାନ୍ଧି ବାଣୀ ପ୍ରଚାର କରିବା କାର୍ଯ୍ୟ ଅବ୍ୟାହତ ରଖିଥିଲେ ।

୨୫ଟି ଗାଁର ସ୍ତ୍ରୀ ଲୋକଙ୍କୁ ଏକଜୁଟ କରି ସେମାନଙ୍କୁ ଅରଟରେ ସୂତା କଟାଇବା ଶିଖାଉଥିଲେ । ସେତେବେଳେ ୧୫୦୦ ଅରଟ ସେ ଅଞ୍ଚଳରେ ନିୟମିତ ଚାଲୁଥିଲା । ସ୍ତ୍ରୀ ପୁରୁଷ ସଂଗଠିତ ହୋଇଥିଲେ । ମହାତ୍ମା ଗାନ୍ଧିଙ୍କ ରଚନାତ୍ମକ କାର୍ଯ୍ୟକୁ ଗାଁରେ ବଞ୍ଚାଇ ରଖିଥିଲା। ସୌରା ସମାଜରେ ବାଳିକାମାନେ ଖୁବ୍ ସାନବେଳୁ ବିବାହ କରୁଥିଲେ ସୁଦ୍ଧା ୧୯୪୫ ମସିହା ପର୍ଯ୍ୟନ୍ତ ସେ ବିବାହ କରି ନଥିଲେ । ଦେଶ ସ୍ୱାଧୀନ ନ ହେବା ପର୍ଯ୍ୟନ୍ତ ସେ ବିବାହ କରିବେ ନାହିଁ ବୋଲି ଅଡ଼ି ବସିଥିଲେ । ଶେଷରେ ଶାଣ୍ଡି ସ୍ୱାଧୀନତା ସଂଗ୍ରାମୀ ପ୍ରହଲ୍ଲାଦ ପାଣିଗ୍ରାହୀ, ବିଶ୍ୱନାଥ ପଟ୍ଟନାୟକ ଓ ଅନ୍ୟ ଗୁରୁଜନଙ୍କ ଚାପରେ ମୁଣ୍ଡ ନୁଆଁଇଲେ । ନବରଙ୍ଗପୁରରେ ଚାକିରି କରୁଥିବା ଖିଲିପଦର ଗାଁର ମଧୁ ଶବରକୁ ବିବାହ କଲେ । ଦେଶ ସ୍ୱାଧୀନ ହେବାପରେ ମଧୁ ଶବର ଚାକିରି ଛାଡ଼ି ରାଜ୍ୟ ବିଧାନ ସଭ୍ୟ ସଦସ୍ୟ ପାଇଁ ନିର୍ବାଚନ ଲଢ଼ିଥିଲେ । କିନ୍ତୁ ସଫଳ ହୋଇ ପାରିନଥିଲେ । ପରେ ସେ କୁଜେନ୍ଦ୍ରୀ ଫେରିଆସି ଶିକ୍ଷକତା କରିଥିଲେ ।

ଶାଣ୍ଡି କିନ୍ତୁ ଅଳ୍ପାୟୁ ନେଇ ଆସିଥିଲେ । ପ୍ରଥମ ପୁତ୍ର ସେ ନବରଙ୍ଗପୁରରେ ଥିଲାବେଳେ ଜନ୍ମ ହୋଇଥିଲା । ଦ୍ୱିତୀୟପୁତ୍ର ନନ୍ଦନର ଜନ୍ମ ସମୟରେ ଅତିଶୟ ରକ୍ତସ୍ରାବ ହେତୁ ଶାଣ୍ଡି ମୃତ୍ୟୁ ବରଣ କରିଥିଲେ । ତାହାଥିଲା ୧୯୫୪ ମସିହା ନଭେମ୍ବର ୨୮ ତାରିଖ । ମାତ୍ର ସାତବର୍ଷର ବୈବାହିକ ଜୀବନ ସେ ବଞ୍ଚିଥିଲେ । ତାଙ୍କୁ ସେତେବେଳେ ୩୩ ବର୍ଷ ।

ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କର ତ୍ୟାଗ ଓ କର୍ତ୍ତବ୍ୟ ପାଇଁ ସେ ମା' ରମାଦେବୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ ଓ ଆଚାର୍ଯ୍ୟ ହରିହର ପ୍ରଭୃତି ତୁଙ୍ଗ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଜନଜାତିଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମ ପାଇଁ ଯେଉଁମାନେ ନିଜକୁ ଉତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରେ ବହୁଚର୍ଚ୍ଚିତ ହୋଇ ରହିଥିଲେ ଶାଣ୍ଡି ଶବର । ଶାଣ୍ଡି ଶବରଙ୍କ ଆଉ ଜଣେ ବାନ୍ଧବୀ ଥିଲେ ଲକ୍ଷ୍ମୀ ସଉରା । ସେ ମଧ୍ୟ ଅତ୍ୟନ୍ତ ନିର୍ଭୀକା ଓ ସାହସିନୀ ଥିଲେ । ସେ କଂଗ୍ରେସ କର୍ମୀମାନଙ୍କ ସହ ଯୋଗାଯୋଗରେ ରହି ଚିଠି ଓ ପାମ୍ପଲେଟ୍ ବାଣ୍ଟିବା ଓ ଅନ୍ୟ କୌଣସି ଗୁପ୍ତ ତଥ୍ୟ ଦେବା ନେବା ପରି କାର୍ଯ୍ୟ କରୁଥିଲେ । ଗୁଣୁପୁରଠାରୁ ସ୍ୱାଧୀନତା ସଂଗ୍ରାମର ପେଣ୍ଠସ୍ଥଳ ଜୟପୁର ପର୍ଯ୍ୟନ୍ତ ତାଙ୍କର ଏହି କାର୍ଯ୍ୟକଳାପର ସୀମା ଥିଲା । ସେ ଏତେ ସତର୍କ ଓ ବୁଦ୍ଧିମତାର ସହ କାର୍ଯ୍ୟ କରୁଥିଲେ ଯେ ପୋଲିସ୍ କେବେ ବି ଏହାର ଟେର୍ ପାଇ ନ ଥିଲେ କି ଆଦୌ ତାଙ୍କୁ ଗିରିଫ କରିପାରି ନ ଥଲା । ସଦାଶିବ ତ୍ରିପାଠୀ, ରାଧାକୃଷ୍ଣ ବିଶ୍ୱାସରାୟ ଓ ରାଧାମୋହନ ସାହୁଙ୍କର ସେ ଅତି ବିଶ୍ୱସ୍ତ ଥିଲେ। ଅନେକ ଦୁସାଧ୍ୟ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ଭବ ହୋଇଥିଲା ।

ଏହିପରି ସମୟ ଓ ସାମର୍ଥ୍ୟ ଦେଇ ଯେଉଁମାନେ ସ୍ୱାଧୀନତା ସଂଗ୍ରାମକୁ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚାଇଥିଲେ, ସେମାନେ ସମସ୍ତେ ଆମର ନମସ୍ୟ। ସେମାନଙ୍କ ତ୍ୟାଗପୂତ ଜୀବନର ଗାଥା ଆସନ୍ତା ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେଉ । ବିସ୍ମୃତ ଶାଣ୍ଡି ଶବରଙ୍କ ନୀତି ଓ ଆଦର୍ଶ ଆମକୁ ଅନୁପ୍ରାଣୀତ କରୁ ।

**୨୧୩ ସି–ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,**
**ଲକ୍ଷ୍ମୀସାଗର, ଭୁବନେଶ୍ୱର–୭୫୧୦୦୬**
**ମୋ–୯୪୩୭୦୩୩୦୭୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪୦୦ ରୋଗୀ...

ଉପରେ ବର୍ବରୋଚିତ ଓ ଅବିବେକି ଆକ୍ରମଣ କରାଯାଇଛି । ପାକିସ୍ତାନ ଓ ତାଲିବାନ ଶାସନାଧୀନ ଆଫଗାନସ୍ତାନ ମଧ୍ୟରେ ଏବେ ବିବାଦ ତୀବ୍ର ହୋଇଛି । କାବୁଲର ତାଲିବାନ ପ୍ରଶାସନ ଏହି ଆକ୍ରମଣକୁ ନିନ୍ଦା କରିବା ସହ ଆଫଗାନିସ୍ତାନର ବାୟୁ ସୀମାକୁ ଉଲ୍ଲଙ୍ଘନ କରି ଏହି ଆକ୍ରମଣ କରାଯାଇଛି ବୋଲି ବର୍ଣ୍ଣନା କରିଛି । ଡାକ୍ତରଖାନାରେ ୪୦୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଥିଲେ । ପାକିସ୍ତାନ ଆଫଗାନିସ୍ତାନର ଶାନ୍ତି ଓ ସ୍ଥିରତାକୁ ଭଙ୍ଗ କରିବାକୁ ଉଦ୍ୟମ କରୁଛି । ଏହା ପ୍ରତିଫଳିତ କରୁଛି ଯେ ପାକିସ୍ତାନର ଏଭଳି ଆଚରଣ ଏବଂ ତାଙ୍କର ଆଭ୍ୟନ୍ତରୀଣ ବିଫଳତା ବୃଦ୍ଧି ପାଉଥିବାରୁ ସୀମାରେ ସେମାନେ ହିଂସା ଘଟାଉଛନ୍ତି ବୋଲି ରଣଧୀର ଜୟଶ୍ୱାଲ କହିଛନ୍ତି । ଯେଉଁ ହସ୍ପିଟାଲ ଉପରେ ଆକ୍ରମଣ କରାଯାଇଥିଲା ତାହା ପୂର୍ବରୁ ଆମେରିକାର ସେନା ଘାଟି ଥିଲା । ପରେ ଏହାକୁ ନିଶା ନିବାରଣ ଚିକିତ୍ସା କେନ୍ଦ୍ରକୁ ରୂପାନ୍ତରିତ କରାଯାଇଥିଲା । ଆଫଗାନିସ୍ତାନର ନିଶା ସେବନକାରୀଙ୍କୁ ଚିକିତ୍ସା ପାଇଁ ଏହି କେନ୍ଦ୍ର ଖୋଲାଯାଇଥିଲା । ଏହି ଆମେରିକୀୟ ଘାଟିକୁ ଆଫଗାନିସ୍ତାନର ତାଲିବାନ ପ୍ରଶାସନ ନେବାପରେ ଏହାକୁ ହସ୍ପିଟାଲକୁ ରୂପାନ୍ତରିତ କରିଥିଲେ । ଆଫଗାନିସ୍ତାନ ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନର ବାୟୁସେନା ଲଗାତର ଦୁଇଦିନ ଧରି ବିଭିନ୍ନ ଅଞ୍ଚଳରେ ବୋମା ମାଡ କରୁଛି । ଏପରିକି ଜନବସତି ଆଡକୁ ମଧ୍ୟ ଟାର୍ଗେଟ କରାଯାଉଛି । ଜଲାଲାବାଗ୍ ବିମାନ ବନ୍ଦରରେ ମଧ୍ୟ ଆକ୍ରମଣ କରାଯାଇଥିବା ତାଲିବାନ ପ୍ରଶାସନର ମୁଖପାତ୍ର ଜବିହୁଲ୍ଲା ମୁଜାହିର କହିଛନ୍ତି । ଏହି ଘଟଣା ସମ୍ପର୍କରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି ଯେ ଏହାକୁ ଆମେ ନିନ୍ଦା କରୁଛି । ଏହା ଏକ ଭୀରୁତାର ପରିଚୟ ।

## ଇରାନ...

କରିବା ଆମର ଲକ୍ଷ୍ୟ ନୁହେଁ । ଇସ୍ରାଏଲ ଇରାନର ନେତୃତ୍ୱକୁ ଟାର୍ଗେଟ କରିଚାଲିଛି । ଏହାର ସୁପ୍ରିମ୍ ଲିଡର ଅଲ୍ଲି ଖାମନେଇଙ୍କୁ ଟାର୍ଗେଟ କରାଯାଇଥିଲା । ଭାରତର ସ୍ଥିତି ନେଇ ଆଝାର କହିଥିଲେ ଯେ ଜାତୀୟ ସ୍ୱାର୍ଥ ନେଇ ସେମାନେ କାର୍ଯ୍ୟ କରୁଛନ୍ତି । ଭାରତର ଏହି ନୀରପେକ୍ଷତା ଆଚରଣକୁ ସେ ପ୍ରଶଂସା କରିଛନ୍ତି । କେତେଦିନ ଯୁଦ୍ଧ ଚାଲିବ ସେ ସମ୍ପର୍କରେ ଆଝାର କହିଛନ୍ତି ଯେ ଇରାନ ଯେତେଦିନ ପର୍ଯ୍ୟନ୍ତ ଆକ୍ରମଣ ଜାରି ରଖିଥିବ ସେତେଦିନ ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ ।

## ବିରୋଧୀଙ୍କ...

ଜଣ ମୂଲ୍ୟବାନ ଜୀବନ ଯାଇଛି । ଏମାନେ ରୋଗୀ ଥିଲେ, ଯେଉଁମାନେ ସୁସ୍ଥ ହେବାର ଆଶା ନେଇ ହସ୍ପିଟାଲକୁ ଆସିଥିଲେ । କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ଏକ ଭୟଙ୍କର ମୃତ୍ୟୁ ଘଟିଥିଲା । ଶୋକସନ୍ତପ୍ତ ପରିବାର ପ୍ରତି ମୋର ଗଭୀର ସମବେଦନା ଅଛି ।

ପରିବାରମାନେ ଶୋକ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତଦନ୍ତ ଆଳରେ ଲୁଚି ରହିପାରିବ ନାହିଁ । ଏକ ନ୍ୟାୟିକ ତଦନ୍ତ ସ୍ୱାଗତଯୋଗ୍ୟ, କିନ୍ତୁ ଏହା ରାଜନୈତିକ ନେତୃତ୍ୱକୁ ଏହାର ଦାୟିତ୍ୱରୁ ମୁକ୍ତ କରେ ନାହିଁ । ତେଣୁ, ମୁଁ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଦାବି କରୁଛି । ସୁରକ୍ଷା ତଦାରଖରେ ଏହି ଭୟଙ୍କର ତ୍ରୁଟି ପାଇଁ ତାଙ୍କୁ ନୈତିକ ଦାୟିତ୍ୱ ନେବାକୁ ପଡିବ । ଏହା ବ୍ୟତୀତ ବର୍ତ୍ତମାନ ଘୋଷଣା କରାଯାଇଥିବା ଅନୁକମ୍ପା ଅନୁପଯୁକ୍ତ । ପ୍ରତ୍ୟେକ ମୃତ ପୀଡିତଙ୍କ ପରିବାର ପାଇଁ ୫୦ ଲକ୍ଷ ଦାବି କରିଥିଲେ ଶ୍ରୀ ପଟ୍ଟନାୟକ ।

ଅପରାହ୍ଣରେ ୪ ଟାରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମଧ୍ୟ ସମାନ ସ୍ଥିତି ଲାଗି ରହିଥିଲା । ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ପ୍ରତିବାଦ ଜାରି ରଖିଥିଲେ । ହୋହାଲ୍ଲା ମଧ୍ୟରେ ବାଚସ୍ପତି ସୁରମା ପାଢୀ ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ଖଣି ଓ ପରିବହନ ବିଭାଗ ଖର୍ଚ୍ଚ ଦାବି ଆଲୋଚନାରେ ବକ୍ତବ୍ୟ ରଖିବାକୁ ଡାକିଥିଲେ । ବିରୋଧୀ ଦଳ ଉପନେତା କହିଥିଲେ ଯେ, ରାଜ୍ୟରେ ରୋଗୀମାନଙ୍କର ମୃତ୍ୟୁ ହୋଇଛି । ସରକାର ସେ ସମ୍ପର୍କରେ ଆଲୋଚନା ନକରି ଅନ୍ୟ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି । ଏହାଠୁ ଲଜ୍ୟାଜନକ ଆଉ କଣ ହୋଇପାରେ । ବାଚସ୍ପତି କହିଥିଲେ, ବିଧାୟକମାନେ ନିଜ ଆସନକୁ ଯାଉନାହାନ୍ତି । ମୁଁ ଆଉ କଣ କରିପାରିବି । କେମିତି ଆପଣଙ୍କ କଥା ବିଚାର କରିବି ବୋଲି କହିଥିଲେ । ଦୀର୍ଘ ସମୟ ଧରି ହୋହାଲ୍ଲା ମଧ୍ୟରେ ଖର୍ଚ୍ଚଦାବି ଆଲୋଚନା ଜାରି ରହିଥିଲା । ଶେଷରେ ବିରୋଧୀ ଦଳର ସଦସ୍ୟମାନେ କକ୍ଷ୍ୟତ୍ୟାଗ କରିଥିବା ବେଳେ ଗୃହରେ ଖଣି ଓ ପରିବହନ ବିଭାଗ ଖର୍ଚ୍ଚଦାବି ଆଲୋଚନା ହୋଇ ଗୃହୀତ ହୋଇଥିଲା ।

## ତଦନ୍ତ...

ମୁଖ୍ୟମନ୍ତ୍ରୀ ଏସସିବି ମେଡିକାଲ କଲେଜର ଦୁର୍ଘଟଣା ବିଷୟରେ ଜାଣିବା ପରେ ୧୬ ତାରିଖ ଭୋର ସକାଳ ୪ଟା ୧୭ ମିନିଟ ବେଳେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ସମବେଦନା ଓ ଆଶ୍ୱାସନା ଜଣାଇଛନ୍ତି । ସେ ସମସ୍ତ ଆହତଙ୍କ ସହ ନିଜେ ବ୍ୟକ୍ତିଗତ ଭାବେ କଥା ହୋଇ ସେମାନଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏହି ଦୁର୍ଘଟଣାରେ ପ୍ରଭାବିତ ଅନ୍ୟ ରୋଗୀମାନଙ୍କୁ ଉନ୍ନତ ମାନର ଚିକିତ୍ସା କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

ପ୍ରଧାନମନ୍ତ୍ରୀ ପିଏମଏନଆରଏଫରୁ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ରାଜ୍ୟରେ ଥିବା ସମସ୍ତ ଡାକ୍ତରୀ ପ୍ରତିଷ୍ଠାନର ଫାୟାର ଅଡିଟ୍ ଅଗ୍ନିଶମ ବିଭାଗ କରିସାରିଛି । ଅଡିଟ୍ ସମୟରେ ଯେଉଁ ସବୁ ଆବଶ୍ୟକତା ଚିହ୍ନଟ କରାଯାଇଛି, ତାହାର ଭରଣା କରିବା ପାଇଁ ରାଜ୍ୟ ଇତିହାସରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରାଯାଇଛି । ଏସ୍‌ସିବି ମେଡିକାଲ କଲେଜରେ ୮୫ଟି ବିଭିନ୍ନ କୋଠା ଅଛି । ଏହି କୋଠାମାନଙ୍କରେ ଯେଉଁ ସବୁ ଆବଶ୍ୟକତା ରହିଛି ତାହା ଚିହ୍ନଟ କରାଯାଇଛି । ପୂର୍ତ୍ତ ବିଭାଗ ଏହି ସବୁ କାର୍ଯ୍ୟକୁ ହାତକୁ ନେଇଛି । ଯେଉଁ କୋଠାରେ ଅଗ୍ନିକାଣ୍ଡ ଘଟିଲା ସେଠାରେ ରାମ୍ପ, ଫାୟାର ଏକ୍ସଟିଙ୍ଗୁଇସର ଏବଂ ହାଇଡ୍ରାଣ୍ଟ ଥିଲା । ଏହି ସବୁ ଗତ ୬ ମାସରେ କରାଯାଇଛି ।

ବିଚାର ପାଇଁ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତରୁ କାହାର ଅବହେଳା ଜଣାପଡ଼ିଲେ ବା କେହି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ ଏହି ଦୁର୍ଘଟଣାର ତଦନ୍ତ ପାଇଁ ଏକ ଆନ୍ତର୍ବିଭାଗୀୟ ଫାକଟ ଫାଇଣ୍ଡିଙ୍ଗ ଟିମ୍ ଗଠନ କରିଛନ୍ତି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ. ସିଂହ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି । ଏହି କମିଟିର ତଦନ୍ତ ରିପୋର୍ଟ ଆସିଲାପରେ ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

## ୪୫୦୦ କୋଟିର...

କୋରାପୁଟ, ପୁରୀ, ସମ୍ବଲପୁର, ସୁନ୍ଦରଗଡ ଜିଲ୍ଲାରେ ପ୍ରତିଷ୍ଠା ହେବ । ଆଞ୍ଚଳିକ ବିକାଶକୁ ଗୁରୁତ୍ୱ ଦେବାସହ ରାଜ୍ୟରେ ଶିଳ୍ପ ଗଭୀରତାକୁ ବୃଦ୍ଧି କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି ।

## ଅପରେସନ୍...

ଏହି ଅଭିଯାନ ସମୟରେ ସମଗ୍ର ରାଜ୍ୟରେ "ଅପରେସନ ସାଇବର କବଚ' ଅନ୍ତର୍ଗତ ମୋଟ ୩୯,୭୧୪ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି । ୧୩୧୫ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ, ୩୬ଟି ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ, ୪୭ଟି ଚେକ୍ ଟଙ୍କା ଉଠାଣ ସମ୍ପର୍କିତ, ୨୪ଟି ନକଲି ସିମ୍/ପିଓଏସ୍ ଯାଞ୍ଚ କରାଯାଇଛି । ଏହା ସହ ୩୭୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏଥିସହ ୯ଜଣ ନକଲି ସିମ୍, ୩ଜଣ ଏଟିଏମ୍ ଟଙ୍କା ଉଠାଣ ସଂକ୍ରାନ୍ତୀୟ, ୧୮ଜଣ ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ବୋଲି ସୂଚନା ମିଳିଛି । ୭୫୪୯ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ପୋଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି ।

ଝାରସୁଗୁଡା, ସମ୍ବଲପୁର, ଗଞ୍ଜାମ, ନୂଆପଡା, ଭୁବନେଶ୍ୱର, କଟକ, ବାଲେଶ୍ୱର, ଭଦ୍ରକ, ପୁରୀ, ଯାଜପୁର ଓ ଢେଙ୍କାନାଳ ଭଳି ଜିଲ୍ଲାରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ନେଟ୍‌ୱାର୍କ, ନକଲି ସିମ୍ ବ୍ୟବହାର, ଅନ୍‌ଲାଇନ୍ ବେଟିଂ, ହାଓଲା ଟ୍ରାଞ୍ଜାକ୍ସନ ଓ କ୍ରିପ୍ଟୋକରେନ୍ସି ମାଧ୍ୟମରେ ହେଉଥିବା ଠକେଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହାସହ ଅନେକ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ଠାବ କରାଯାଇ ସଦସ୍ୟମାନଙ୍କୁ ଗିରଫ କରାଯିବା ସହ ବହୁସଂଖ୍ୟକ ସିମ୍‌କାର୍ଡ, ଏଟିଏମ୍ କାର୍ଡ, ଡିଜିଟାଲ ଡିଭାଇସ୍ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ କରାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ଫେବ୍ରୁଆରୀ ୧୧ ତାରିଖରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ସାଇବର ଅପରାଧ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ ଡିଜିପିଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲାରେ ଅପରେସନ ସାଇବର କବଚ ଆରମ୍ଭ ହୋଇଥିଲା । ଜିଲ୍ଲା ଏସ୍‌ପିମାନଙ୍କ ନେତୃତ୍ୱରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଓ ନକଲି ସିମ୍ ନେଟ୍‌ୱାର୍କ ବିରୋଧରେ ଚଢାଉ କରାଯାଇଥିଲା । ଏହି ଅଭିଯାନ ସମୟରେ ବିଭିନ୍ନ ଜିଲ୍ଲା ପୋଲିସ ଅନେକ ଗୁରୁତ୍ୱପୂର୍ଣ୍ଣ ସାଇବର ଅପରାଧ ଧ୍ୱଂସ କରିବା ସହ ବହୁ ଅପରାଧୀଙ୍କୁ ଗିରଫ କରିବାରେ ସମର୍ଥ ହୋଇଛନ୍ତି ।

## ୮ ସାଂସଦଙ୍କ...

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ପ୍ରସ୍ତାବକୁ ଆଗତ କରିଥିଲେ । କଂଗ୍ରେସ ମୁଖ୍ୟ ସଚେତକ କେ ସୁରେଶ ଏ ନେଇ ଦୁଃଖ ପ୍ରକାଶ କରିବା ପରେ ଏହି ପ୍ରସ୍ତାବ ଆଗତ ହୋଇଥିଲା । ସମାଜବାଦୀପାର୍ଟିର ଧର୍ମେନ୍ଦ୍ର ଯାଦବ ଓ ଏନ୍‌ସିପିର ସୁପ୍ରିୟା ସୋଲେ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ । ଫେବୃଆରୀ ୩ରେ ଏହି ୮ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ କଂଗ୍ରେସର ଗୁରୁଜିତ୍ ସିଂହ ଆଉଜିଲା, ହିବି ଇଡେନ୍, ସି କିରଣ କୁମାର ରେଡ୍ଡୀ, ଅମରିନ୍ଦର ସିଂହ ରାଜା, ମଣିକମ୍ ଟାଗୋର, ପ୍ରଶାନ୍ତ ପାଡୋରେ, ଡିନ୍ କୁଳିଆକୋଶ ଥିବାବେଳେ ସିପିଏମ୍‌ର ଏସ୍ ଭେଙ୍କଟେସନ୍ ରହିଛନ୍ତି ।

## ୩ ବିଧାୟକଙ୍କୁ...

ବିଜେପି ହାତରେ ବିକ୍ରି ହୋଇଗଲେ ତାହା ଜନସାଧାରଣ ଦେଖିଛନ୍ତି । କଂଗ୍ରେସର ଜାତୀୟ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କୁ ଯେଉଁମାନେ ଭେଟିବାକୁ ଗଲେନି ସେମାନେ କଂଗ୍ରେସକୁ କେତେ ଭଲ ପାଉଛନ୍ତି ତାହା ଜଣାପଡ଼ିଛି । ବର୍ତ୍ତମାନ ନିଲମ୍ବନ କରାଯାଇଛି । ସଭ୍ୟପଦ ରଦ୍ଦ ପାଇଁ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେପରି ପୂର୍ବରୁ ଶରଦ ଯାଦବଙ୍କ ସଭ୍ୟପଦ ସୁପ୍ରିମ୍‌କୋର୍ଟ ରଦ୍ଦ କରିଥିଲେ । ସେହି ଅନୁଯାୟୀ ପଦକ୍ଷେପ ନିଆଯିବ । ଦଳ ସହ ସେମାନେ କେବଳ ବିଶ୍ୱାସଘାତ କରିନାହାନ୍ତି ସେମାନଙ୍କ ରାଜନୈତିକ ଭବିଷ୍ୟତ ଉପରେ କୁଠାରଘାତ କରିଛନ୍ତି । ସୂଚନାଯୋଗ୍ୟ ଗତକାଲି ହୋଇଥିବା ରାଜ୍ୟସଭା ଭୋଟ୍‌ରେ କଂଗ୍ରେସର ଏହି ୩ ବିଧାୟକ ଦଳୀୟ ନିଷ୍ପତ୍ତିକୁ ଅବମାନନା କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିଲେ ।

# ଭିଏଲସିସିକୁ ମିଳିଲା ଆଇଏମଏର ସ୍ୱୀକୃତି

ଭୁବନେଶ୍ୱର (ସବ୍ୟୁ) : ଭିଏଲସିସି ନିଜର ଓଜନ ପରିଚାଳନା, ପତଳା ହେବା ଓ ମେଟାବୋଲିକ ୱେଲନେସ୍ ସେବାଗୁଡିକ ପାଇଁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମଏ) ଠାରୁ ସ୍ୱୀକୃତି ଗ୍ରହଣ କରିଥିବା ଭାରତର ପ୍ରଥମ ସଂଗଠିତ ୱେଲନେସ୍ ବ୍ରାଣ୍ଡରେ ପରିଣତ ହୋଇଛି । ଏହା ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ୱେଲନେସ୍ ସେକଟର ମଧ୍ୟରେ ଚିକିତ୍ସା ପରିଚାଳନା ପାଇଁ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି । ଏସମ୍ପର୍କରେ ଭିଏଲସିସି ଗ୍ରୁପର ଏମ୍ଡି ଓ ସିଇଓ ବିକାଶ ଗୁପ୍ତା କହିଛନ୍ତି, ଆରମ୍ଭରୁ ଭିଏଲସିସି ଓଜନ ପରିଚାଳନାକୁ ଏକ କସ୍ମେଟିକ ଟ୍ରେଣ୍ଡ ଭାବେ ନୁହେଁ ବରଂ ଏକ ମେଡିକାଲ ଓ ମେଟାବୋଲିକ ସାଇନ୍ସ ଭାବେ ଗ୍ରହଣ କରିଆସିଛି । ସେହିଭଳି ଏସମ୍ପର୍କରେ ଆଇଏମଏର ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି, ୱେଲନେସ୍ ବା ସୁସ୍ଥତା ସେବା କ୍ଷେତ୍ରରେ ଢାଂଚାଗତ ଡାକ୍ତରୀ ପରିଚାଳନା ଉପଭୋକ୍ତାଙ୍କ ଆତ୍ମବିଶ୍ୱାସକୁ ମଜବୁତ କରିଥାଏ ଏବଂ ଉନ୍ନତ ଚିକିତ୍ସା ସିଦ୍ଧାନ୍ତଗୁଡିକ ସହ ସମନ୍ୱୟ ସୁନିଶ୍ଚିତ କରିଛି । ଆଇଏମଏର ଜାତୀୟ ଅଧ୍ୟକ୍ଷ ଡଃ ଅନୀଲ କୁମାର ଜେ ନାୟକ ଉଲ୍ଲେଖ କରିଛନ୍ତି ଯେ, ଓଜନ ହ୍ରାସ ପଦକ୍ଷେପଗୁଡିକ ବହୁମାତ୍ରାରେ ମେଡିକାଲ ଓ ମେଟାବୋଲିକ ସ୍ୱାସ୍ଥ୍ୟ ସହ ମିଶ୍ରଣ ହେଉଥିବାରୁ ସୁରକ୍ଷା-ଆଧାରିତ ଢାଂଚାଗୁଡିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

# ୨,୦୦୦କୋଟିରୁ ଅଧିକ ଆର୍ଥିକ ମୂଲ୍ୟ ଦେଲା ଆମାଜନ ବିଜନେସ

ବ୍ରହ୍ମପୁର (ସବ୍ୟୁ): ୨୦୨୫ରେ ଆମାଜନ୍ ବିଜନେସ ସମଗ୍ର ଭାରତରେ ବ୍ୟବସାୟଗୁଡ଼ିକୁ ଟ.୨,୦୦୦ କୋଟିରୁ ଅଧିକ ଆର୍ଥିକ ମୂଲ୍ୟ ହାସଲ କରିବାକୁ ସକ୍ଷମ କରିଛି । ମାଇକ୍ରୋ-ଏଣ୍ଟରପ୍ରାଇଜ୍ ଏବଂ ଏସଏମବି ଠାରୁ ବଡ଼ କର୍ପୋରେସନ୍ ପର୍ଯ୍ୟନ୍ତ, ସମସ୍ତ ଆକାରର ସଂଗଠନଗୁଡ଼ିକ ଆମାଜନ୍ ବିଜନେସରେ କ୍ୟାସବ୍ୟାକ୍ ପୁରସ୍କାର, ବର୍ଦ୍ଧିତ ରିହାତି ଏବଂ ସ୍ୱତନ୍ତ୍ର ଡିଲ୍ ମାଧ୍ୟମରେ ଲାଭବାନ ହୋଇଛନ୍ତି । ଏହି ମୂଲ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଆମାଜନ ବିଜନେସରେ ସିମଲେସ୍ ଜିଏସଟି-ଅନୁପାଳନ ଇନଭଏସ୍ ଦ୍ୱାରା ଯୋଗୁଁ ସମ୍ଭବ ହୋଇଛି । ଗତ ୫ ବର୍ଷ ମଧ୍ୟରେ ସାମଗ୍ରିକ ବିକ୍ରୟ ୪୦% ରୁ ଅଧିକ ସିଏଜିଆରରେ ବୃଦ୍ଧି ପାଇଛି । ଏସମ୍ପର୍କରେ ଆମାଜନ ବିଜେନସ୍ ଡାଇରେକଟର ମିତ୍ରଞ୍ଜନ ଭାଦୁରୀ କହିଛନ୍ତି ଯେ, ପ୍ରତ୍ୟେକ ସଂଗଠନ, ଏକ ଦୂରବର୍ତ୍ତୀ ପାହାଡ଼ ଷ୍ଟେସନେର ଥିବା ଏକ ସ୍ୱତନ୍ତ୍ର ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି ଏକ ଫର୍ଚ୍ୟୁନ୍ ୫୦୦ ଏଣ୍ଟରପ୍ରାଇଜ୍ ପର୍ଯ୍ୟନ୍ତ, ସମାନ ଜରୁରିକାଳୀନ ବିଷୟ ସମ୍ମୁଖୀନ ହୁଏ: କମ୍ ସହିତ ଅଧିକ କରନ୍ତୁ । ଆମାଜନ୍ ବିଜେନସ୍ ଏହି କ୍ଷେତ୍ରକୁ ସମାନ କରିଥାଏ ।

# ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ : ଆତ୍ମହତ୍ୟା କଲେ ଗର୍ଭବତୀ ସ୍ତ୍ରୀ

ସାକ୍ଷୀଗୋପାଳ ,(ସବ୍ୟୁ): ସ୍ୱାମୀଙ୍କ ମୃତ୍ୟୁ ଦୁଃଖ ସହି ନ ପାରି ଜୀବନ ହାରିଛନ୍ତି ଜଣେ ଆସନ୍ନ ପ୍ରସବା ମହିଳା । ମୃତ ମହିଳା ହେଉଛନ୍ତି ସତ୍ୟବାଦୀ ଥାନା ମଧୁବନ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମର ସସ୍ମିତା ସାହୁ (ଟିକି) । ଆସନ୍ତା ସପ୍ତାହରେ ତାଙ୍କର ପ୍ରସବ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ସସ୍ମିତାଙ୍କ ସ୍ୱାମୀ ସତ୍ୟନାରାୟଣ ସାହୁ (କୁନା) ବିଜିପୁର ଛକ ନିକଟ ଅଣ୍ଡାରସିଂହ ଗ୍ରାମ ନିକଟରେ ଏକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିଲେ । କୁନା ତାଙ୍କ ଭାଣିଜୀ ବାହାଘରରେ ଯୋଗଦେଇ ଫେରିବା ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ଏଥିରେ ତାଙ୍କ ଭଣଜା ମଧ୍ୟ ଗୁରୁତର ହୋଇଥିଲେ । ଦେଢବର୍ଷ ତଳେ ସତ୍ୟନାରାୟଣଙ୍କ ବାପା ମହେଶର ସାହୁଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ପରିବାର ଉପରେ ଏଭଳି ଦୁଃଖର ପାହାଡ଼ ସସ୍ମିତାଙ୍କ ପାଇଁ ଅସହ୍ୟ ହୋଇପଡିଥିଲା । ସତ୍ୟନାରାୟଣଙ୍କ ମୃତ୍ୟୁରେ ତାଙ୍କ ମାଆ ମଧ୍ୟ ନିଜର ମାନସିକ ଭାରସାମ୍ୟ ହରାଇ ପାଗଳିନୀ ପ୍ରାୟ ହୋଇପଡିଛନ୍ତି । ବିବାହ କରି ଆସିବା ପରେ ପରିବାରରେ ବାରମ୍ବାର ଘଟୁଥିବା ଅଘଟଣକୁ ନିଜ ଆଖି ଆଗରେ ଦେଖି ଭାଙ୍ଗିପଡିବା ସହ ଜୀବନର ଚରମ ନିଷ୍ପତ୍ତି ନେଇଛନ୍ତି । ଘର ପଛପଟେ ଥିବା କେନାଲ ବନ୍ଧର ଏକ ଆମ୍ବ ଗଛରେ ଝୁଲିପଡି ନିଜ ଜୀବନ ହାରିଛନ୍ତି । ସବୁଠାରୁ ଦୁଃଖଦ ଘଟଣା ହେଉଛି ମୃତା ସସ୍ମିତା ୯ ମାସର ଗର୍ଭବତୀ ଥିଲେ । ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସତ୍ୟବାଦୀ ଥାନା ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି ।

# ବ୍ରାଉନସୁଗର ବେପାରୀ ଗିରଫ : ନିଶାଦ୍ରବ୍ୟ ସହ ବାଇକ ଜବତ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଞ୍ଚଳରେ ନିଶା କାରବାର ଉପରେ ପୋଲିସ ମଙ୍ଗଳବାର ଦିନ ଚଢ଼ାଉ କରିଥିବା ଜଣାପଡିଛି । ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଅଣ୍ଡରପାସ ନିକଟରେ ଚଢ଼ାଉ କରି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା' ନିକଟରୁ ବ୍ରାଉନସୁଗାର ଜବତ କରିଛି । ସୋମବାରସକାଳ ପ୍ରାୟ ସାଢ଼େ୮ ଟାରେ ଏସ.ଆଇ. ଦେବସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଗୋଳବାଇ ଅଣ୍ଡରପାସ ପାଖରେ ଗାଡ଼ି ମଟର ଯାଞ୍ଚ କରୁଥିଲେ । ଏହି ସମୟରେ ସନ୍ଦେହଜନକ ଭାବେ ଯାଉଥିବା ଜଣେ ଯୁବକକୁ ଅଟକାଇ ପଚରାଉଚରା କରିବାରୁ ନିଶା କାରବାରର ପର୍ଦ୍ଦାଫାଶ ହୋଇଥିଲା । ଗିରଫ ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ଅର୍ଜୁନପୁର ଗ୍ରାମର ପ୍ରତାପ ଓରଫ ମିଲୁ ମଙ୍ଗରାଜ (୩୦) । ପୋଲିସ ତାଙ୍କ ନିକଟରୁ ୧୦ ଗ୍ରାମ (ପ୍ୟାକେଟ ସହ ଓଜନ ୧୧ ଗ୍ରାମ) ବ୍ରାଉନ ସୁଗାର,୧୦,୦୦୦ ଟଙ୍କା, ଏକ ଧୂସର ରଙ୍ଗର ୟାମାହା ବାଇକ ନଂ(ଓଡ଼-୩୩ଅଏ-୦୫୭୬), ଏକ ରିଅଲମି ସ୍ମାର୍ଟଫୋନ ଜବତ କରିଛି । ପୋଲିସର ପ୍ରାଥମିକ ଜେରାରୁ ଅଭିଯୁକ୍ତ ସ୍ୱୀକାର କରିଛନ୍ତି ଯେ, ସେ ଖୋର୍ଦ୍ଧା ଅଞ୍ଚଳର ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଏହି ବ୍ରାଉନସୁଗାର ସଂଗ୍ରହ କରିଥିଲେ । ସ୍ଥାନୀୟ ଯୁବକମାନଙ୍କୁ ଛୋଟ ଛୋଟ ପୁଡ଼ିଆ କରି ବିକ୍ରି କରି ଅଧିକ ମୁନାଫା କମାଇବା ତାଙ୍କର ଲକ୍ଷ୍ୟ ଥିଲା । ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃ ରେ ଏହି ଚଢ଼ାଉରେ ଏସ.ଆଇ. ଦେବସ୍ମିତା ବେହେରା, ଏ ଏସ ଆଇ ତୁଷାରକାନ୍ତ ନାୟକ ସହ ପି.ଏସ.ଆଇ ମାନସ ସାହା, ସି.ଏ.ଏସ.ଆଇ ନିହାର ରଞ୍ଜନ ନାୟକ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ । ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ଜବତ ପ୍ରକ୍ରିୟା ଶେଷ ହୋଇଛି । ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ।

# ଦୁଇ ଭାଇ ଝଗଡ଼ା: ସାନର ଠେଙ୍ଗା ମାଡ଼ରେ ବଡ଼ର ଶାଶୁ ମୃତ

କଣାସ ,(ସବ୍ୟୁ): ପୁରୀ ଜିଲା ଆରଖକୁଦ ମେରାନି ଥାନା ଅନ୍ତର୍ଗତ ପାଣ୍ଡାପୋଖରୀ ଗ୍ରାମରେ ଲୋମଟାଙ୍କୁରା ହତ୍ୟାକାଣ୍ଡ ହୋଇଛି । ସାନ ଭାଇର ଠେଙ୍ଗା ମାଡ଼ରେ ବଡ଼ ଭାଇର ଶାଶୁଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ଭାଉଜ ମଧ୍ୟ ଗୁରୁତର ହୋଇଛନ୍ତି ।ମୃତ ମହିଳାଙ୍କ ନାମ ଲକ୍ଷ୍ମୀ ଜେନା ହୋଇଥିବା ବେଳେ ଗୁରୁତର ଆହତ ମହିଳାଙ୍କ ନାମ ନମିତା ନାୟକ ବୋଲି ଜଣାପଡିଛି । ନମିତାଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ସ୍ଥାନାନ୍ତର କରାଯାଇଛି । ସୋମବାର ରାତିରେ ଏକ ପାରିବାରିକ ଗଣ୍ଡୋଗୋଳରୁ ଦୁଇ ଭାଇଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଏହି ସଂଘର୍ଷରେ ସାନଭାଇର କାଠ ଫାଳିଆ ମାଡ଼ରେ ବଡ ଭାଇଙ୍କ ଶାଶୁ ଲକ୍ଷ୍ମୀଜେନା ମୃତ୍ୟୁବରଣ କରିଥିବା ସମୟରେ ଭାଉଜ ନମିତା ନାୟକ ଗୁରୁତର ହୋଇଛନ୍ତି ।

# ବୋମା ବିସ୍ଫୋରଣ: ଛିଣ୍ଡିଲା ହାତ ପାପୁଲି

ଡେଲାଙ୍ଗ (ସବ୍ୟୁ): ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ ଏକ ଜଙ୍ଗଲରେ ମଙ୍ଗଳବାର ଅଘଟଣ ଘଟିଛି । ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡି ଯାଇଥିବା ସୂଚନା ମିଳିଛି । ଆହତ ଯୁବକ ଜଣଙ୍କ ଡେଲାଙ୍ଗ କୁଆପଦା ଅଞ୍ଚଳର ବୋଲି ଜଣାପଡିଛି ।ପ୍ରଥମେ ଯୁବକଙ୍କୁ ଡେଲାଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

**ହଜିଛି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଜଣାଇ ଦିଆଯାଉଛି କି, ତା ୨୦.୧୨.୨୦୨୨ରିଖରେ ବରପାଲି ତହସିଲ ପରିସରରେ ମୂଳ ବିକ୍ରୟ ଦଲିଲ ନଂ. ୨୫୧, ତା ୧୩.୦୧.୧୯୮୨, କ୍ଷେତ୍ର: ଏକର୦.୦୪ଡିସିମିଲି ଯାହାର ମୌଜା: ବରପାଲି, ଥାନା/ତହସିଲ: ବରପାଲି, ଜିଲ୍ଲା: ବରଗଡ ହଜିଯାଇଛି । ଯଦି କେହି ଏହାକୁ ପାଇଥାନ୍ତି ତେବେ ଏହି ପ୍ରକାଶନର ୭ ଦିନ ମଧ୍ୟରେ ବ୍ୟାଙ୍କ ଅଫ ବରୋଦା, ବରପାଲି ଶାଖାରେ ଜଣାଇବାକୁ ଅନୁରୋଧ । ଯଦି କୌଣସି ବ୍ୟକ୍ତି ଏହାକୁ ଅପବ୍ୟବହାର କରନ୍ତି ତେବେ ତାହାର ଫଳାଫଳ ନିମନ୍ତେ ଦାୟୀ ରହିବେ ।

ଶାଖା ପ୍ରବନ୍ଧକ
ବିଓବି ବରପାଲି
୭୭୫୨୦୫୦୮୨୨

**ମୁକ୍ତ ସ୍ୱାଧ୍ୟାୟ ପୀଠମ୍**
(ମୁକ୍ତ ଏବଂ ଦୂରଶିକ୍ଷା ପ୍ରତିଷ୍ଠାନ)
କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ
୫୬-୫୭, ପ୍ରତିଷ୍ଠାନ କ୍ଷେତ୍ର, ଜନକପୁରୀ, ନୂଆଦିଲ୍ଲୀ-୧୧୦୦୫୮

ବିଜ୍ଞାପନ ନଂ -୦୨/୨୦୨୫-୨୦୨୬ ତାରିଖ: ୧୮/୦୩/୨୦୨୬

**ବିଜ୍ଞପ୍ତି**

ବିଭିନ୍ନ ସଂସ୍କୃତ ବିଷୟର ସହକାରୀ ପ୍ରଫେସର (କଣ୍ଟ୍ରାକ୍ଟ), ସଂସ୍କୃତ ଭାଷା ଶିକ୍ଷକ ଏବଂ ବୈଷୟିକ କର୍ମଚାରୀ (ବୈଷୟିକ ପରିଚାଳକ, ବୈଷୟିକ ସହାୟକ, ବରିଷ୍ଠ ପରାମର୍ଶଦାତା)ଙ୍କ ବିଭିନ୍ନ ଚୁକ୍ତିଭିତ୍ତିକ ପଦବୀ ପାଇଁ ଆବେଦନ ପତ୍ର ଆହ୍ୱାନ କରାଯାଉଛି । ୨୭-୦୩-୨୦୨୬ ପୂର୍ବରୁ ଆବେଦନ କରନ୍ତୁ । ଅଧିକ ବିବରଣୀ ପାଇଁ ୱେବସାଇଟ୍ (https://www.sanskrit.nic.in/ ଏବଂ https://www.msp.ac.in/) ପରିଦର୍ଶନ କରନ୍ତୁ ।

cbc 21212/12/0006/2526 -ନିର୍ଦ୍ଦେଶକ

**Government of Odisha "e" procurement Notice**
**Bid Identification No. PWDK- 42/2025-26**
**No. G2/ 2518 Dt. 13.03.2026**
**e-mail: eepwdkeonjhar@yahoo.com**

34001/217/2526

| | | | |
|---|---|---|---|
| 1 | No. of the work | : | 01 No. Road Work, 01 No. Building work and 02 Nos. Electrical work. |
| 2 | Estimated cost | : | From Rs. 27.00 Lakhs to Rs. 62.29 Lakh |
| 3 | Period of completion | : | From 02 (Two) to 06 (Six) Calendar Months. |
| 4 | Date and Time of availability of Bid document in the portal | : | From 10.00 HR 24.03.2026 to 17.00 HR of 07.04.2026 |
| 5 | Last date / Time for receipt of bids in the portal | : | 17.00 Hr of 07.04.2026. |
| 6 | Date of opening of Bid from Portal | : | 10.30 Hr of 08.04.2026. |
| 7 | Name and address of the officer inviting Bid | : | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"

Sd/- Superintending Engineer
Keonjhar (R&B) Division

OIPR : 34001/34004/1/25-26/0009

**ZILLA SWASTHYA SAMITI, ANGUL**
**O/o- CDM & PHO Cum- District Mission Director, Angul**
**TENDER CALL NOTICE**

10001/124/2526
No : 913 Date : 13.03.26

**TENDER CALL NOTICE FOR SELECTION OF AGENCY FOR AMC OF PEST CONTROL SERVICES INCLUDING ANTI TERMITE TREATMENT AT GOVT. HEALTH INSTITUTIONS**

Sealed Tenders are invited from the interested firms / agencies / organization for selection of Agency for AMC of Pest Control Services including anti termite treatment at Govt. Health Institutions of Angul district and details of terms and conditions as available in Angul district website i.e. https://angul.odisha.gov.in. Interested firms / agencies / organization are requested to submit Tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDM & PHO, Angul, District Head Quarter Hospital, PIN - 759122on or before due date through Regd. Post/Speed Post/Courier only. The authority reserves all the rights to cancel or reject partially or all tender without assigning any reason thereof.

Sd/-
CDM & PHO Cum District Mission Director, Angul

OIPR : 10001/10142/1/25-26/0002

**ODISHA MINING CORPORATION LTD**
(A Gold Category State PSU)
Registered Office: OMC House,
Bhubaneswar-751 001
CIN:- U13100OR1956SGC000313

OMC ODISHA MINING CORPORATION LTD. Mining Happiness

30001/39/2526 **NIT No.03/OMC/CIVIL DIVISION, BHUBANESWAR / 2026**

Tender for the following work is invited offline through OMC website.

| Sl. No | Name of the work | Estimated cost (In lakh) | Time period of the work (In Days) | Class of Contra-ctor | EMD Offline (In Rupees) | Cost of Bid document Offline (Rs.) |
|---|---|---|---|---|---|---|
| 1 | Replacement of window & interior renovation work of Room no-117 (Chamber of Special Officer and Head CSR) in first floor of OMC Head Office (Campus-I) in Unit-IV, Bhubaneswar in the district of Khordha. | 2.18 | 15 (Fifteen Days | 'D & C' | 2100/- | 2000/- +18% GST |

1. Available of Bid document in OMC website from dt. 13.03.2026 to 19.03.2026 up to 3:00 PM.
2. Last date of offline submission of tender is dt. 19.03.2026 up to 3:00 PM in the office of AGM (Civil), OMC Head Office (Campus-II), Ashok Nagar, Unit-II, Bhubaneswar.
3. Date of opening of Bid is dt.19.03.2026 at 3.30 PM.

All other details can be seen from bid documents available at OMC web site https://omcltd.in
Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR : 30001/30005/1/25-26/0022 Sd/-AGM (Civil)

**ODISHA MINING CORPORATION LTD**
(A Gold Category State PSU)
Registered Office: OMC House,
Bhubaneswar-751 001
CIN:- U13100OR1956SGC000313

OMC ODISHA MINING CORPORATION LTD. Mining Happiness

30001/37/2526 **NIT No.09/OMC/CIVIL/2026**

Tender for the following works is invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (In lakh) | Time period of the work (in month) | Class of Contra-ctor | EMD online (In Rupees) | Cost of Bid document (Rs.) |
|---|---|---|---|---|---|---|
| 1 | Renovation of Main gate Security post, Construction of Visitors Room & Shed over wicket gate approach area, security post & visitors room at OMC Head Office(Campus-I) in Unit-IV, Bhubaneswar in the district of Khordha. | 12.12 | 03 (Three) | 'D' & 'C' | 12,120/- | 6,000/-+18% GST |

1. Availability of Bid document in Govt. portal from dt.17.03.2026 to 26.03.2026 up to 5.00 PM.
2. Last date of on-line submission of tender in the portal is dt.26.03.2026 up to 5.00 PM.
3. Date of opening of Technical Bid is dt.30.03.2026 at 11.00 AM.

All other details can be seen from bid documents available at Govt. web site www.tendersodisha.gov.in.
Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR : 30001/30005/1/25-26/0020 Sd/-GM (Civil)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in

25001/342/2526 **INVITATION FOR BIDS (SHORT NITICE)**

**"E" PROCUREMENT NOTICE NO. RWDSE_MKG_II_ONLINE_23/2025-26**

| | | | |
|---|---|---|---|
| 1. | Name of the work | : | Roads works in the District of Malkangiri for the year-2025-26 |
| 2. | Total No of work | : | 01 Number of Road Work |
| 3. | Estimated Cost | : | Rs. 15.30 Lakhs. |
| 4. | Period of Completion | : | As Specified in the Annexure |
| 5. | Class of Contractor | : | As Specified in the Annexure |
| 6. | Cost of Tender Paper Annexure | : | Cost of tender is to be remitted ONLINE as specified in column-6 of the Annexure |
| 7. | Details Projects | : | As Specified in the Annexure |

**Other details as follows :-**

| | | | |
|---|---|---|---|
| a) | Procurement Officer | : | Superintending Engineer, Rural Works Division-II, Malkangiri |
| b) | Availability of Tender Online | : | 18.03.2026 at 11.00 AM to 23.03.2026 up to 5.30 PM |
| c) | Last date & time of seeking of Tender clarification | : | 20.03.2026 up to 5.00 PM |
| d) | Technical Bid Opening | : | 24.03.2026 at 11.00 AM |
| e) | Financial Bid Opening | : | **To be intimated Separately** |
| f) | Decision to conduct Lottery | : | If required to decide the agency, transparent Lottery shall be conducted on date 25.03.2026 at 11.00 AM in Office Chamber of the undersigned. |

Further details can be seen from the Govt. website www.tendersorissa.gov.in

Sd/- Rural Works Division-II
Malkangiri

OIPR : 25001/25079/1/25-26/0026

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ କଣ୍ଟାଡିନୋ ଉଦ୍‌ଯାପିତ

କଟକ, (ସ୍ୱପ୍ର) : ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ କଣ୍ଟାଡିନୋ-୨୦୨୬ ଉଦଯାପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଓଲିଉଡ୍ ଅଭିନେତା ସନ୍ଦୀପ ମିଶ୍ର, ଗାୟିକା ଦେବାଂଶୀ ଦାଶ ଏବଂ ସମାଜସେବୀ ତଥା ଯୁବପ୍ରତିଭା ରାକେଶ ଧୁପର ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ତେଜ ପ୍ରତାପ ଏବଂ କୃଷି ବିଭାଗ ଅଧକ୍ଷ ପ୍ରଫେସର (ଡ.) ଏସ୍. କୁମାରସ୍ୱାମୀ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ପ୍ରେରଣା ଯୋଗାଇଥିଲେ । ବିଦ୍ୟାର୍ଥୀମାନେ ମଧ୍ୟ ନିଜ ନିଜର ସାଙ୍ଗୀତିକ ଓ ସାଂସ୍କୃତିକ ପ୍ରଦର୍ଶନ ମାଧ୍ୟମରେ ଉପସ୍ଥିତ ସମସ୍ତଙ୍କର ମନୋରଞ୍ଜନ କରିଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ମଲଫି ପର୍ପୋଜ୍ ହଲଠାରେ ଆୟୋଜିତ ଏହି ମେଗା ଇଭେଣ୍ଟର ଉଦଯାପନୀ ଦିବସରେ ବିଦ୍ୟାର୍ଥୀମାନେ ଫ୍ୟାଶନ୍ ଶୋ ଏବଂ ଡ୍ୟାନ୍ସ ଧମାକା ଜରିଆରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କୃଷି ବିଭାଗ ତୃତୀୟ ବର୍ଷ ବିଦ୍ୟାର୍ଥୀମାନେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଚାମ୍ପିଅନ୍ସ ଟ୍ରଫି ଜିତିଥିଲେ । ଶେଷରେ କ୍ରୀଡ଼ା ଓ ସାଂସ୍କୃତିକ କମିଟି ସଂଯୋଜକ ଡ. ଅଭିନବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଟ୍ଟ ଏବଂ ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।



# ମହାନଦୀବିହାରରେ ଅର୍ବାନ ବ୍ୟାଙ୍କ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ୪୭ନଂ ୱାର୍ଡ ମହାନଦୀବିହାରସ୍ଥିତ ମଙ୍ଗଳା ଛକ ନିକଟରେ ଦି ଅର୍ବାନ କୋଅପରେଟିଭ ବ୍ୟାଙ୍କ୍ ଲିମିଟେଡର ଏକ ଶାଖା ଉଦଘାଟିତ ହୋଇଯାଇଛି । ଉତ୍ସବରେ ବିଜେପି ନେତା ନୟନ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼େଇ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାଖା ପରିଚାଳକ ସ୍ୱରୂପାନନ୍ଦ ସାହୁ, ଅର୍ବାନ ବ୍ୟାଙ୍କର ପୂର୍ବତନ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସଭାପତି ପ୍ରଫୁଲ କୁମାର ମହାପାତ୍ର, ନିର୍ଦ୍ଦେଶକ ନୀଳମଣି କର, ବିଶ୍ୱରଞ୍ଜନ ଘଡେଇ, ପ୍ରମୋଦ କୁମାର ଦାସ, ଏମଡିଏର ସଦସ୍ୟ ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରହ୍ଲାଦ ମହାନ୍ତି, ଚତୁର୍ଭୁଜ ସାହାଣୀ, ରବି ଶତପଥୀ, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ । ଗୋଲ୍ଡ ଲୋନ, ସ୍ୱଳ୍ପ ମୂଲ୍ୟରେ ଲକର ସୁବିଧା, କ୍ଷୁଦ୍ର ଜମାକରୀଙ୍କ ଜମା ଅର୍ଥ ଉପରେ ଲୋନ ମଂଜୁର ସହଜ ଓ ସରଳ ଉପାୟରେ ଯୋଗାଇ ଦିଆଯାଉଥିବା ବେଳେ ଗ୍ରାହାକଙ୍କ ସୁରକ୍ଷା ଓ ଉତ୍ତମ ସେବା ପ୍ରଦାନ କରିବା ଆମର ମୂଳ ଲକ୍ଷ୍ୟ ବୋଲି ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟବ୍ରତ ପଣ୍ଡା କହିଥିଲେ । ଏହି ଶାଖାଟି ଗଣ୍ଡରପୁରରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲା । ଜାତୀୟ ରାଜପଥର ସମ୍ପସାରଣ ଯୋଗୁଁ ଏହାକୁ ମହାନଦୀବିହାରକୁ ସ୍ଥାନାନ୍ତରିତ କରାଯାଇଛି ।



## ବିଶ୍ୱ ଅନିଶ୍ଚିତତା ସମୟରେ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ପାଇଁ

# ଭାରତର ବକ୍ସାଇଟ୍ ସମ୍ଭାବନାକୁ ଉନ୍ମୁକ୍ତ କରିବା ଆବଶ୍ୟକ

ଭୁବନେଶ୍ୱର, (ସବ୍ୟୁ): ପଶ୍ଚିମ ଏସିଆରେ ବଢୁଥିବା ଭୂରାଜନୈତିକ ଉତେଜନା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳର କ୍ରମବର୍ଦ୍ଧିଷ୍ଣୁ ଭଙ୍ଗୁରତା ଘରୋଇ ପ୍ରାକୃତିକ ସମ୍ପଦର ରଣନୈତିକ ଗୁରୁତ୍ୱ ଉପରେ ପୁନଃ ଧ୍ୟାନ କେନ୍ଦ୍ରିତ କରିଛି । ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ଏହା ଭାରତ ପାଇଁ ନିଜସ୍ୱ ଖଣିଜ ଭଣ୍ଡାରର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ, ଯାହା ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଅସ୍ଥିର ଅନ୍ତର୍ଜାତୀୟ ଯୋଗାଣ ରେଖା ଉପରେ ନିର୍ଭରତା ହ୍ରାସ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଆଲୁମିନିୟମ ଦ୍ରୁତ ଗତିରେ "ଭବିଷ୍ୟତର ଧାତୁ" ଭାବରେ ଉଭା ହେଉଛି, ଯାହା ବୈଦ୍ୟୁତିକ ଗତିଶୀଳତା ଏବଂ ନବୀକରଣୀୟ ଶକ୍ତି ଠାରୁ ଆରମ୍ଭ କରି ମହାକାଶ ଏବଂ ପ୍ରତିରକ୍ଷା ପର୍ଯ୍ୟନ୍ତ ଶିଳ୍ପଗୁଡ଼ିକୁ ଆଧାର କରୁଛି । ଭାରତ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଲାଭ ପାଇଛି, ବକ୍ସାଇଟ୍ ସଂରକ୍ଷଣରେ ବିଶ୍ୱ ସ୍ତରରେ ୫ମ ସ୍ଥାନରେ ଅଛି । ଦେଶରେ, ଓଡ଼ିଶା ଏହି କ୍ଷେତ୍ର ପାଇଁ ପ୍ରାଥମିକ ଇଞ୍ଜିନ ଭାବରେ କାର୍ଯ୍ୟ କରେ, ଭାରତର ମୋଟ ବକ୍ସାଇଟ୍ ସମ୍ପଦର ୫୧% ରୁ ଅଧିକ ଧାରଣ କରେ, କଳାହାଣ୍ଡି, ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାରେ ପ୍ରମୁଖ ଜମା କେନ୍ଦ୍ରିତ ।

ବିଶ୍ୱ ବାଣିଜ୍ୟ ବାଧା ସାମଗ୍ରୀ ବଜାରକୁ ପ୍ରଭାବିତ କରୁଥିବାରୁ, ଆମଦାନୀ ହୋଇଥିବା କଂଚାମାଲ ଉପରେ ନିର୍ଭରତା ଅର୍ଥନୀତିକୁ ଅସୁବିଧାରେ ପକାଏ । ଭାରତ ବକ୍ସାଇଟ୍ କ୍ଷେତ୍ରରେ ପ୍ରାୟ ୯୦% ସ୍ୱାବଲମ୍ବୀ ହୋଇଥିଲେ ମଧ୍ୟ, ୨୦୩୬ ପାଇଁ "ଭିକଶିତ ଓଡ଼ିଶା" ଦୃଷ୍ଟିକୋଣ ଗୁରୁତ୍ୱାରୋପ କରେ ଯେ ଘରୋଇ ଆଲୁମିନିୟମ୍ ଚାହିଦାରେ ଛଅ ଗୁଣ ବୃଦ୍ଧିକୁ ପୂରଣ କରିବା ପାଇଁ ଅବ୍ୟବହୃତ ଭଣ୍ଡାରକୁ ଖୋଲାଯିବା ଏକ ରଣନୈତିକ ଆବଶ୍ୟକତା ଅଟେ । ମହିନ୍ଦ୍ରା ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ଏବଂ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ନୀଳାଞ୍ଜନ ବଣିକ ଏହି ପରିବର୍ତ୍ତନର ମାନବିକ ଏବଂ ଆର୍ଥିକ ଜରୁରୀତା ଉପରେ ଗୁରୁତ୍ୱାରୋପ କରିଛନ୍ତି: ବର୍ତ୍ତମାନର ବିଶ୍ୱ ପରିସ୍ଥିତି ପ୍ରମାଣ କରୁଛି ଯେ ଆତ୍ମନିର୍ଭରଶୀଳତା କେବଳ ଏକ ମହତ୍ୱାକାଂକ୍ଷା ନୁହେଁ ବରଂ ଏକ ବଂଚିବାର ରଣନୀତି ଅଟେ । ଦାୟିତ୍ୱପୂର୍ଣ୍ଣ ବକ୍ସାଇଟ୍ ଖଣିକୁ ଦ୍ରୁତ-ଟ୍ରାକିଂ କରି, ଆମେ ପଶ୍ଚିମ ଓଡ଼ିଶାକୁ ଏକ ବିଶ୍ୱ ଶିଳ୍ପ କେନ୍ଦ୍ରରେ ପରିଣତ କରିପାରିବା । ଏହା କେବଳ ଖଣିଜ ପଦାର୍ଥ ବିଷୟରେ ନୁହେଁ; ଏହା ଆମର ଯୁବପିଢ଼ି ପାଇଁ ଘରେ ମର୍ଯ୍ୟାଦାପୂର୍ଣ୍ଣ ଜୀବିକା ପ୍ରଦାନ କରିବା ।"

ଶିଳ୍ପାୟନ ପାଇଁ ଚାପକୁ ଆଂଚଳିକ ସମୃଦ୍ଧିର ସବୁଠାରୁ ସମ୍ଭାବ୍ୟ ପଥ ଭାବରେ ଦେଖାଯାଉଛି । ନୂତନ ପ୍ରକଳ୍ପ ବ୍ୟତୀତ, ରାଜ୍ୟର ବିଦ୍ୟମାନ ଆଲୁମିନା ରିଫାଇନାରୀଗୁଡ଼ିକ ତୁରନ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ଭିତିଭୂମି ରଖିଛି । ଏହି ସୁବିଧାଗୁଡ଼ିକରେ ବକ୍ସାଇଟ୍ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଦ୍ୱାରା "ଖଣି-ପ୍ରଥମେ" ବିକାଶ ରଣନୀତିକୁ ତ୍ୱରାନ୍ୱିତ କରାଯାଇପାରିବ, ଯାହା ଦ୍ୱାରା ପ୍ରାୟ ୨.୪ ନିୟୁତ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ଡାଉନଷ୍ଟ୍ରିମ୍ ଇକୋସିଷ୍ଟମରେ ୧୦,୦୦୦ ରୁ ଅଧିକ ଏମଏସଏମଇକୁ ସମର୍ଥନ କରାଯାଇପାରିବ । ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ଆଡକୁ ଅଗ୍ରସର ହେଉଥିବା ବେଳେ, ଓଡ଼ିଶାରେ ବକ୍ସାଇଟ୍‌ର ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଜାତୀୟ ଅର୍ଥନୈତିକ ସୁରକ୍ଷାର ଏକ ମୂଳଦୁଆ ହୋଇ ରହିଛି । ଏହାର ପ୍ରାକୃତିକ ସମ୍ପତିକୁ ଉପଯୋଗ କରି, ରାଜ୍ୟ ଏକ ସ୍ଥିର, ଆତ୍ମନିର୍ଭରଶୀଳ ଶିଳ୍ପ ଭାରତ ଗଠନରେ ନେତୃତ୍ୱ ନେଇପାରିବ ।

## କୁରୁଜଙ୍ଗ ପଞ୍ଚାୟତର ପ୍ରଥମ ମହିଳା ସରପଞ୍ଚ ସୂର୍ଯ୍ୟମଣି ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): କୁରୁଜଙ୍ଗ ପଞ୍ଚାୟତର ପ୍ରଥମ ପୂର୍ବତନ ମହିଳା ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସୂର୍ଯ୍ୟମଣି ମହାପାତ୍ରଙ୍କର ଆଜି ପରଲୋକ ଘଟିଛି । ମଙ୍ଗଳବାର ଭୋର ୫ ଘଟିକା ସମୟରେ ନିଜ ବାସଭବନରେ ୯୪ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଜଣେ ମହିୟସୀ, ଦୟାଳୁ ଏବଂ ପରୋପକାରୀ ମହିଳା ଭାବେ ସେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ସେ ତାଙ୍କ ସମସ୍କନ୍ଦ ବୟସର ଶେଷ ପିଢ଼ିର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଚାରି ପୁଅ ପ୍ରଫୁଲ୍ଲ କୁମାର ମହାପାତ୍ର, ତ୍ରିଭୁବନ, ପ୍ରମୋଦ ଓ ପ୍ରସନଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର କୁରୁଜଙ୍ଗ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି । ଶତାଧିକ ବ୍ୟକ୍ତି ଓ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଏକ ଶୋକାକୁଳ ପରିବେଶରେ ତାଙ୍କର ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା । ସେଠାରେ ଶାସ୍ତ୍ରୀୟ ବିଧି ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ଗଞ୍ଜେଇ ସମେତ ଦୁଇ କାର, ନଗଦ ଟଙ୍କା ଜବତ: ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପଛପଟ ଟିଏଲସି ରୋଡ ରୁ ମଡେଲ ଥାନା ପୁଲିସ ବିପୁଳ ପରିମାଣ ର ଗଞ୍ଜେଇ ସମେତ ଏକ ବୋଲେରୋ, ଏକ କାର, ୩ମୋବାଇଲ ଫୋନ୍ ଓ ନଗଦ ୨ଲକ୍ଷ ଟଙ୍କା ଜବତ କରିଛି । ଏନେଇ ଡମସାହି ର ସାଗର ଘଡେଇ (୩୧), ସୁମନ୍ତ ଭୁଜବଳ (୩୬) ଓ ଜଙ୍କିଆ ଥାନା ଓରମି ର ପୁପୁନ ବଳିୟାରସିଂହ (୪୦) କୁ ଗିରଫ କରିଛି । ସେମାନଙ୍କ ଠାରୁ ୫୧ କେଜି ଗଞ୍ଜେଇ ଜବତ ହୋଇଛି । ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପଛପଟ ଟିଏଲସି ରୋଡ୍ ରେ ଗଞ୍ଜେଇ କାରବାର ହେଉଥିବା ପୁଲିସ ଖବର ପାଇଥିଲା । ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଏସ୍‌ଆଇ ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ସେଠାରେ ଚଢଉ କରିଥିଲେ । ଚଢଉ ବେଳେ ଘଟଣାସ୍ଥଳରୁ ଓଡି୦୨ବିଏମ୍-୪୨୭୬ ନଂ ବିଶିଷ୍ଟ ବୋଲେରୋ ଓ ଓଡି.୦୨ଏଇ-୯୬୨୭ ନଂ ବିଶିଷ୍ଟ କାର କୁ ପୁଲିସ ଜବତ କରିବା ସହ ସେଥିରୁ ଗଞ୍ଜେଇ ଜବତ କରିଛି । ଏଥିସହିତ ଅଭିଯୁକ୍ତମାନଙ୍କ ଠାରୁ ନଗଦ ୨ଲକ୍ଷ ଟଙ୍କା ଓ ୩ମୋବାଇଲ ଫୋନ୍ ଜବତ କରିଛି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ପ୍ରଧାନ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ ନାୟକ ଉପସ୍ଥିତ ଥିଲେ ।



## ଏସ୍‌ସିବି ମେଡିକାଲରେ ଘଟିଥିବ ଅଗ୍ନିକାଣ୍ଡରେ ଚିକିତ୍ସିତ ବ୍ୟକ୍ତିଙ୍କ ମୃତ୍ୟୁ

# ମୃତକ ପରିବାରକୁ ୫୦ ଲକ୍ଷ ଓ ଜଣକୁ ଚାକିରି ଦିଅ : ଓଷ୍ଟା

କଟକ, (ସବ୍ୟୁ): ରବିବାର ବିଳମ୍ବିତ ରାତିରେ କଟକ ଏସ୍.ସି.ବି. ମେଡ଼ିକାଲ ଟ୍ରମା ଆଇସିୟୁରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ୧୨ ଜଣଙ୍କର ମୃତ୍ୟୁ ଘଟିଛି ଓ କେତେକ ଗୁରୁତର ଆହତ ହୋଇଛନ୍ତି । ଏଭଳି ହୃଦୟ ବିଦାରକ ଦୁର୍ଘଟଣାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଗଭୀର ଦୁଃଖ ପ୍ରକାଶ କରିଛି ବୋଲି ସଂଗଠନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ସହିତ ପରିବାରର ଜଣକୁ ଚାକିରି ପ୍ରଦାନ ନିମନ୍ତେ ଓଷ୍ଟା ପକ୍ଷରୁ ଦାବି କରାଯାଇଛି । ଏଭଳି ଦୁଃଖଦ ଓ ଲୋମହର୍ଷଣକାରୀ ଦୁର୍ଘଟଣାରେ ସଂଗଠନର ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷା ପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ମୃତ୍ୟୁବରଣ କରିଥିବା ସମସ୍ତ ରୋଗୀଙ୍କର ଅମରଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

## ଓଡ଼ିଶା ବିକାଶ ମହାମଞ୍ଚ ପକ୍ଷରୁ

# ଯୁଦ୍ଧ ବନାମ ଶାନ୍ତି ଆଲୋଚନା ଚକ୍ର

ଭୁବନେଶ୍ୱର (ସବ୍ୟୁ): ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ସ୍ଥିତ ମମତା ହସ୍ପିଟାଲ ପରିସରରେ ଓଡ଼ିଶା ବିକାଶ ମହାମଞ୍ଚ ପକ୍ଷରୁ ସାଂପ୍ରତିକ ସମୟରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ଭୟାବହତା ଏବଂ ସାଧାରଣ ଜନତାଙ୍କ ଉପରେ ପଡୁଥିବା ଏହାର ପ୍ରତିକୂଳ ପ୍ରଭାବକୁ ନେଇ ଯୁଦ୍ଧ ବନାମ ଶାନ୍ତି ଶୀର୍ଷକ ଏକ ଆଲୋଚନା ଚକ୍ର ମହାମଞ୍ଚର ସଭାପତି ପ୍ରଣବ ଛୋଟରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମମତା ହସ୍ପିଟାଲରେ ମୁଖ୍ୟ ଡାକ୍ତର ମମତା ମହାନ୍ତି ଓ ସମ୍ମାନୀତ ଅତିଥି ଭାବରେ ସମାଜସେବୀ ଘନଶ୍ୟାମ ବେହେରା ଓ ଶୀତେନ୍ଦ୍ର କୁମାର ବଳିୟାର ସିଂହ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଆଲୋଚନା ଚକ୍ରରେ ରାଜଧାନୀ କଲେଜ, ହରିହର କଲେଜ, ବିଜୁପଟ୍ଟନାୟକ କଲେଜ୍, ଓ ଲକ୍ଷ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀ ମାନେ ଯୋଗଦେଇ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ,ଏହା ଖୁବ୍ ଶୀଘ୍ର ବନ୍ଦ ହୋଇ ଶାନ୍ତି ସ୍ଥାପନ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ପ୍ରମାଣ ପତ୍ର ପ୍ରଦାନପୂର୍ବକ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପକ୍ଷରୁ ସରିତା ଓ ସନମ ପରିଚାଳନା କରିଥିଲେ ।



## ସମ୍ ନର୍ସିଂ କଲେଜ -୨ ର ବାର୍ଷିକ ଉତ୍ସବ ରେସିଲିଆ

# ବିଏସ୍‌ସି ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କ ଶପଥ ପାଠ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ -୨, ଫୁଲନଖରାର (୨୦୨୫-୨୯) ବିଏସ୍‌ସି ନର୍ସିଂ ପ୍ରଥମ ବ୍ୟାଚର ଶପଥ ପାଠ ଓ ଦୁଇ ଦିନିଆ ବାର୍ଷିକ ଉତ୍ସବ 'ରେସିଲିଆ' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ନର୍ସିଂ କଲେଜ -୨ (୨୦୨୫-୨୯) ବିଏସ୍‌ସି ନର୍ସିଂ ବ୍ୟାଚର ୨୧୭ ଜଣ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ । ଏହି ଅବସରରେ କଟକ ଏସିବି ମେଡିକାଲ କଲେଜର ସ୍ତ୍ରୀ ରୋଗ ଏବଂ ପ୍ରସୂତି ବିଭାଗର ପୂର୍ବତନ ପ୍ରଫେସର (ଡ) ସରୋଜିନୀ ଷଡଙ୍ଗୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସିଂ ଏକ ମହାନ୍ ଓ ଉତମ ବୃତି ଏବଂ ମାନବ ସେବାର ପ୍ରକୃଷ୍ଟ ମାଧ୍ୟମ ଅଟେ । ନର୍ସଙ୍କୁ ସ୍ୱାସ୍ଥ୍ୟକ୍ଷେତ୍ରର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ । ନର୍ସଟିର ହସ ହସ ମୁହଁ ସହିତ ସ୍ନେହ, ଶ୍ରଦ୍ଧା, ଦୟାମନୋଭାବ ଓ ନିଃସ୍ୱାର୍ଥପର ସେବା ମନୋବୃତି ଦ୍ୱାରା ରୋଗୀଟି ସଂପୂର୍ଣ୍ଣ ଭାବେ ସୁସ୍ଥ ଲାଭ କରିଥାଏ ବୋଲି ସେ କହିଥିଲେ । ସେହିପରି ବ୍ରହ୍ମପୁର ନର୍ସିଂ କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ସରୋଜ ନଳିନୀ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ବୃତିଗତ ଶିକ୍ଷାକୁ ଅଧ୍ୟୟନ କରିବା ନିମନ୍ତେ ଚୟନ କରିଥିବାରୁ ସେମାନଙ୍କୁ ବେଶ୍ ଉତ୍ସାହିତ କରିଥିଲେ । ଏହା ସେମାନଙ୍କ ଜୀବନର ଏକ ନୂତନ ପର୍ଯ୍ୟାୟ । ଏହି ଲ୍ୟାମ୍ପ ଲାଇଟିଂ ସମାରୋହ ମାଧ୍ୟମରେ ଛାତ୍ରଛାତ୍ରୀ ନର୍ସିଂ ଭଳି ମହାନ ବୃତିରେ ପ୍ରବେଶ କରିଥାନ୍ତି । କେବଳ ସେତିକି ନୁହେଁ ବରଂ ଶପଥ ପାଠ ସେମାନଙ୍କୁ ଯତ୍ନ ଏବଂ ସେବା ନିମନ୍ତେ ଶିକ୍ଷିତ କରିବ ବୋଲି ସେ କହିଥିଲେ ।

# ରାଜ୍ୟସଭା ନିର୍ବାଚନ ଗଣତନ୍ତ୍ର ପାଇଁ କଳାଦିନ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଜୁ ବାବୁଙ୍କ ନୀତି ଆଦର୍ଶରେ ଗଢ଼ା ହୋଇଥିଲା ବିଜୁ ଜନତା ଦଳ । ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ ଅବମାନନା କରି ବିଜେଡିର କିଛି ବିଧାୟକ ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କରିଥିବାରୁ ସେମାନଙ୍କ ବିରୋଧରେ ବର୍ଷିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବାଚସ୍ପତି ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଧ୍ରୁବ ଚରଣ ସାହୁ ଦଳର ନୀତି, ଆଦର୍ଶ ବିରୋଧରେ ଯାଇ ବିଜେଡିର କିଛି ବିଧାୟକ ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ ବିପୁଳ ଟଙ୍କା ନେଇ କ୍ରସ ଭୋଟିଂ ଜରିଆରେ ଜଣେ ଦାଗୀ ନେତାଙ୍କୁ ଭୋଟ ଦେଇ ବିଜୟୀ କରିଥିବାରୁ କଡ଼ା ସମାଲୋଚନା କରିଥିଲେ ।

ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ, ରାଜ୍ୟସଭା ନିର୍ବାଚନରେ ଯେଉଁ ବିଧାୟକ ମାନେ କ୍ରସ ଭୋଟିଂ କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଲେ, ଆଜି ସେମାନେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ବିଜୁ ଲିଗାସୀର କଥା କହୁଛନ୍ତି । ବ୍ୟୋମକେଶ ରାୟ କହିଥିଲେ, ରାଜ୍ୟସଭା ନିର୍ବାଚନରେ ବିଜେଡିର କିଛି ବିଧାୟକ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କରିଛନ୍ତି । ସେହି ରାସ୍ତାରେ ଦେବୀ ରଞ୍ଜନ ତ୍ରିପାଠୀ ଗଲେ । ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ସେ ଆଜି ବିଜୁ ଲିଗାସୀ କଥା କହୁଛନ୍ତି । ଶ୍ରୀ ଧ୍ରୁବ ସାହୁ କହିଥିଲେ, ଆମେ ରେଙ୍ଗାଲୀ ବିଧାୟକଙ୍କୁ ସାଲ୍ୟୁଟ କରୁଛୁ । ତାଙ୍କୁ ୧୫ କୋଟି ଟଙ୍କା ଯଚା ଯାଇଥିଲା ଦଳ ବିରୋଧରେ ଭୋଟ ଦେବା ପାଇଁ, କିନ୍ତୁ ସେ ସଚ୍ଚୋଟତାର ପରିଚୟ ଦେଇ ଦଳ ସପକ୍ଷରେ ଭୋଟ ଦେଇଛନ୍ତି ।




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଙ୍କ ମିଳିତ ସହଯୋଗରେ" ଏକଦିବସୀୟ ଆଲୋଚନାଚକ୍ର" ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି ।

# ଅଗ୍ନିକାଣ୍ଡ ଘଟଣାରେ ଆଉ ୨ ଜଣଙ୍କ ମୃତ୍ୟୁ

କଟକ, (ସବ୍ୟୁ)ଏସ.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା ଆଇସିୟୁରେ ସୋମବାର ଭୋର ସମୟରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ଆଉ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣା ଜନିତ କାରଣରୁ କୋରାପୁଟ ଜିଲ୍ଲାର ପବିତ୍ର ତିସାରୀ ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉଥିଲେ । ତାଙ୍କର ଗୋଡରେ ଅସ୍ତ୍ରୋପଚାର କରାଯାଇଥିଲା ଓ ହାତ ମଧ୍ୟ ଭାଙ୍ଗିଯାଇଥିଲା । ଗତକାଲି ଅଗ୍ନିକାଣ୍ଡ ଘଟଣା ପରେ ତାଙ୍କୁ ଅର୍ଥପେଡ଼ିକ ଆଇ ସି ୟୁ କୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି । ଆଜି ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି । ଅନ୍ୟ ଜଣେ ରୋଗୀ ଅନୁଗୁଳର ସୁମନ କୁମାର ସାହୁ ମସ୍ତିଷ୍କରେ ଆଘାତ ଯୋଗୁଁ ଟ୍ରମା ଆଇ ସି ୟୁ ରେ ଚିକିତ୍ସିତ ହେଉଥିଲେ । ଅଗ୍ନିକାଣ୍ଡ ଘଟଣା ପରେ ତାଙ୍କୁ ନ୍ୟୁରୋ ଆଇସିୟୁ କୁ ପଠାଇ ଦିଆଯାଇଥିଲା । ଆଜି ତାଙ୍କର ଦେହାନ୍ତ ହୋଇଛି । ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି ।

## କିଏ ହେବ ଲିଟିଲ୍ "ଆର୍ଟ ଚମ୍ପ"

# ୧୫୦୦ ଶିଶୁ ଶିଳ୍ପୀଙ୍କୁ ନେଇ ଧଉଳିରେ ହେବ ଚିତ୍ରକଳା ମହାକୁମ୍ଭ



ଭୁବନେଶ୍ୱର, (ସବ୍ୟୁ): ଐତିହାସିକ ଧଉଳି ପାଦ ଦେଶରେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ ତାରିଖ ଦୁଇଦିନ ଧରି ୭ ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଆୟୋଜିତ ହେବାକୁ ଯାଉଅଛି । ଏହି ମହୋତ୍ସବ ଅବସରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ କୋମଳ ମତି ଶିଶୁମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ୧୫୦୦ରୁ ଅଧିକ ଶିଶୁ ଚିତ୍ର ଶିଳ୍ପୀଙ୍କୁ ନେଇ ଏକ ବିଶାଳ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେବ ।ମାର୍ଚ୍ଚ ୨୯ ସକାଳ ୮.୩୦ ସମୟରେ "ବିକଶିତ ଭାରତ" ଓ "ପ୍ରଦୂଷଣ ମୁକ୍ତ ପୃଥିବୀ" ଶୀର୍ଷକ ଏକ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ ।ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଶିଶୁ ଶିଳ୍ପୀଙ୍କୁ "ଲିଟିଲ୍ ଆର୍ଟ ଚାମ୍ପ" ଭାବେ ସମ୍ମାନିତ କରାଯିବ ।ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ମାର୍ଚ୍ଚ ୨୭ ତାରିଖ ପୂର୍ବରୁ ମୋବାଇଲ ୮୯୧୭୬୦୬୪୩୨ ନମ୍ବରରେ ଯୋଗାଯୋଗ କରି ନିଜର ନାମ ପଞ୍ଜିକରଣ କରି ପାରିବେ ।ଏହି ମହୋତ୍ସବ କେବଳ ଏକ ପ୍ରତିଯୋଗିତା ନୁହେଁ ବରଂ ଶିଶୁଙ୍କ ଭିତରେ ଥିବା କଳାକାରଙ୍କୁ ଏକ ନୂତନ ପରିଚୟ ଦେବାର ଏକ ସୁନ୍ଦର ପ୍ରୟାସ ।

### ପଶ୍ଚିମ ଏସିଆ ସଙ୍କଟ ସମାଧାନ ଚିନ୍ତା

# ଭାରତ ଉପରେ ବିଶ୍ୱ ସମୁଦାୟର ଭରସା

ହେଲସିଙ୍କି/ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ଜାରି ରହିଥିବା ଭୟଙ୍କର ଯୁଦ୍ଧ ଓ ଅସ୍ଥିରତାକୁ ରୋକିବା ପାଇଁ ଭାରତ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁ ବୋଲି ବିଶ୍ୱ ସମୁଦାୟ ଆଶା ପ୍ରକାଶ କରିଛି। ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍ ଏହି ସଙ୍କଟର ସମାଧାନ ପାଇଁ ଭାରତକୁ ଆମେରିକା ଓ ଇରାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଅନୁରୋଧ କରିଛନ୍ତି।



ସେ କହିଛନ୍ତି ଯେ, ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷକୁ ବନ୍ଦ କରିବା ଏବେ ବିଶ୍ୱ ପାଇଁ ସବୁଠାରୁ ବଡ଼ ଆବଶ୍ୟକତା ପାଲଟିଛି। "ଭାରତ ହେଉଛି ଏପରି ଏକ ଦେଶ ଯାହାକୁ ଉଭୟ ପକ୍ଷ ବିଶ୍ୱାସ କରନ୍ତି। ତେଣୁ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ପ୍ରକୃତରେ ସାମିଲ ହେଲେ ଏହା ସାରା ବିଶ୍ୱ ପାଇଁ ମଙ୍ଗଳକର ହେବ," ବୋଲି ସେ ମତ ପ୍ରକାଶ କରିଛନ୍ତି। ମାର୍ଚ୍ଚ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ରାଇସିନା ଡାଏଲଗରେ ଷ୍ଟବ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଶ୍ଚିମ ଏସିଆର ସଙ୍କଟ ଯୋଗୁଁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହେଉଥିବାରୁ ଏକ "ଯୁଦ୍ଧବିରତି" ଜରୁରୀ ବୋଲି ସେ ଦୋହରାଇଛନ୍ତି। ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଏହି ପ୍ରସଙ୍ଗରେ ଭାରତର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱକୁ ସମର୍ଥନ କରୁଥିବା ଜଣାପଡ଼ିଛି। ଅନ୍ୟପଟେ, ହର୍ମୁଜ୍ ପ୍ରଣାଳୀ ଅବରୋଧ ଯୋଗୁଁ ବିଶ୍ୱର ଶକ୍ତି ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ଭାରତ କୂଟନୈତିକ ସ୍ତରରେ ନିଜର ପ୍ରୟାସ ଜାରି ରଖିଛି। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ନିରନ୍ତର ଭାବେ ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାଘଚିଙ୍କ ସହ ଯୋଗାଯୋଗରେ ଅଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଇରାନ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରି ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି।

## ଶ୍ରୀଲଙ୍କାରେ ଘୋର ତୈଳ ସଂକଟ

### ପ୍ରତି ବୁଧବାର ଛୁଟି ଘୋଷଣା



ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ଯୁଦ୍ଧର ବଡ଼ ପ୍ରଭାବ ଶ୍ରୀଲଙ୍କା ଉପରେ ପଡ଼ିଛି। ଶ୍ରୀଲଙ୍କାରେ ପେଟ୍ରୋଲ ଓ ଡିଜେଲର ଘୋର ଅଭାବ ଦେଖାଦେଇଛି। ତେଲ ବଞ୍ଚାଇ ରଖିବା ପାଇଁ ଶ୍ରୀଲଙ୍କା ସରକାର ପ୍ରତି ବୁଧବାରକୁ ଛୁଟି ଘୋଷଣା କରିଛନ୍ତି। ଶନିବାର ଓ ରବିବାର ଛୁଟି ସହିତ ବୁଧବାର ଦିନ ମଧ୍ୟ କର୍ମଚାରୀମାନେ ଛୁଟି ପାଇବେ। ଶୁକ୍ରବାର ପରିବର୍ତ୍ତେ ବୁଧବାରକୁ ଛୁଟି ଘୋଷଣା କରିବାର କାରଣ ହେଲା ଲଗାତାର ୩ ଦିନ କାର୍ଯ୍ୟାଳୟ ବନ୍ଦ ରହିଲେ ଲୋକେ ଅଧିକ ଅସୁବିଧାର ସମ୍ମୁଖୀନ ହେବେ। ବର୍ତ୍ତମାନ ସପ୍ତାହକୁ ୪ ଦିନ ଅଫିସ ଖୋଲା ରହିବ ଏବଂ ୩ ଦିନ ଛୁଟି ହେବ। ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ମଧ୍ୟ ଏହି ସପ୍ତାହକୁ ୪ ଦିନିଆ କାର୍ଯ୍ୟଦିବସ ନିୟମ କାର୍ଯ୍ୟକାରୀ ହେବ। ଏଥିସହିତ ଗାଡ଼ି ମାଲିକମାନଙ୍କୁ କଣ୍ଟ୍ରୋଲରେ ପେଟ୍ରୋଲ ଓ ଡିଜେଲ ଯୋଗାଇ ଦିଆଯିବ। ଗାଡ଼ିମାଲିକମାନଙ୍କୁ ଜାତୀୟ ଇନ୍ଧନ ପାସ୍ ଆବେଦନ କରିବାକୁ କୁହାଯାଇଛି। ସେହି ପାସରେ କାର୍ ମାଲିକଙ୍କୁ ୧୫ ଲିଟର ଏବଂ ମୋଟରସାଇକଲ୍ ମାଲିକଙ୍କୁ ୫ ଲିଟରର ଇନ୍ଧନ ଦିଆଯିବ।

## ଏଲପିଜି ବ୍ୟବହାର ୧୮% କମିଲା

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ଏଲ୍ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏଥି ଯୋଗୁଁ ମାର୍ଚ୍ଚ ମାସର ପ୍ରଥମାର୍ଦ୍ଧରେ ଭାରତରେ ରନ୍ଧନ ଗ୍ୟାସ ଏଲ୍ପିଜି ବ୍ୟବହାର ୧୭.୭ ପ୍ରତିଶତ ହ୍ରାସ ପାଇଛି। ମାର୍ଚ୍ଚ ମାସର ପ୍ରଥମ ୧୫ ଦିନରେ ଏଲ୍ପିଜି ବ୍ୟବହାର ୧.୧୪୭ ନିୟୁତ ଟନ୍କୁ ହ୍ରାସ ପାଇଛି, ଯାହା ଗତ ବର୍ଷ ସମାନ ସମୟରେ ବ୍ୟବହୃତ ୧.୩୮୭ ନିୟୁତ ଟନ୍ ତୁଳନାରେ ୧୭.୩ ପ୍ରତିଶତ କମ୍। ସେହିଭଳି ଫେବ୍ରୁଆରି ମାସର ପ୍ରଥମାର୍ଦ୍ଧରେ ୧.୫୫୭ ନିୟୁତ ଟନ୍ ଚାହିଦା ତୁଳନାରେ ୨୬.୩ ପ୍ରତିଶତ କମ୍। ଭାରତ ଏହାର ଏଲପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନି କରେ। ଅଧିକାଂଶ ଏଲ୍ପିଜି ହର୍ମୁଜ୍ ପ୍ରଣାଳୀ ଦେଇ ଆସେ। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ଏବଂ ଏହା ପରେ ତେହେରାନର ପ୍ରତିଆକ୍ରମଣ ଫଳରେ ଏଲ୍ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସରୁ ଯୋଗାଣ ବାଧାପ୍ରାପ୍ତ ହେବା ସହିତ, ଘରୋଇ ରନ୍ଧନ ଗ୍ୟାସ ଉପଲବ୍ଧତାକୁ ଅବ୍ୟାହତ ରଖିବା ପାଇଁ ସରକାର ହୋଟେଲ ଏବଂ ଶିଳ୍ପ ଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲ୍ପିଜି ଯୋଗାଣ ହ୍ରାସ କରିଛନ୍ତି। ବଜାରର ପ୍ରାୟ ୯୦ ପ୍ରତିଶତ ନିୟନ୍ତ୍ରଣ କରୁଥିବା ତିନୋଟି ରାଷ୍ଟ୍ରାୟତ୍ତ ଇନ୍ଧନ ଖୁଚୁରା ବ୍ୟବସାୟୀଙ୍କ ପ୍ରାରମ୍ଭିକ ବିକ୍ରୟ ତଥ୍ୟ ଦର୍ଶାଉଛି ଯେ ମାର୍ଚ୍ଚ ୧ରୁ ୧୫ ମଧ୍ୟରେ ଏଲ୍ପିଜି ବ୍ୟବହାର ୨୦୨୪ର ସମାନ ଅବଧିର ଚାହିଦା ତୁଳନାରେ ୧୬ ପ୍ରତିଶତ ଏବଂ ମାର୍ଚ୍ଚ ୧-୧୫, ୨୦୨୩ ତୁଳନାରେ୧୦.୬ ପ୍ରତିଶତ କମ୍ ଥିଲା। ଯୁଦ୍ଧ ପାଇଁ ଉପସାଗରୀୟ ଦେଶଗୁଡ଼ିକ ସେମାନଙ୍କ ଆକାଶ ମାର୍ଗକୁ ବନ୍ଦ କରିଥିଲେ। ଏଥିପାଇଁ ଚଳିତମାସର ପ୍ରଥମ ୧୫ ଦିନରେ ବିମାନ ଇନ୍ଧନ ବ୍ୟବହାର ଗତବର୍ଷର ଅବଧି ତୁଳନାରେ ୪ ପ୍ରତିଶତ ହ୍ରାସ ପାଇ ୩,୨୭,୯୦୦ ଟନ୍ ରହିଛି। ଏଲ୍ପିଜି ଓ ବିମାନ ଇନ୍ଧନ ବ୍ୟବହାର କରିବା ସମୟରେ ପେଟ୍ରୋଲ ବ୍ୟବହାର ୧୩.୨ ପ୍ରତିଶତ ବୃଦ୍ଧି ପାଇ ୧.୫ ନିୟୁତ ଟନ୍ରେ ଏବଂ ଡିଜେଲ ବ୍ୟବହାର ୮.୨ ପ୍ରତିଶତ ବୃଦ୍ଧି ପାଇ ୩.୩୮୪ ନିୟୁତ ଟନ୍ରେ ପହଞ୍ଚିଛି।




## ଅନିଶ୍ଚିତତାରେ ୟୁଏଇରେ ୮୦୦ ଭାରତୀୟ କମ୍ପାନୀ

ନୂଆଦିଲ୍ଲୀ: ଭାରତୀୟ କଂପାନିଗୁଡ଼ିକ ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶରଏକ ଉତ୍ତମ ଲକ୍ଷ୍ୟସ୍ଥଳ ଭାବେ ବିବେଚିତ ହୋଇଥାଏ। ତେବେ ସଂପ୍ରତି ଜାରି ରହିଥିବା ଇରାନ-ଆମେରିକା ଯୁଦ୍ଧ ଏହି ପୁଞ୍ଜିନିବେଶକାରୀମାନଙ୍କ ଉପରେ ଘୋର ପ୍ରତିକୂଳ ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି ହୋଇଛି। ସେଠାରେ ନିବେଶ କରୁଥିବା ୮୦୦ଟି ଭାରତୀୟ କ୍ଷୁଦ୍ର ଓ ମଧ୍ୟମ କଂପାନି ଏହାକୁ ନେଇ ଏବେ ଚିନ୍ତାରେ ରହିଛନ୍ତି। କାରଣ ଏମାନେ ସେଠାରେ ଗତ ୬ ମାସ ମଧ୍ୟରେ ୧.୩ ବିଲିଅନ୍ ଡଲାରର ପୁଞ୍ଜିନିବେଶ କରି ସାରିଛନ୍ତି। ଏତିକି ବେଳେ ଇରାନ-ଆମେରିକା



ଯୁଦ୍ଧକୁ ନେଇ ନିବେଶକମାନେ ବିପୁଳ କ୍ଷତି ସହିବା ଭଳି ସ୍ଥିତି ଉପୁଜିଲାଣି। ବିଶେଷକରି ରିଟେଲ ଓ ହୋଟେଲ ଶିଳ୍ପରେ ସେଠାରେ ଭାରତୀୟମାନେ ୪୦୦ ନିୟୁତ ଡଲାର ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଭାବେ ବିନିଯୋଗ କରିଛନ୍ତି। ୨୮୦ଟି ଭାରତୀୟ କଂପାନିଙ୍କ ଦ୍ୱାରା ଏହି ପୁଞ୍ଜିନିବେଶ ହୋଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି। ଏପରିକି ଆମେରିକା ପରେ ୟୁଏଇ ଭାରତୀୟ ନିବେଶକାରୀଙ୍କ ଦ୍ୱିତୀୟ ପସନ୍ଦର ନିବେଶସ୍ଥଳୀ ଭାବେ ବିବେଚିତ ହୋଇଥାଏ। ତେବେ କଂପାନିଗୁଡ଼ିକ ବୃହତ ଶିଳ୍ପ ସଂସ୍ଥା ପରିବର୍ତ୍ତେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ହୋଇଥିବାରୁ ଯୁଦ୍ଧ ପ୍ରଭାବରେ ଯଦି ସେଠାରେ ନିବେଶ ବିଫଳ ହୁଏ, ତେବେ କଂପାନିଗୁଡ଼ିକ ଅତି ଦୟନୀୟ ଅବସ୍ଥାକୁ ଚାଲିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଭାରତୀୟ କଂପାନିଗୁଡ଼ିକ ଯୁଦ୍ଧ ପରିସ୍ଥିତରେ ଗ୍ରାହକ ସଂଖ୍ୟା ହ୍ରାସ ଠାରୁ ଆରମ୍ଭ କରି ଉତ୍ପାଦନ, କଞ୍ଚାମାଲ ଯୋଗାଣ ଓ ବିପଣନ ଆଦି ସବୁ ସ୍ତରରେ ପ୍ରଭାବିତ ହେଉଥିବା ଜଣାପଡ଼ିଛି।

## ନିଶ୍ଚିତ ଡେଲିଭରି ସେବା ଆରମ୍ଭ କଲା ଡାକ ବିଭାଗ

ନୂଆଦିଲ୍ଲୀ: ଭାରତୀୟ ଡାକ ବିଭାଗ ପକ୍ଷରୁ ଆଜି ପରବର୍ତ୍ତୀ ଦିନ ନିଶ୍ଚିତ ଡେଲଭିରି ସେବା ଆରମ୍ଭ କରାଯାଇଛି। ଲୋକଙ୍କୁ ତ୍ୱରିତ ସେବା ଯୋଗାଇବା ଲାଗି ବିଭାଗ ଏହି ପଦକ୍ଷେପ ନେଇଛି। ଆଜି ନୂଆଦିଲ୍ଲୀର ଆକାଶବାଣୀ ଭବନର ରଙ୍ଗଭବନ ପ୍ରେକ୍ଷାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଡ ଚନ୍ଦ୍ରଶେଖର ପେମସାନି ଉକ୍ତ ନୂଆ ସେବାର ଶୁଭାରମ୍ଭ କରିଛନ୍ତି। ନୂଆ ସେବା ମଧ୍ୟରେ '୨୪ ସ୍ପିଡ ପୋଷ୍ଟ', '୨୪ ସ୍ପିଡ୍ ପୋଷ୍ଟ ପାର୍ସଲ' ଏବଂ '୪୮ ସ୍ପିଡ୍ପୋଷ୍ଟ' ରହିଛି। ସୂଚନା ଅନୁଯାୟୀ, ୨୪ ସ୍ପିଡ୍ ପୋଷ୍ଟ ଏବଂ ୪୮ ସ୍ପିଡ୍ ପୋଷ୍ଟ ଅଧୀନରେ ଯଥାକ୍ରମେ ସାମଗ୍ରୀ ପ୍ରେରଣର ଗୋଟିଏ ଦିନ ଓ ଦୁଇ ଦିନରେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କ ନିକଟରେ ଏହା ପହଞ୍ଚିବା ବ୍ୟବସ୍ଥା ରହିଛି। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ସେବା ଦେଶର ୬ଟି ମେଟ୍ରୋ ଯଥା ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, କୋଲକାତା ଏବଂ ମୁମ୍ବାଇରେ ଉପଲବ୍ଧ ହେବ। ଏସ୍ଏମ୍ଏସ୍ ଆଲର୍ଟ ସୁବିଧା ମଧ୍ୟ ରହିଛି। ଏଥିସହିତ ଯେଉଁମାନେ ଅଧିକ ସଂଖ୍ୟକ ସାମଗ୍ରୀ ପଠାଇବେ ସେମାନଙ୍କ ପାଇଁ ମାଗଣା ପିକ୍ଅପ୍ ସୁବିଧା ଅଛି।

## ଟ୍ରମ୍ପଙ୍କ କଟାକ୍ଷ : ଚେସବୋର୍ଡରେ ଖେଳୁଛି ଇରାନ

ୱାସିଂଟନ : ଇରାନ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧର ୧୮ତମ ଦିନରେ ପହଞ୍ଚିଛି। ଏହି ସଂଘର୍ଷ ଦିନକୁ ଦିନ ଅଧିକ ଭୟଙ୍କର ହେବାରେ ଲାଗିଛି, କିନ୍ତୁ କୌଣସି ପକ୍ଷ ପଛକୁ ହଟିବାକୁ ପ୍ରସ୍ତୁତ ନୁହନ୍ତି। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପ୍ରଶଂସା କରିଛନ୍ତି। ସେ ଇରାନ ସହିତ ଚାଲିଥିବା ଯୁଦ୍ଧକୁ ଏକ ବଡ଼ ଚେସ୍ ମ୍ୟାଚ୍ ସହିତ ତୁଳନା କରିଛନ୍ତି।ସେ କହିଛନ୍ତି, ମୁଁ ବିଶ୍ୱର ସର୍ବୋଚ୍ଚ ଆଇକ୍ୟୁ ଥିବା ଲୋକଙ୍କ ସହ ଲଢ଼େଇର ସମ୍ମୁଖୀନ ହୋଇଛି। ମୁଁ ଇରାନର ଧୁରନ୍ଧରମାନଙ୍କ ସହ ଚେସବୋର୍ଡରେ ଖେଳୁଛି। ହ୍ୱାଇଟ୍ ହାଉସ୍ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଡୋନାଲ୍ଡ ଟ୍ରମ୍ପ ଇରାନୀ ସାମରିକ କମାଣ୍ଡର ଜେନେରାଲ କାସେମ ସୋଲେମାନୀଙ୍କ ପ୍ରଶଂସା କରି ତାଙ୍କୁ ଜଣେ ଉତ୍କୃଷ୍ଟ ଜେନେରାଲ ବୋଲି କହିଛନ୍ତି। ଯଦି ଆମେ ତାଙ୍କୁ ହତ୍ୟା କରିନଥାନ୍ତୁ, ତେବେ ଆମେ ଆଜି ଯେଉଁଠାରେ ଅଛୁ



ସେଠାରେ ନଥାନ୍ତୁ। ମୋ ପ୍ରଥମ କାର୍ଯ୍ୟକାଳରେ ଆମେ ତାଙ୍କୁ ହତ୍ୟା କରିଥିଲୁ। ବୋମା ବିସ୍ଫୋରଣ ଥିଲା ସୋଲେମାନୀଙ୍କର ମୁଖ୍ୟ ଅସ୍ତ୍ର। ଜେନେରାଲ ସୋଲେମାନୀ ଜଣେ ବିପଦପୂର୍ଣ୍ଣ ବ୍ୟକ୍ତି ଥିଲେ, କିନ୍ତୁ ସେ ଥିଲେ ଜଣେ ମହାନ ଜେନେରାଲ। ମୁଁ ଭାବୁନାହିଁ ଯେ, ଗୁପ୍ତଚରୀ ଦୃଷ୍ଟିରୁ କେହି ଜେନେରାଲ ସୋଲେମାନୀଙ୍କର ସ୍ଥାନ ନେଇପାରିବେ। ଆମେରିକା ଜାନୁଆରି ୨୦୨୦ରେ ଇରାକରେ ଏକ ଡ୍ରୋନ୍ ଆକ୍ରମଣରେ ସୋଲେମାନୀଙ୍କୁ ହତ୍ୟା କରିଥିଲା। ଟ୍ରମ୍ପ କହିଛନ୍ତି, ଇରାନର ପତନ ସେହି ଦିନଠାରୁ ଆରମ୍ଭ ହୋଇଥିଲା। ଟ୍ରମ୍ପଙ୍କୁ ପଚରାଯାଇଥିଲା, ଇରାନ ସହିତ ଯୁଦ୍ଧ ଶୀଘ୍ର ଶେଷ ହେବାକୁ ଯାଉଛି କି? ଉତ୍ତରରେ ଟ୍ରମ୍ପ କହିଥିଲେ, ହଁ, ଏହା ଶୀଘ୍ର ଶେଷ ହେବ। ଏହା ପରେ ଆମ ବିଶ୍ୱ ସୁରକ୍ଷିତ ହେବ। ଏହା କରିବା ମୋର କର୍ତ୍ତବ୍ୟ ଥିଲା। ଟ୍ରମ୍ପ କହିଛନ୍ତି, ଏହା ଏକ ବହୁତ ଉଚ୍ଚସ୍ତରୀୟ ଚେସ୍ ଖେଳ। ମୁଁ ବହୁତ ଚତୁର ଖେଳାଳିଙ୍କ ବିପକ୍ଷରେ ଅଛି। ସେମାନେ ବହୁତ ଚତୁର ଲୋକ। ସେମାନେ ଉଚ୍ଚ ବୌଦ୍ଧିକ କ୍ଷମତା ଏବଂ ବହୁତ ଉନ୍ନତ ଆଇକ୍ୟୁ ଥିବା ଲୋକ। କିନ୍ତୁ ସେମାନେ ହିଂସାତ୍ମକ ଏବଂ ଦୁଷ୍ଟ ମଧ୍ୟ ବୋଲି ଟ୍ରମ୍ପ କହିଛନ୍ତି।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ମହିଳାଙ୍କୁ ମିଳିବ ମାତୃତ୍ୱ ଛୁଟି

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ଶିଶୁ ପୋଷ୍ୟ ଗ୍ରହଣ କରୁଥିବା ମହିଳାମାନଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶୀର୍ଷକୋର୍ଟ କହିଛନ୍ତି, ସେଭଳି ମା'ମାନଙ୍କୁ ପ୍ରସବକାଳୀନ ଛୁଟିରୁ ବଞ୍ଚିତ କରାଯାଇପାରିବ ନାହିଁ। ପ୍ରସବ କରୁଥିବା ମା'ମାନଙ୍କ ପରି ପାଳିତ ମା'ମାନଙ୍କର ମଧ୍ୟ ସମାନ ଅଧିକାର ଅଛି। ତିନି ମାସରୁ ଅଧିକ ବୟସର ପିଲାମାନଙ୍କୁ ଗ୍ରହଣ କରୁଥିବା ମହିଳାମାନଙ୍କୁ ପ୍ରସବକାଳୀନ ଛୁଟିରୁ ବଞ୍ଚିତ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପିତୃତ୍ୱ ଛୁଟି ନୀତି କାର୍ଯ୍ୟକାରୀ କରିବା ବିଷୟରେ ବିଚାର କରିବାକୁ ଅନୁରୋଧ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପ୍ରସବକାଳୀନ ସୁରକ୍ଷା ଏକ ମୌଳିକ ମାନବିକ ଅଧିକାର।୩ ମାସରୁ ଅଧିକ ବୟସର ଶିଶୁକୁ ପୋଷ୍ୟ ଗ୍ରହଣ କରୁଥିବା ମହିଳାଙ୍କୁ ପ୍ରସୂତି ଛୁଟିରୁ ବଞ୍ଚିତ କରାଯାଇପାରିବ ନାହିଁ। ପରିବାର ଗଠନର ଅଣ-ଜୈବିକ ଉପାୟଗୁଡ଼ିକ



ସମାନ ଭାବରେ ଆଇନଗତ। ଜୈବିକ କାରଣଗୁଡ଼ିକ ନିଜେ ଏକ ପରିବାର ସୃଷ୍ଟି କରନ୍ତି ନାହିଁ। ଜଣେ ପାଳିତ ଶିଶୁ ଜଣେ ଜୈବିକ ଶିଶୁଠାରୁ ଭିନ୍ନ ନୁହେଁ। ପ୍ରଜନନ ସ୍ୱାୟତ୍ତତାର ଅଧିକାର କେବଳ ଜୈବିକ ପ୍ରଜନନ ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ଜଣେ ପାଳିତ ମା ଏବଂ ଜଣେ ଜୈବିକ ମା ମଧ୍ୟରେ ପାର୍ଥକ୍ୟକୁ ଚିହ୍ନିପାରୁଛୁ, କିନ୍ତୁ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ସମୟରେ ଆମକୁ ଆଇନର ଉଦ୍ଦେଶ୍ୟ ମଧ୍ୟ ଦେଖିବାକୁ ପଡିବ। ସୁପ୍ରିମକୋର୍ଟ ସାମାଜିକ ସୁରକ୍ଷା ସଂହିତା, ୨୦୨୦ର ଧାରା ୬୦(୪)କୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି, ଏହାକୁ ଧାରା ୧୪ ଅର୍ଥାତ୍ ସମାନତା ଏବଂ ୨୧ ଅର୍ଥାତ୍ ଜୀବନର ଅଧିକାରର ଉଲ୍ଲଙ୍ଘନକାରୀ ବୋଲି ଦର୍ଶାଇଛନ୍ତି। ଏହି ଆଇନ ଅନୁଯାୟୀ, ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ମା କେବଳ ୩ ମାସରୁ କମ୍ ବୟସର ପିଲାମାନଙ୍କୁ ଯଦି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଥିଲେ, ତେବେ ତାଙ୍କୁ ମାତୃତ୍ୱ ଲାଭ ପ୍ରଦାନ କରାଯିବ। ମହିଳାଙ୍କ ପ୍ରତି ଭେଦଭାବ କ'ଣ ଧାରା ୧୪ର ଉଲ୍ଲଂଘନ ନୁହେଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟ ତାଙ୍କ ଆଦେଶ ପ୍ରଦାନ କରିବା ସମୟରେ କହିଛନ୍ତି, ମାତୃତ୍ୱ ଛୁଟି ମାନବାଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଆମେ ଏହି ଦୃଷ୍ଟିକୋଣ ସହିତ ସହମତ ଯେ ଜୈବିକ ମା"" ଏବଂ ପାଳିତ ମା""ମାନେ ସମାନ ସ୍ତରରେ ନାହାନ୍ତି। ନ୍ୟାୟମୂର୍ତ୍ତି ଜେ.ବି. ପାରଦିୱାଲା ରାୟ ପ୍ରଦାନ କରିବା ସମୟରେ କହିଛନ୍ତି, ଆମେ ବିଚାର କରିଛୁ ୩ ମାସର ନିର୍ଦ୍ଧାରିତ ବୟସ ସୀମା ଧାରା ୧୪ ର ଉଲ୍ଲଙ୍ଘନ ଭାବରେ ବିବେଚିତ ହେବ କି, ଯାହା ମହିଳାଙ୍କ ପ୍ରତି ପକ୍ଷପାତିତା ସୃଷ୍ଟି କରିବ। ୩ ମାସର ବୟସ ସୀମାକୁ ପାଳିତ ମା""ଙ୍କ ପ୍ରଜନନ ସ୍ୱାୟତ୍ତତା ଅଧିକାର ଏବଂ ଶିଶୁର ଆତ୍ମନିର୍ଣ୍ଣୟର ଅଧିକାରକୁ ଉଲ୍ଲଙ୍ଘନ ବୋଲି କୁହାଯାଇପାରିବ କି।

## ଭବାନୀପୁରରୁ ଲଢିବେ ମମତା

କୋଲକାତା: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ସୋମବାର ବିଜେପି ବଙ୍ଗଳାରେ ୧୪୪ ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଏଥିରେ ଶୁଭେନ୍ଦୁ ଅଧିକାରୀଙ୍କ ନାଁ ମଧ୍ୟ ଥିଲା। ସେ ନନ୍ଦିଗ୍ରାମ ଆସନରୁ ପ୍ରାର୍ଥୀ ହୋଇଛନ୍ତି, ଯେଉଁଠାରୁ ସେ ଗତ ଥର ମମତା ବାନାର୍ଜୀଙ୍କୁ ପରାସ୍ତ କରିଥିଲେ। ଏହା ବ୍ୟତୀତ ସେ ଭବାନୀପୁରରୁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ଯେଉଁଠାରୁ ମମତା ବାନାର୍ଜୀ ବର୍ତ୍ତମାନ ବିଧାୟକ ଅଛନ୍ତି। ଏବେ ମମତା ବାନାର୍ଜୀ ମଧ୍ୟ ଘୋଷଣା କରିଛନ୍ତି ଯେ, ସେ ନିଜେ ଭବାନୀପୁରରୁ ଲଢ଼ିବେ। ମମତା ବାନାର୍ଜୀ ନନ୍ଦିଗ୍ରାମରୁ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିବାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ଏଥର ଭବାନୀପୁରରେ ହାଇଭୋଲଟେଜ୍ ପ୍ରତିଯୋଗିତା ଦେଖିବାକୁ ମିଳିବ ବୋଲି ବିଶ୍ୱାସ କରାଯାଉଛି।

## ସୁପ୍ରିମକୋର୍ଟରେ ୩,୫୦୦ରୁ ଅଧିକ ଜନସ୍ୱାର୍ଥ ମାମଲା ବିଚାରାଧୀନ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ମୁଖ୍ୟତଃ ସାମ୍ବିଧାନିକ ବ୍ୟାଖ୍ୟା ଏବଂ ଜରୁରୀ ଫୌଜଦାରୀ ଆବେଦନର ମାମଲା ପାଇଁ ଉତ୍ତରଦାୟୀ। ତଥାପି, ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବର୍ତ୍ତମାନ ୩,୫୦୦ରୁ ଅଧିକ ଜନସ୍ୱାର୍ଥ ମାମଲା(ପିଆଇଏଲ୍)ରେ ଭାରାକ୍ରାନ୍ତ। ଏଥିମଧ୍ୟରୁ ୬୯୮ଟି ଆବେଦନ ୧୦ ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ଅଛି। ସବୁଠାରୁ ପୁରୁଣା ଆବେଦନର ନିଷ୍ପତ୍ତି ୪୨ ବର୍ଷ ଧରି ନିଆଯାଇ ପାରିନାହିଁ। ଆଇନ ମନ୍ତ୍ରଣାଳୟ ଦ୍ୱାରା ସେୟାର କରାଯାଇଥିବା ସୂଚନା ଅନୁଯାୟୀ, ଏହି ଜନସ୍ୱାର୍ଥ ମାମଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ପରିବେଶ, ଭୂମି ଆଇନ ଏବଂ କୃଷି ମାମଲା ସହିତ ଜଡିତ।

ସାମ୍ବିଧାନିକ ଅଦାଲତ ୨୦୨୫ ମସିହାରେ ସର୍ବାଧିକ ୫୭୦ଟି ପିଆଇଏଲ୍ ଗ୍ରହଣ କରିଥିଲେ। ଏହା ସୁପ୍ରିମକୋର୍ଟଙ୍କର ମାମଲା ସଂଖ୍ୟାକୁ ୮ ହଜାରରୁ ଅଧିକ ବୃଦ୍ଧି କରିଥିଲା। ସୁପ୍ରିମକୋର୍ଟ ଗତ ପାଞ୍ଚ ବର୍ଷ ମଧ୍ୟରେ ୧,୮୭୨ ଟି ପିଆଇଏଲ୍ର ସମାଧାନ କରିବାରେ ସଫଳ ହୋଇଛନ୍ତି। ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଲୋକସଭାକୁ ସୂଚନା ଦେଇଥିଲେ ଯେ ମାର୍ଚ୍ଚ ୧୦ ସୁଦ୍ଧା ସୁପ୍ରିମକୋର୍ଟରେ ପଡ଼ି ରହିଥିବା ପିଆଇଏଲର ସଂଖ୍ୟା ୩,୫୨୫ ଥିଲା। ପିଆଇଏଲ୍ର ସମାଧାନ ପାଇଁ ହାରାହାରି କେତେ ସମୟ ଲାଗିବ ତାହା ଜଣାନାହିଁ। କେନ୍ଦ୍ର ମନ୍ତ୍ରୀଙ୍କ ଅନୁସାରେ ୨୦୧୪ ପରଠାରୁ ସର୍ବାଧିକ ସଂଖ୍ୟକ ପିଆଇଏଲ୍ ୨୦୨୫ରେ ଦାଖଲ ହୋଇଥିବା ରିପୋର୍ଟ କରାଯାଇଛି। ୨୦୨୫ ମସିହାରେ ମୋଟ ୫୭୦ଟି ଆବେଦନ ଦାଖଲ ହୋଇଛି। ଏହା ପରେ, ୨୦୧୯ରେ ୩୪୭ଟି ଆବେଦନ ଦାଖଲ ହୋଇଥିଲା। ୨୦୨୦ ମସିହାରେ ୩୦୬ଟି ଏବଂ ୨୦୨୬ ମସିହାରେ ୨୯୩ଟି ଆବେଦନ ଦାଖଲ ହୋଇଥିଲା। ସୁପ୍ରିମକୋର୍ଟରେ ବିଚାରାଧୀନ ସବୁଠାରୁ ପୁରୁଣା ଜନସ୍ୱାର୍ଥ ମାମଲା ୧୯୮୪ ମସିହାରେ ଦାୟର ହୋଇଥିଲା। ଯେତେବେଳେ ଅନ୍ୟ ଦୁଇଟି ଆବେଦନ ୧୯୮୫ ମସିହାରୁ ବିଚାରାଧୀନ ଅଛି। ଏହି ତିନୋଟି ଆବେଦନ ଏମ୍ସି ମେହେଟ୍ଟା ବନାମ ଭାରତ ସଂଘ ସହିତ ଜଡିତ। ସେଥିମଧ୍ୟରୁ ଦୁଇଟି ପରିବେଶଗତ ଆଇନ ସହିତ ଜଡିତ ଏବଂ ଗୋଟିଏ ଗୃହ ଓ କୋଠା ନଗରପାଳିକା ଆଇନ ସହିତ ଜଡିତ। ସେହିପରି କୋର୍ଟ ଅବମାନନା ସମ୍ପର୍କିତ ଦୁଇଟି ପିଆଇଏଲ୍ ବିଚାରାଧୀନ ଅଛି। ସେଥିମଧ୍ୟରୁ ଗୋଟିଏ ମହମ୍ମଦ ହାସିମ (ମୃତ) ମାମଲାରେ ଇକବାଲ ଅନସାର ବନାମ କଲ୍ୟାଣ ସିଂହ ଏବଂ ଅନ୍ୟଟି ଏସ.ବି. ଚୌହାନ ବନାମ ଅସଲମ ଭୁରେ ଯଥାକ୍ରମେ ୧୯୯୫ ଏବଂ ୧୯୯୬ ମସିହାରୁ ବିଚାରାଧୀନ ଅଛି। ଏହି ଜନସ୍ୱାର୍ଥ ମାମଲା ଦାୟର କରିଥିବା ଅନେକ ଲୋକଙ୍କ ମୃତ୍ୟୁ ହୋଇସାରିଛି। କିନ୍ତୁ ସେମାନଙ୍କ ମାମଲା ଏପର୍ଯ୍ୟନ୍ତ ବିଚାରାଧୀନ ଅଛି।

### ହରିୟାଣା ରାଜ୍ୟସଭା ନିର୍ବାଚନ

## ଗୋଟିଏ ଲେଖା ଆସନ ପାଇଲେ କଂଗ୍ରେସ ଓ ବିଜେପି

ଚଣ୍ଡୀଗଡ଼ : ଶେଷରେ ହରିୟାଣା ସସ୍ପେନ୍ସର ଅନ୍ତ ଘଟିଛି। ଦୁଇଟି ରାଜ୍ୟସଭା ଆସନରୁ ଗୋଟିଏ ବିଜେପି ପାଇଥିବା ବେଳେ ଅନ୍ୟଟିରେ ଅଳ୍ପ ବ୍ୟବଧାନରେ କଂଗ୍ରେସ ଜିତିବାରେ ସଫଳ ହୋଇଛି। ଭୋଟ୍ ଗୋପନୀୟତା ଉଲ୍ଲଂଘନ ଅଭିଯୋଗରେ ଅଚଳାବସ୍ଥା ଦେଖା ଦେଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ସମାଧାନ ହୋଇଥିଲା। ସର୍ବଶେଷ ରିପୋର୍ଟ ଅନୁଯାୟୀ, ଭାରତୀୟ ଜନତା ପାର୍ଟି (ବିଜେପି)ର ସଞ୍ଜୟ ଭାଟିଆ ଓ କଂଗ୍ରେସର କରମବୀର ସିଂହ ବୌଦ୍ଧ ହରିୟାଣାରୁ ରାଜ୍ୟସଭା ଆସନକୁ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ନିର୍ବାଚନରେ ତୀବ୍ର ରାଜନୈତିକ ନାଟକ ଦେଖିବାକୁ ମିଳିଥିଲା, ଭୋଟ୍ ଗୋପନୀୟତା ଉଲ୍ଲଂଘନ ନେଇ ଉଭୟ ବିଜେପି ଓ କଂଗ୍ରେସର ଅଭିଯୋଗ ହେତୁ ପ୍ରାୟ ୫.୫ ଘଣ୍ଟା ବିଳମ୍ବ ପରେ ଭୋଟ୍ ଗଣନା ଆରମ୍ଭ ହୋଇଥିଲା। ମୂଳତଃ ଅପରାହ୍ଣ ୪ଟାରେ ମତଦାନ ଶେଷ ହେବା ପରେ ଅପରାହ୍ଣ ୫ଟାରେ ଗଣତି ହେବା କଥା। କିନ୍ତୁ ବିଳମ୍ବରେ ଗଣତି ହୋଇ ଶେଷରେ ରାତ୍ରି ପ୍ରାୟ ୨ଟା ସମୟରେ ଫଳାଫଳ ଘୋଷଣା କରାଯାଇଥିଲା। ଭାଟିଆଙ୍କ ବିଜୟ ମୁଖ୍ୟତଃ ନିଶ୍ଚିତ ବୋଲି ଦେଖାଯାଉଥିବାବେଳେ ଦ୍ୱିତୀୟ ଆସନ ପାଇଁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବୌଦ୍ଧ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସତୀଶ ନନ୍ଦଲଙ୍କ ବିରୋଧରେ ଅଳ୍ପ ବ୍ୟବଧାନରେ ବିଜୟ ହାସଲ କରିଥିଲେ। ୯୦ ବିଧାୟକଙ୍କ ମଧ୍ୟରୁ ୮୩ଟି ବୈଧ ଭୋଟ୍ ମିଳିଥିବା ବେଳେ ଇଣ୍ଡିଆନ୍ ନ୍ୟାସନାଲ ଲୋକ ଦଳ (ଆଇଏନ୍ଏଲ୍ଡି)ର ୨ ଜଣ ବିଧାୟକ ଭୋଟ୍ ନ ଦେବାକୁ ନିଷ୍ପତ୍ତି ନେଇଥିବା ବେଳେ କଂଗ୍ରେସର ୪ ଜଣ ଓ ବିଜେପିର ଜଣେ ବିଧାୟକଙ୍କ ଭୋଟ୍ ଅବୈଧ ଘୋଷଣା କରାଯାଇଥିଲା। ଆନୁପାତିକ ପ୍ରତିନିଧିତ୍ୱ ସୂତ୍ର ଅନୁଯାୟୀ, ବିଜୟ ହାସଲ କରିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୨,୭୬୭ ଭୋଟ୍ ମୂଲ୍ୟ ଆବଶ୍ୟକ ଥିଲା।

# ମହାରାଷ୍ଟ୍ରରେ ଧର୍ମ ସ୍ୱାଧୀନତା ବିଲ୍ ପାରିତ

ମୁମ୍ବାଇ : ସୋମବାର ରାତିରେ ମହାରାଷ୍ଟ୍ର ବିଧାନସଭା ସ୍ୱର ଭୋଟ୍ ମାଧ୍ୟମରେ ଧର୍ମ ସ୍ୱାଧୀନତା ବିଲ୍ ୨୦୨୬ ପାରିତ କରିଛି, ଯେଉଁଥିରେ ଜବରଦସ୍ତି, ଠକେଇ କିମ୍ବା ପ୍ରଲୋଭନ ମାଧ୍ୟମରେ ଧର୍ମ ପରିବର୍ତ୍ତନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କଠୋର ବ୍ୟବସ୍ଥା ରହିଛି। ବିଲ୍ ଅନୁଯାୟୀ, ବିବାହ ବାହାନାରେ ବେଆଇନ ଧର୍ମାନ୍ତର କରୁଥିବା ବ୍ୟକ୍ତିଙ୍କୁ ୭ ବର୍ଷ ଜେଲ ଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ। ନାବାଳକ, ଅସୁସ୍ଥ ମାନସିକ ବ୍ୟକ୍ତି, ମହିଳା କିମ୍ବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ବ୍ୟକ୍ତିଙ୍କୁ ଧର୍ମାନ୍ତରିତ କଲେ ୭ ବର୍ଷ ଜେଲ ଦଣ୍ଡ ଓ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ




ପଡ଼ିବ। ସାମୂହିକ ଧର୍ମାନ୍ତର ପାଇଁ ସାତ ବର୍ଷ ଜେଲ ଦଣ୍ଡ ଓ ୫ ଲକ୍ଷ ଟଙ୍କା ଜରିମାନା ହେବ। ଏହି ବିଲ୍ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଲେ ୧୦ ବର୍ଷ ଜେଲ ଦଣ୍ଡ ଓ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ବିଧାନସଭାରେ କହିଛନ୍ତି ଯେ, ମହାରାଷ୍ଟ୍ରରେ ପ୍ରସ୍ତାବିତ ଧର୍ମ ପରିବର୍ତ୍ତନ ନିରୋଧୀ ଆଇନ କୌଣସି ନିର୍ଦ୍ଦିଷ୍ଟ ଧର୍ମ ବିରୋଧରେ ନୁହେଁ ଏବଂ ଏହାର ଉଦ୍ଦେଶ୍ୟ କେବଳ ବଳ, ଠକେଇ କିମ୍ବା ପ୍ରଲୋଭନ ମାଧ୍ୟମରେ ଧର୍ମ ପରିବର୍ତ୍ତନକୁ ରୋକିବା। ସେ ଉଲ୍ଲେଖ କରିଥିଲେ ଯେ ଓଡ଼ିଶା, ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, କର୍ଣ୍ଣାଟକ ଓ ଝାଡ଼ଖଣ୍ଡ ସମେତ ଅନେକ ରାଜ୍ୟ ମଧ୍ୟ ସମାନ ଆଇନ ପ୍ରଣୟନ କରିସାରିଛନ୍ତି। ଏହି ବିଲ୍ ସମ୍ବିଧାନର ଧାରା ୨୫ ଅନୁଯାୟୀ ଗ୍ୟାରେଣ୍ଟି ଅନୁଯାୟୀ ଜଣେ ବ୍ୟକ୍ତିର ଧର୍ମ ଅନୁସରଣ କରିବାର ଅଧିକାରକୁ ସୀମିତ କରେ ନାହିଁ। ଧର୍ମ ଅଧିକାରରେ ବଳପୂର୍ବକରଣ, ଭୁଲ ଉପସ୍ଥାପନା, ଠକେଇ କିମ୍ବା ପ୍ରଲୋଭନ ମାଧ୍ୟମରେ ଅନ୍ୟ ଜଣଙ୍କୁ ଧର୍ମ ପରିବର୍ତ୍ତନ କରିବାର ଅଧିକାର ଅନ୍ତର୍ଭୁକ୍ତ ନୁହେଁ ବୋଲି ଫଡନାଭିସ୍ ସୁପ୍ରିମ୍କୋର୍ଟଙ୍କ ରାୟକୁ ଦର୍ଶାଇଛନ୍ତି। ଏହା ପୂର୍ବରୁ ଫଡନାଭିସ୍ ଗଣମାଧ୍ୟମକୁ କହିଥିଲେ ଯେ, ଅନେକ ମହିଳାଙ୍କୁ ସମ୍ପର୍କ ପାଇଁ ପ୍ରଲୋଭିତ କରାଯାଇଛି, ବିବାହ କରାଯାଇଛି ଓ ପରେ ପରିତ୍ୟାଗ କରାଯାଇଛି। ଜାଲିଆତି ଧର୍ମ ପରିବର୍ତ୍ତନ ବିରୋଧରେ ବିଲ୍ ଏହି ସମସ୍ୟାର ସମାଧାନ ଓ ଏହିପରି ପ୍ରଥାକୁ ରୋକିବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିରୋଧୀ ଦଳମାନେ ଭୋଟ୍ ବ୍ୟାଙ୍କ ଲାଭ ପାଇଁ ଏହି ପ୍ରସଙ୍ଗକୁ ରାଜନୀତିକରଣ କରୁଛନ୍ତି, କିନ୍ତୁ ଥରେ ସେମାନେ ଏହି ବିଲକୁ ଧ୍ୟାନର ସହ ପଢ଼ିଲେ, ସେମାନଙ୍କର କୌଣସି ଆପତ୍ତି ରହିବ ନାହିଁ।

# ଆଜିଠୁ କଳିଙ୍ଗରେ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍

## ଭାଗ ନେବେ ୨୮ ରାଜ୍ୟର ୧୪୬୦ କ୍ରୀଡ଼ାବିତ୍

ଭୁବନେଶ୍ୱର, ୧୭।୩(ସବ୍ୟୁ) : ଭାରତୀୟ ପାରାଲିମ୍ପି କମିଟି, ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ ଓଡିଶା ଏବଂ କ୍ରୀଡା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ

- ▸▸ ୧୪୫ ପଦକ ପାଇଁ ଲଢେଇ
- ▸▸ ଓଡିଶାରୁ ୪୦ ପ୍ରତିଯୋଗୀ
- ▸▸ ୨୦୨୨ ପରେ ୨୦୨୬ରେ ମେଗା ଇଭେଣ୍ଟ

ବୁଧବାର ଠାରୁ ୨୪ ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ ଆରମ୍ଭ ହେବାକୁ ଯାଉଛି। ୨୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୨୮ ରାଜ୍ୟର ୧୪୬୦ ଜଣ ପାରା କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ଏମାନଙ୍କ ମଧ୍ୟରେ ୧୪୫ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ। ବୁଧବାର ଅପରାହ୍ନରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାରେ ଦ୍ୱିତୀୟ ଥର ଆୟୋଜନ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ମଙ୍ଗଳବାର ଭୁବନେଶ୍ୱରର ଏକ ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିଆଇ ଅଧ୍ୟକ୍ଷ ସତ୍ୟ ନାରାୟଣ, ପାରା ସ୍ପୋର୍ଟ୍ସ ଅଫ ଆସୋସିଏସନ୍ ଅଫ ଓଡିଶାର ସଭାପତି କମଳାକାନ୍ତ ରଥ, ରାଜ୍ୟ କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ପାରା ଏସିୟାନ ଗେମ୍ସ ପଦକ ବିଜୟିନୀ ଜୟନ୍ତୀ ବେହେରା ଏବଂ ପାରାଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ




ତଥା ଆୟୋଜନ କମିଟି ସମ୍ପାଦକ ସୁନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ପାରା ସ୍ପୋର୍ଟ୍ସରେ ଭାରତ ଆଗେଇ ଚାଲିଥିବା ବେଳେ ଓଡିଶାର ଏଥିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି ବୋଲି ସତ୍ୟନାରାୟଣ କହିଥିଲେ। ସେହିଭଳି ପାରା କ୍ରୀଡାବିତଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟାଡିୟମ ନିର୍ମାଣ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ରହିବାର ବ୍ୟବସ୍ଥା, ବିଭିନ୍ନ ଏଚପିସିରେ ପ୍ରଶିକ୍ଷଣ ସୁଯୋଗ ପ୍ରଦାନ କରିବା ପ୍ରସ୍ତାବ ଏବେ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ଥିବା ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ।

ସାରା ଦେଶରୁ ବଛାବଛା ପାରା ଆଥଲେଟମାନଙ୍କୁ ନେଇ ଆୟୋଜନ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡିଶାରୁ ୪୦ ଜଣ ଅଂଶଗ୍ରହଣ କରିବେ। ଏଥର ହରିୟାଣା ସବୁଠୁ ବଡ ଦଳ ପଠାଇଛି। ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପରୁ ଗ୍ଲାସଗୋରେ ଖେଳାଯିବାକୁ ଥିବା ରାଜ୍ୟ ଗୋଷ୍ଠୀ ପାରା କ୍ରୀଡା ସହ ଜାପାନରେ ଆୟୋଜନ ହେବାକୁ ଥିବା ଏସୀୟ ପାରା କ୍ରୀଡା ଲାଗି ସମ୍ଭାବ୍ୟ ଭାରତୀୟ ଦଳ ଚୟନ ହେବ। ମେୟାପାନ ଥଙ୍ଗଭେଲୁ, ସୁମିତ ଅନ୍ତିଲ, ନବଦୀପ ସିଂ, ପ୍ରବୀଣ କୁମାର ପ୍ରୀତିପାଇ, ଶୈଳେଶ କୁମାର, ରୋହିତ କୁମାର, ପୁନମ ଲକ୍ଷ୍ମୀ, ଜୟନ୍ତୀ ବେହେରା, ଦେବେନ୍ଦ୍ର ସିଂ ଗୁଜର ଓ ଯୋଗେଶଙ୍କ ଭଳି ଏଲିଟ ପାରା ଆଥଲେଟ କଳିଙ୍ଗ ଷ୍ଟାଡିୟମରେ ନିଜର ଦକ୍ଷତା ଦେଖାଇବେ। ଏସୀୟ ପାରା କ୍ରୀଡା ପଦକ ବିଜୟିନୀ ଜୟନ୍ତୀ ବେହେରା ସ୍ଥାନୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ଗତ ୨୦୨୪ ପାରାଲିମ୍ପିକ୍ସରେ ଭାରତ ୨୯ ପଦକ ଜିତି ଇତିହାସ ରଚିଥିଲା। ଗତଥର ତାମିଲନାଡୁରେ ଆୟୋଜିତ ୨୩ତମ ଜାତୀୟ ପାରା ଆଥଲେଟିକ୍ସରେ ଓଡିଶାର ୩୨ ଜଣିଆ ଦଳ ଭାଗ ନେଇ ୪ ଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ମୋଟ ୭ ଟି ପଦକ ଜିତିଥିଲା। ଏଥର ଘରୋଇ ପରିବେଶରେ ପଦକ ସଂଖ୍ୟା ବଢିବ ବୋଲି ଆଶା କରାଯାଉଛି। ଶେଷଥର ପାଇଁ ଓଡିଶାରେ ୨୦୨୨ ରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପୁଣି ୨୦୨୬ରେ ଦ୍ୱିତୀୟ ଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ଜାତୀୟ ପାରା ଆଥଲେଟିକ୍ସ ଆୟୋଜନ ହେବାକୁ ଯାଉଛି।

### ପ୍ରଶାନ୍ତ ମହାପାତ୍ର - ସୁବାଶିଷ ଭୂୟାଁ ସ୍ମାରକୀ ମୁକ୍ତେଶ୍ୱର କପ୍

# ସେମିରେ ମୁକ୍ତେଶ୍ୱର

ଭୁବନେଶ୍ୱର, ୧୭।୩(ସବ୍ୟୁ) : ସ୍ଥାନୀୟ ବିଜେବି କଲେଜ୍ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ସୁବାଶିଷ ଭୂୟାଁ ସ୍ମାରକୀ ମୁକ୍ତେଶ୍ୱର କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲରେ ମୁକ୍ତେଶ୍ୱର କ୍ଲବ ବିଜୟୀ ହୋଇଛି। ଏହି ମ୍ୟାଚରେ ମୁକ୍ତେଶ୍ୱର ୪ ୱିକେଟରେ ସହିଦ ସ୍ପୋର୍ଟିଂକୁ ଧରାଶାୟୀ କରିଥିଲା। ଟସ୍ ଜିତି ସହିଦ ସ୍ପୋର୍ଟିଂ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୪୦ ଓଭରରେ ୨୧୦ ରନ କରି ଅଲଆଉଟ୍ ହୋଇଥିଲା। ଦିବ୍ୟାଜ୍ୟୋତି ଦାସ ୧୧୭ ବଲରୁ ୧୦୧ ରନର ଶତକୀୟ ଇନିଂସ ଖେଳିଥିଲେ। ମୁକ୍ତେଶ୍ୱରର ପ୍ରତୀକ ସ୍ୱାଇଁ ୩ ୱିକେଟ୍ ତଥା ଶ୍ରୀରାଜ ପଟ୍ଟନାୟକ, ଆଶୁତୋଷ ମାରାଣ୍ଡି ଓ ଅଭିନବ ନନ୍ଦ ପ୍ରତ୍ୟେକ ଦୁଇ ୱିକେଟ୍ ସଫଳତା ହାସଲ କରିଥିଲେ। ଜବାବ୍‌ରେ ମୁକ୍ତେଶ୍ୱର ୩୮




ଓଭରରେ ୬ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନୁରାଗ ଷଡଙ୍ଗୀ ୯୩ ବଲରୁ ୯୬ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ହିମାଂଶୁ ବିଷ୍ଟ ୧୯ ବଲରୁ ୨୯ ରନ କରିଥିଲେ। ବିଜୟୀ ଦଳର ଅନୁରାଗ ଷଡଙ୍ଗୀଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁକ୍ତେଶ୍ୱର କ୍ଲବର ଉପଦେଷ୍ଟା ପ୍ରକାଶ ଦାସ, ସଦସ୍ୟ ଅଶୋକ ପଣ୍ଡା ଓ ପ୍ରିୟଦର୍ଶୀ ପାଲ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଓ ରାଉରକେଲା ୟୁଥ କ୍ରିକେଟ୍ କ୍ଲବ ମଧ୍ୟରେ ଖେଳାଯିବ।

# ଧୋନୀ କୋଚ୍ ହେଲେ ମୁଁ ଜବାବ୍ ଦେବି : ଗମ୍ଭୀର

ନୂଆଦିଲ୍ଲୀ, ୧୭।୩(ଏଜେନ୍ସି) : ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଓ କୋଚ୍ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଭାରତୀୟ ଦଳ ଟି -୨୦ ବିଶ୍ୱକପ୍






ଚାମ୍ପିଅନ ହୋଇଥିଲା। ଦଳ ବିଶ୍ୱ ବିଜେତା ହେବା ପରେ ମହେନ୍ଦ୍ର ସିଂ ଧୋନୀ ଅଭିନନ୍ଦନ ଜଣାଇଥିଲେ। କୋଚ୍ ଗମ୍ଭୀରଙ୍କୁ ପ୍ରଶଂସା କରିବା ସହ ମଜାଳିଆ ମନ୍ତବ୍ୟ ମଧ୍ୟ ଦେଇଥିଲେ। ଯାହା ଉପରେ ପ୍ରତିକ୍ରିୟା ରଖିଛନ୍ତି ଗମ୍ଭୀର। ଗମ୍ଭୀର କହିଛନ୍ତି ଦିନ ଆସିବ ଧୋନୀ ଭାରତୀୟ ଦଳର କୋଚ ହେବେ। ସେହି ସମୟରେ ଧୋନୀ ଆଜି ଯାହା କହୁଛନ୍ତି ତାହା ଗମ୍ଭୀର ସେ ସମୟରେ କହିବେ। ଧୋନୀ ଅହମ୍ମଦାବାଦରେ ଫାଇନାଲ ମ୍ୟାଚ ଦେଖିଲେ। ଏହା ଖୁବ୍ ଖୁସିର କଥା। ସେ ମୋତେ ହସିବାକୁ କହିଛନ୍ତି। ଏହା ଭଲ କଥା। ଧୋନୀ କହିଥିଲେ କୋଚ୍ ଆପଣଙ୍କ ମୁହଁରେ ହସ ଭଲ ଲାଗେ। ଆପଣ କିଲର ସ୍ମାଇଲ୍ ଦିଅନ୍ତି। ଏହାର ଉତ୍ତରରେ ପଡିଆରେ ଧୋନୀଙ୍କୁ ଦେଖି ହସି ହସି ମଜାଳିଆ ଢଙ୍ଗରେ ଜବାବ୍ ଦେଇଥିଲେ। ୨୦୨୦ରେ ଧୋନୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏବେବି ଆଇପିଏଲରେ ସେ ସକ୍ରିୟ ଅଛନ୍ତି। ୪୪ ବର୍ଷରେ ସେ ଚେନ୍ନାଇ ସୁପରକିଂସର ନେତୃତ୍ୱ ନେଇଛନ୍ତି। ଅନ୍ୟ ଦିଗରେ ଗମ୍ଭୀର ୨୦୨୭ ପର୍ଯ୍ୟନ୍ତ ଭାରତୀୟ ଦଳର ମୁଖ୍ୟ କୋଚ୍ ରହିବେ। ଏହା ସହ ସେ ପ୍ରଥମ କୋଚ୍ ଭାବେ ଦୁଇଟି ବଡ ଆଇସିସି ଟ୍ରଫି ଦଳକୁ ଜିତାଇବାରେ ରେକର୍ଡ କରିଛନ୍ତି।

# ଆଇପିଏଲ୍ ପାଇଁ ବିସିସିଆଇର କଡା ନିୟମ

ନୂଆଦିଲ୍ଲୀ, ୧୭।୩(ଏଜେନ୍ସି) : ଆଇପିଏଲର ୧୯ତମ ସଂସ୍କରଣ ଆଉ ଦିନକେଇଟା ପରେ ଆରମ୍ଭ ହେବାକୁ ଯାଉଛି। ଆଇପିଏଲକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ବିସିସିଆଇ କେତେକ କଠୋର ନିୟମ ଜାରି କରିଛି। ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଦୁଇଟି ଅଭ୍ୟାସ ମ୍ୟାଚରୁ ଅଧିକ ଖେଳିପାରିବେ ନାହିଁ। ଅଧିକ ମ୍ୟାଚ ଖେଳିବାକୁ ହେଲେ ଅନୁମତି ନେବାକୁ ହେବ। ଆଇପିଏଲ ଖେଳାଯିବାକୁ ଥିବା




ପିଚ୍‌ରେ ଅଭ୍ୟାସ ମ୍ୟାଚ ହୋଇପାରିବ ନାହିଁ। ଫ୍ଲଡ ଲାଇଟ୍‌ରେ ଅଭ୍ୟାସ ମ୍ୟାଚ ଖେଳାଗଲେ ଏହା ୩.୩୦ ମିନିଟରୁ ଅଧିକ ହେବ ନାହିଁ। ଗୋଟିଏ ଦଳର ନେଟ୍ସ ଓ ପିଚ୍ ଅନ୍ୟଦଳ ବ୍ୟବହାର କରିପାରିବେ ନାହିଁ। ଫ୍ରାଞ୍ଚାଇଜ୍ ଟିମ ଘରୋଇ ମ୍ୟାଚର ୪ ଦିନ ପୂର୍ବରୁ ମୁଖ୍ୟ ପିଚ୍ ଉପରେ ଅଭ୍ୟାସ କରିବାକୁ ଅନୁମତି ଦିଆଯିବ ନାହିଁ। ଯଦି ଆବଶ୍ୟକ ହୁଏ ତେବେ ବିକଳ୍ପ ଗ୍ରାଉଣ୍ଡର ବ୍ୟବସ୍ଥା କରାଯିବ। ବିସିସିଆଇ ଆଇପିଏଲକୁ ସମ୍ପୂର୍ଣ୍ଣ ନିରପେକ୍ଷ ଭାବେ କରିବାକୁ ଚାହାଁନ୍ତି। ପୂର୍ବରୁ ଘରୋଇ ପରିବେଶରେ ମ୍ୟାଚ ଖେଳାଯିବାରେ ପକ୍ଷପାତିତା ହୋଇଥିବା ଅଭିଯୋଗ ହୋଇଥିଲା। ବିସିସିଆଇ ଉଭୟ ଦଳକୁ ଯେପରି ସମାନ ସୁଯୋଗ ମିଳିବ ଏ ଦୃଷ୍ଟିରୁ ଗାଇଡ୍ ଲାଇନ ଜାରି କରିଛି।

# ଅଭିଶେକ ହୋଇପାରନ୍ତି ସନରାଇଜର୍ସ ଅଧିନାୟକ

ନୂଆଦିଲ୍ଲୀ, ୧୭।୩(ଏଜେନ୍ସି) : ଆଇପିଏଲ୍ ୨୦୨୬ ସିଜନରେ ଅଭିଶେକ ଶର୍ମାଙ୍କୁ ବଡ ଦାୟିତ୍ୱ ମିଳିପାରେ । ତାଙ୍କୁ ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ ପଦ ମିଳିବ ବୋଲି ଚର୍ଚ୍ଚା ହେଉଛି। ଦଳର ଅଧିନାୟକ ଦାୟିତ୍ୱ ପାଟକୁମିନ୍ସଙ୍କ ହାତରେ ଥିଲା। ପିଠି ସମସ୍ୟା ଯୋଗୁଁ ସେ ଏବେ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ଅଛନ୍ତି। ମାର୍ଚ୍ଚ ୨୮ ରୁ ଆଇପିଏଲ ଆରମ୍ଭ ହେବ। ସେ ସମୟରେ କୁମିନ୍ସଙ୍କ ଖେଳିବା ସମ୍ଭବପର ହେଉନି। ଏହାକୁ ଦୃଷ୍ଟିରେ ରଖି ଅଭିଶେକଙ୍କୁ ଅଧିନାୟକ ଦାୟିତ୍ୱ ଦେବାକୁ ବିଚାର କରାଯାଉଛି। କୁମିନ୍ସ ଦଳ ସହିତ ଯୋଗ ଦେବା ପର୍ଯ୍ୟନ୍ତ ଅଭିଶେକ ଦଳର ନେତୃତ୍ୱ ନେବେ। ହାଇଦ୍ରାବାଦ ପକ୍ଷରୁ ଏନେଇ ଅଫିସିଆଲ ଭାବେ କୌଣସି ସୂଚନା ଦିଆଯାଇନାହିଁ। ଅଭିଶେଷ




୭୭ ଟି ଆଇପିଏଲ ମ୍ୟାଚ ଖେଳି ୧୮୧୬ ରନ ସଂଗ୍ରହ କରିଛନ୍ତି। ଏଥିରେ ସେ ଗୋଟିଏ ଶତକ ଓ ୯ ଟି ଅର୍ଦ୍ଧଶତକ ମାରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ ଆଇପିଏଲର ଉଦ୍‌ଘାଟନି ମ୍ୟାଚ ହେବ।

# ଏଲଏଲ୍‌ସିସି କପ୍ : ପ୍ରଥମ ରାଉଣ୍ଡରୁ ଟାଉନ୍ କ୍ଲବ ବିଦା

ଭୁବନେଶ୍ୱର, ୧୭।୩ (ସବ୍ୟୁ) : ସ୍ଥାନୀୟ ଆଇଆରସିସିରେ ଚାଲିଥିବା ୫ମ ଏଲଏଲସିସି ୧୪ ବର୍ଷରୁ କମ ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି ଟାଉନ କ୍ଲବ। ଆଜି ଦଳ ପାରାମାଉଣ୍ଟ ସ୍ପୋର୍ଟିଂକୁ ଭେଟିଥିବା ବେଳେ ୩୮ ରନରେ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୮ ୱିକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ପ୍ରୀତମ ପି ରାଉତ ୫୫ ରନ ଓ ସୁସଙ୍କେତ ରାଉତରାୟ ୫୫ ବଲରେ ୬୨ ରନର ଇନିଂସ ଖେଳିଥିଲେ। ସେହିପରି ଟାଉନ କ୍ଲବର ଅଜିତ ପ୍ରଧାନ, ସୁକାନ୍ତ କୁମାର ବେହେରା ଓ ଆଦର୍ଶ ବିଶ୍ୱାଳଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା। ନିଶାନ୍ତ ବାବୁ ଗୋଟିଏ ଓ ଦଳକୁ ରନ ଆଉଟ ରୂପରେ ଆଉ ଗୋଟିଏ ସଫଳତା ମିଳିଥିଲା। ୨୧୫ ରନର ଟାର୍ଗେଟ ପାଇଥିବା ଟାଉନ ପ୍ରଥମ ୱିକେଟ ପାଇଁ



୫୧ ରନ ଯୋଡ଼ିଥିଲା। ଅଧିନାୟକ ଆଦର୍ଶ ବିଶ୍ୱାଳ ମଧ୍ୟ ୬୨ ବଲରେ ଅପରାଜିତ ୭୨ ରନର ଇନିଂସ ଖେଳିଥିଲେ। କିନ୍ତୁ ଅନ୍ୟ ବ୍ୟାଟରଙ୍କ ଧିମା ବ୍ୟାଟିଂ ଯୋଗୁ ଟାଉନ କ୍ଲବ ନିର୍ଦ୍ଧାରିତ ୩୫ ଓଭରରେ ୫ ୱିକେଟ ହରାଇ କେବଳ ୧୭୬ ରନ କରିପାରିଥିଲା। ଦଳ ପକ୍ଷରୁ ପ୍ରତୀକ ରାୟ ୩୭ ବଲରେ ୧୬, ସାଇସ୍ୱରୂପ ୩୨ ବଲରେ ୨୩, ଆୟୁଷ୍ମାନ ମହାନ୍ତି ୪୦ ବଲରେ ୨୦ ଓ ନିଶାନ୍ତ ବାବୁ ୧୩ ବଲରେ ଖାତା ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି। ଟାଉନ କ୍ଲବର ବ୍ୟାଟର ଧିମା ବ୍ୟାଟିଂ କରିବାରୁ ପାରାମାଉଣ୍ଟ ୩୮ ରନରେ ମ୍ୟାଚ୍ ଜିତି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପାରାମାଉଣ୍ଟ ପାଇଁ ଶାଜେବ ଆଲାମ ୭ ଓଭରରେ ୫ଟି ମେଡନ ସହ ୧୬ ରନ କରି ୨ଟି ୱିକେଟ ଦଖଲ କରିଛନ୍ତି। ଏହି ଘାତକ ବୋଲିଂ ଏଲଏଲସିସିର ଯୁଗ୍ମ ସମ୍ପାଦକ ଅଜୟ କୁମାର ସାହୁ ତାଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ କୁମାର ତ୍ରିପାଠୀ, ସମ୍ବିତ କୁମାର ମିଶ୍ର ଓ ଶାଶ୍ୱତ ଶୁଭମଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

### ଜାତୀୟ ଯୁଥ ଭଲିବଲ ଚାମ୍ପିଅନସିପ୍

# କ୍ୱାର୍ଟରରେ ଓଡିଶା ପୁରୁଷ, ମହିଳା ଦଳ

ଭୁବନେଶ୍ୱର, ୧୭।୩ (ସବ୍ୟୁ) : କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୨୬ତମ ଜାତୀୟ ଯୁଥ୍ ଭଲିବଲ୍ ଚାମ୍ପିଅନସିପର କ୍ୱାର୍ଟର ଫାଇନାଲରେ ଓଡିଶା ପୁରୁଷ ଓ ମହିଳା ଦଳ ପ୍ରବେଶ କରିଛି। ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତାର ତୃତୀୟ ଦିନ ପୁଲ ପର୍ଯ୍ୟାୟରେ ଓଡିଶା ପୁରୁଷ ଓ ମହିଳା ଦଳ ଶୀର୍ଷ ସ୍ଥାନ ଅଧିକାର କରି କ୍ୱାର୍ଟର ଫାଇନାଲକୁ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ଓଡିଶା ପୁରୁଷ ଦଳ ପୁଲ ପର୍ଯ୍ୟାୟରେ ଦୁଇଟି ମ୍ୟାଚ ଜିତିଥିଲା। ଛତିଶଗଡକୁ ୨୫-୧୦, ୨୫-୧୩, ୨୫-୧୫ (୩-୦) ସେଟ୍‌ରେ ଧରାଶାୟୀ କରିଥିଲା। ପୁଣି ଦ୍ୱିତୀୟ ମ୍ୟାଚରେ ଆନ୍ଧ୍ରପ୍ରଦେଶକୁ ୨୫-୧୭, ୨୫-୨୧, ୨୧-



୨୫, ୨୬-୨୪(୩-୧) ସେଟ୍‌ରେ ପରାଜିତ କରିଥିଲା। ତେଣୁ ଦଳ ପୁଲ ପର୍ଯ୍ୟାୟରେ ଅପରାଜିତ ରହି କ୍ୱାର୍ଟର ଫାଇନାଲକୁ ଉଠିଛି। ସେହିଭଳି ମହିଳା ଦଳ ପ୍ରଥମ ମ୍ୟାଚରେ ପଶ୍ଚିମବଙ୍ଗକୁ ୧୯-୨୫, ୨୫-୧୮, ୨୫-୧୧, ୨୫-୧୯ (୩-୧) ସେଟ୍‌ରେ ପରାଜିତ କରିଥିଲା। ଦ୍ୱିତୀୟ ମ୍ୟାଚରେ ହିମାଚଳ ପ୍ରଦେଶକୁ ୨୫-୧୪, ୨୫-୧୧(୩-୦ ) ସେଟରେ ପରାଜିତ କରିଥିଲା।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାରି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୦୯୮୫୩୩୧୬୪ / ଇମେଲ୍ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୦୯୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ଏସଜେଏଫ୍‌ଆଇ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ସମାପିତ

ଭୁବନେଶ୍ୱର, ୧୭।୩(ସବ୍ୟୁ) : ଭାରତୀୟ କ୍ରୀଡା ସାମ୍ବାଦିକ ସଂଘ (ଏସଜେଏଫ୍‌ଆଇ)ର ୫୦ତମ ଜାତୀୟ ସମାରୋହ ରାଜଧାନୀ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ସୋମବାର ରାତିରେ ସମାପିତ ହୋଇଛି। ୨୩ ବର୍ଷ ପରେ ଦିଲ୍ଲୀ କ୍ରୀଡ଼ା ସାମ୍ବାଦିକ ସଂଘ (ଡିଏସ୍ଜେଏ) ଏହାକୁ ଆୟୋଜନ କରିଥିବା ବେଳେ ଘରୋଇ ଉତ୍ତରାଞ୍ଚଳ ଦଳ ଏକ ଦଶନ୍ଧିର ଲମ୍ବା ବ୍ୟବଧାନ ପରେ ଜେକେ ବୋଷ ଟ୍ରଫି ଅନ୍ତଃଜୋନ କ୍ରିକେଟ୍ ପ୍ରତିଯୋଗିତା ଜିତି ଏହାକୁ ଅଧିକ ସ୍ମରଣୀୟ କରିଛି। ଲିଗ୍ ଭିତ୍ତିକ ଏହି ପ୍ରତିଯୋଗିତାରେ ଉତ୍ତରାଞ୍ଚଳ ନିଜ ସମସ୍ତ ୩ ମ୍ୟାଚ୍ ଜିତି ଅପରାଜିତ ରହି ଶୀର୍ଷରେ ଅଭିଯାନ ଶେଷ କରିଥିଲା। ଦୁଇଟି ବିଜୟ ସହ ପଶ୍ଚିମାଞ୍ଚଳ ଉପବିଜେତା ହୋଇଥିଲା। ସେହିଭଳି ଏସି ବାଲି ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ମୁମ୍ବାଇ କ୍ରୀଡ଼ା ସାମ୍ବାଦିକ ସଂଘକୁ ହ୍ୟାଟ୍ରିକ୍ ସଫଳତା ମିଳିଛି। ଅମୋଲ କାରାହଦକର, ଅଶ୍ୱିନ ଫେରୋଙ୍କ ମୁମ୍ବାଇ ଦଳ ଦଳଗତ ଓ ଯୁଗଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅମୋଲ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ବି ଜିତିଥିଲେ। ବାସ୍କେଟବଲ ଥ୍ରୋ ଓ ଫୁଟବଲ ଫ୍ରି କିକ୍‌ରେ ମଧ୍ୟ ମୁମ୍ବାଇ ଦଳ ବିଜେତା ହୋଇ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲା। ପ୍ରତି ସଂଧ୍ୟାରେ ଅନୁଷ୍ଠିତ କ୍ରୀଡ଼ା ସମାରୋହରେ 'ଦିଲ୍ଲୀ ରକ୍ସ' ଉନ୍ମୋଚିତ ହୋଇ ପାରମ୍ପରିକ ଧାରାକୁ ଜାରି ରଖିଥିଲା। ସବୁଠାରୁ ବଡ଼ କଥା ହେଲା ସୋମବାରର

- ■ ଉତ୍ତରାଞ୍ଚଳ ଜିତିଲା ଜେକେ ବୋଷ ଟ୍ରଫି
- ■ ଡିଡିସିଏ ଦେଲା ୫ ଲକ୍ଷ ଟଙ୍କା ପୁରସ୍କାର
- ■ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ସମ୍ମାନିତ




ଉଦ୍‌ଯାପନୀ ଉତ୍ସବରେ ଡିଡିସିଏ ସଭାପତି ରୋହନ ଜେଟଲୀ ବିଜେତା ଉତ୍ତରାଞ୍ଚଳ ଦଳ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହି ଅବସରରେ ବିଶ୍ୱକପ୍ ବିଜୟିନୀ ମହିଳା କ୍ରିକେଟର୍ ପ୍ରତୀକା ରାୱଲଙ୍କୁ ମଧ୍ୟ ୫୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ସମ୍ମାନିତ କରିଥିଲା ଡିଡିସିଏ। ଏସଜେଏଫ୍‌ଆଇକୁ ପୁନଃଜୀବନ ପ୍ରଦାନ କରିଥିବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍ଜା)କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁଙ୍କ ସହ ଦୀପ୍ତି ରଂଜନ ସାମଲ, ବିମଳ କୁମାର ରାଉଳ, ତୁଷାର ସେନାପତି ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ସନ୍ଦୀପ, ବିମଳ, ତୁଷାର ଜେକେ ବୋଷ ଟ୍ରଫିରେ ପ୍ରଥମ ପଦାର୍ପଣ କରିଥିଲେ। ମାର୍ଚ୍ଚ ୧୩ ତାରିଖରେ ଉଦ୍‌ଘାଟିତ ଏହି ୪ଦିନିଆ ଉତ୍ସବର ବିଭିନ୍ନ ଦିବସରେ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡସେ, ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ଆଇସିସି ଅଧ୍ୟକ୍ଷ ଜୟ ଶାହ, ଭାରତୀୟ ଅଲିମ୍ପିକ୍ ସଂଘ ସଭାନେତ୍ରୀ ପିଟି ଉଷା, ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା, ତୀରନ୍ଦାଜ ଜ୍ୟୋତି ସୁରେଖା ଭେନ୍ନମ, ବିଶ୍ୱକପ୍ ପଦକ ବିଜୟିନୀ ସ୍କ୍ୱାସ୍ ଖେଳାଳି ଅନାହତ ସିଂହ, ପଞ୍ଜାବ କିଙ୍ଗ୍ସ ମାଲିକ ନେସ ୱାଡିଆ ପ୍ରମୁଖ ଅତିଥି ଯୋଗ ଦେଇ ଖେଳାଳି, ଖେଳ ପ୍ରଶାସକ, ଖେଳ ସାମ୍ବାଦିକଙ୍କ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଡିଏସ୍ଜେଏ ସଭାପତି ଅଭିଷେକ ତ୍ରିପାଠୀ, ସମ୍ପାଦକ ସବୁ ହୁସେନ, ଏସ୍ଜେଏଫ୍‌ଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ, ସମ୍ପାଦକ ଭି ରମେଶଙ୍କ ତତ୍ତ୍ୱାବଧାନରେ ଜାତୀୟ ସମ୍ମିଳନୀ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିଲା।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି